ଜଗଦୀଶ ଟାଇଟଲରଙ୍କ ବିରୋଧରେ ସିବିଆଇର ଚାର୍ଜସିଟ୍ | ୧୦

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ପ୍ଲେ-ଅପ୍ ପାଇଁ ଚେନ୍ନାଇର ଯୋଗ୍ୟତା | ୧୧

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୫୯ Vol. 20 No-59 21 MAY 2023 SUNDAY BHUBANESWAR ରବିବାର, ୨୧ ମଇ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦

ରାଜ୍ୟ ମନ୍ତ୍ରିମଣ୍ଡଳରେ ଅଦଳବଦଳ ଆଶା ଉଜ୍ଜ୍ୱଳ

ସୋମବାର ଶପଥ ଗ୍ରହଣ !

ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ପ୍ରସ୍ତୁତିପର୍ବ ଆରମ୍ଭ

ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲରେ ହେବ ଶପଥ ଗ୍ରହଣ

ନୂଆ ମୁହଁଙ୍କୁ ନେଇ ଚର୍ଚ୍ଚା ଜୋରଦାର



ଭୁବନେଶ୍ୱର, ୨୦।୫(ଭାସ୍କର ନ୍ୟୁଜ): ସବୁ କଳ୍ପନା ଜଳ୍ପନାର ଅବସାନ ଘଟିବାକୁ ଯାଉଛି । ରାଜ୍ୟ ମନ୍ତ୍ରିମଣ୍ଡଳରେ ଅଦଳବଦଳ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆସନ୍ତା ସୋମବାର ସକାଳ ସାଢେ ୯ଟାରେ ନୂଆ ମନ୍ତ୍ରୀମାନେ ଶପଥ ନେବା ନେଇ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନୂଆ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ । ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ରାଜ୍ୟପାଳ ତାଙ୍କ ଗସ୍ତ କାର୍ଯ୍ୟକ୍ରମକୁ କାଣ୍ଟଛାଣ୍ଟ କରି ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ଫେରିବେ । ତେଣୁ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଚର୍ଚ୍ଚା ଜୋର ଧରିଛି । ତେବେ ନବୀନଙ୍କ ମନ୍ତ୍ରିମଣ୍ଡଳରେ କେଉଁମାନଙ୍କୁ ନିଆଯିବ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ । ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏବଂ ଦୁଇ ମନ୍ତ୍ରୀ ସମୀର ରଞ୍ଜନ ଦାସ ଏବଂ ଶ୍ରୀକାନ୍ତ ସାହୁ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି । ଫଳରେ ବାଚସ୍ପତି ପଦବୀ ଖାଲି ପଡ଼ିଥିବାବେଳେ ଦୁଇ ମନ୍ତ୍ରୀଙ୍କ ପଦବୀ ମଧ୍ୟ ଖାଲି ପଡ଼ିଛି । ସେହିପରି ଦିବଂଗତ ମନ୍ତ୍ରୀ ନବ ଦାସଙ୍କ ପରଲୋକ ପରେ ସେହି ପଦବୀଟି ଖାଲି ପଡ଼ିଥିବାରୁ ମୋଟ ୩ଟି ମନ୍ତ୍ରୀପଦ ଫାଙ୍କା ରହିଛି । ଲୋକସେବା ଭବନର କନଭେନସନ ହଲରେ ନୂତନ ମନ୍ତ୍ରୀମାନେ ଶପଥଗ୍ରହଣ କରିବେ । ଏ ନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ପ୍ରସ୍ତୁତି ପର୍ବ ଜୋର ଧରିବା ସହ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ମଧ୍ୟ ଅବଗତ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ବାଚସ୍ପତି ରେସ୍‌ରେ ବିଧାୟକ ଅମର ଶତପଥୀ, ଶଶୀଭୂଷଣ ବେହେରା, ନିରଞ୍ଜନ ପୂଜାରୀ, ଦେବୀପ୍ରସାଦ ମିଶ୍ର ଓ ପ୍ରଫୁଲ୍ଲ ସାମଲଙ୍କ ନାମ ଚର୍ଚ୍ଚାରେ ରହିଥିବାବେଳେ ସମ୍ଭାବ୍ୟ ମନ୍ତ୍ରୀ ତାଲିକାରେ ବିକ୍ରମ କେଶରୀ ଆରୁଖ, ବିଜେଡିର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ଦେବୀ ପ୍ରସାଦ ମିଶ୍ର, ଉମାକାନ୍ତ ସାମନ୍ତରାୟଙ୍କ ନାମ ଚର୍ଚ୍ଚାରେ ରହିଛି । ସେହିପରି ପଶ୍ଚିମ ଓଡ଼ିଶାରୁ ନବ ନିର୍ବାଚିତ ବିଧାୟିକା ଦୀପାଳି ଦାସ ଓ ବିଧାୟିକା ବର୍ଷା ସିଂ ବରିହାଙ୍କ ନାମ ଆଗରେ ରହିଥିବାବେଳେ ସୁଶାନ୍ତ ସିଂ, ସାରଦା ନାୟକଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି । ସେହିପରି ଯଦି ବିକ୍ରମ କେଶରୀ ଆରୁଖଙ୍କୁ ମନ୍ତ୍ରୀ କରାନଯାଇ ସଂଗଠନ ଦାୟିତ୍ୱ ଦିଆଯାଏ ତେବେ ଗଞ୍ଜାମରୁ ଲତିକା ପ୍ରଧାନ ଓ ବିକ୍ରମ ପଣ୍ଡାଙ୍କ ମଧ୍ୟରୁ କାହାକୁ ମନ୍ତ୍ରୀ କରାଯିବାର ମଧ୍ୟ ସମ୍ଭାବନା ରହିଛି । ସେହିପରି ଆଉଜଣେ ମନ୍ତ୍ରୀଙ୍କୁ ତାଙ୍କ ପଦରୁ ଇସ୍ତଫା ଦେବାକୁ କୁହାଯିବା ନେଇ ମଧ୍ୟ ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ ଦୁଇ ମନ୍ତ୍ରୀ ଇସ୍ତଫା ଦେବାପରେ ସେମାନଙ୍କ ଦାୟିତ୍ୱ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ଉପରେ ନ୍ୟସ୍ତ କରାଯାଇଛି । ସମ୍ଭବତଃ ୨୦୨୪ ନିର୍ବାଚନ ପୂର୍ବରୁ ଏହା ନବୀନ ପଟ୍ଟନାୟକଙ୍କ ଶେଷ ଅଦଳବଦଳ ବୋଲି କୁହାଯାଉଛି । ମନ୍ତ୍ରିମଣ୍ଡଳ ଅଦଳବଦଳ ହେବା ନେଇ ଚୂଡ଼ାନ୍ତ ହେବାପରେ ଆଶାୟୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି । ଏପରିକି ମନ୍ତ୍ରୀ ହେବାପାଇଁ କେତେକ ବିଧାୟକ ଲବି କରୁଥିବା ଦେଖିବାକୁ ମିଳିଛି ।

୫-ଟି ସଚିବଙ୍କ କଳାହାଣ୍ଡି ଗସ୍ତର ଦ୍ୱିତୀୟ ଦିନ

ପିପଳନଳା ଜଳସେଚନ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା

- ଏସ୍‌ଏଚ୍‌ଜି ମା', ଛାତ୍ରଛାତ୍ରୀଙ୍କ ସହ ଆଲୋଚନା
- ବଦଳିବ ପ୍ରସିଦ୍ଧ ବୁଢ଼ାରାଜା ମନ୍ଦିରର ରୂପରେଖ
- ଆମ ପାଣିରେ ହେବ ମିନି ଷ୍ଟାଡିୟମ୍

ଭବାନୀପାଟଣା, ୨୦।୫(ଭାସ୍କର ନ୍ୟୁଜ) : ତିନିଦିନିଆ କଳାହାଣ୍ଡି ଓ ନୂଆପଡା ଗସ୍ତରେ ଥିବା ୫-ଟି ସଚିବ ଭିକେ ପାଣ୍ଡିଆନ୍ ଶନିବାର ତାଙ୍କ ଗସ୍ତର ଦ୍ୱିତୀୟ ଦିନରେ ଭବାନୀପାଟଣା ପିପଳନଳା ଜଳସେଚନ ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ କରିଥିଲେ । ଏହି ପ୍ରକଳ୍ପ ଦ୍ୱାରା ପିପଳନଳା, କଳାହାଣ୍ଡି, ଲାଞ୍ଜିଗଡ, ଭଟାଙ୍ଗପଦର ଅଞ୍ଚଳର ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ । ଏହାପରେ ଶ୍ରୀ ପାଣ୍ଡିଆନ ଭଟାଙ୍ଗପଦର ଏଚ୍‌ଏସ୍ ଗ୍ରାଉଣ୍ଡରେ ପହଞ୍ଚି ଛାତ୍ରଛାତ୍ରୀ ଓ ଏସ୍‌ଏଚ୍‌ଜି ମା'ମାନଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କ ସମସ୍ୟା ସଂପର୍କରେ ମଧ୍ୟ ଅବଗତ ହୋଇଥିଲେ । ଭଟାଙ୍ଗପଦରରୁ ଭବାନୀପାଟଣା ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଉନ୍ନତିକରଣ ସହ ରାବଣଦୋର ଜଳପ୍ରପାତର ବିକାଶ କରାଯିବ ବୋଲି ଶ୍ରୀ ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ । ପର୍ଯ୍ୟଟକଙ୍କ ପାଇଁ ଏହା ଏକ ନୂତନ ଗନ୍ତବ୍ୟସ୍ଥଳ ପାଲଟିବ ବୋଲି ସେ କହିଥିଲେ । ଏହାସହ ରାସ୍ତାର ମଧ୍ୟ ସମ୍ପ୍ରସାରଣ କରାଯିବ । ଏଥିନେଇ ଡିପିଆର ପ୍ରସ୍ତୁତ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏପରିକି ବର୍ଷକ ମଧ୍ୟରେ କାମ ● ପୃଷ୍ଠା ୮ ଦେଖନ୍ତୁ

ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ

ମୋଦିଙ୍କୁ ଭେଟିଲେ ଜେଲେନସ୍କି

ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା

ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ମୋଦୀଙ୍କୁ ଭେଟିଲେ ବାଇଡେନ୍

ନୂଆଦିଲ୍ଲୀ, ୨୦।୫ : ଜାପାନରେ ଆରମ୍ଭ ହୋଇଛି ଜି-୭ ବୈଠକ । ଏହି ଶିଖର ସମ୍ମିଳନୀରେ ଯୋଗଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଶନିବାର ଶ୍ରୀ ମୋଦୀ ହିରୋସୀମାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସେ କହିଛନ୍ତି ଯେ, ବାପୁଙ୍କ ପ୍ରତିମା ଅହିଂସା ବିଚାରଧାରା ରଖୁଥିବା ଲୋକଙ୍କ ପାଇଁ ପ୍ରେରଣା । ଏହାପରେ ସେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଆ କିଶିଦାଙ୍କୁ ସାକ୍ଷାତ କରିଥିଲେ । ଅନ୍ୟପକ୍ଷରେ ବୈଠକ ସମୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ମୋଦୀଙ୍କୁ ଭେଟିଥିଲେ । ମୋଦୀଙ୍କୁ ଭେଟିବା ପାଇଁ ବାଇଡେନ ତାଙ୍କ ଚୌକି ପାଖକୁ ଚାଲିଯାଇଥିଲେ । ଏହାପରେ ମୋଦୀ ନିଜ ଆସନରେ ଛିଡା ହୋଇଥିଲେ ଏବଂ ଉଭୟ ପରସ୍ପରଙ୍କୁ ଆଲିଙ୍ଗନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ନିକଟ ଭବିଷ୍ୟତରେ ପ୍ରଧାନମନ୍ତ୍ରୀ ମୋଦୀ ଆମେରିକା ଗସ୍ତରେ ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଏହାଛଡା ମୋଦୀ ଜାପାନର ପ୍ରସିଦ୍ଧ ● ପୃଷ୍ଠା ୮ ଦେଖନ୍ତୁ

କର୍ଣ୍ଣାଟକରେ କଂଗ୍ରେସ ଯୁଗ ଆରମ୍ଭ

ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସିଦ୍ଧରମେୟା



ଉପମୁଖ୍ୟମନ୍ତ୍ରୀ ଭାବେ ଡିକେ ଶିବକୁମାରଙ୍କ ଶପଥ

୮ କ୍ୟାବିନେଟ ମନ୍ତ୍ରୀ ସାମିଲ

ଶକ୍ତି ପ୍ରଦର୍ଶନ କଲେ ବିରୋଧୀ

ବେଙ୍ଗାଲୁରୁ, ୨୦।୫: କର୍ଣ୍ଣାଟକରେ କଂଗ୍ରେସ ଯୁଗ ଆରମ୍ଭ ହୋଇଛି । ଅର୍ଥାତ୍ ଶାସନ ଡୋରୀ କଂଗ୍ରେସ ହାତକୁ ଯାଇଛି । ଶନିବାର କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀଭାବେ ଶପଥ ନେଇଛନ୍ତି ସିଦ୍ଧରମେୟା । ରାଜ୍ୟପାଳ ଥାବରଚନ୍ଦ ଗେହଲଟ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ସିଦ୍ଧରମେୟା ଦ୍ୱିତୀୟଥର ପାଇଁ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ତାଙ୍କ ସହ କର୍ଣ୍ଣାଟକ କଂଗ୍ରେସ ମୁଖ୍ୟ ଡିକେ ଶିବକୁମାର ଉପମୁଖ୍ୟମନ୍ତ୍ରୀଭାବେ ଶପଥ ନେଇଥିବା ବେଳେ ୮ଜଣ କ୍ୟାବିନେଟ ମନ୍ତ୍ରୀ ଭାବେ ମଧ୍ୟ ଶପଥ ଗ୍ରହଣ କରିଛନ୍ତି । ଏହି ୮ଜଣ ବିଭିନ୍ନ ଜାତି ଓ ସମ୍ପ୍ରଦାୟକୁ ପ୍ରତିନିଧିତ୍ୱ କରୁଛନ୍ତି । ଯେଉଁ ୮ଜଣ କ୍ୟାବିନେଟରେ ସାମିଲ ହୋଇଛନ୍ତି ସେମାନେ ● ପୃଷ୍ଠା ୮ ଦେଖନ୍ତୁ

ସଂକ୍ଷେପରେ...

ସ୍ଥାୟୀ ପୋଲିସ ଚୟନ ବୋର୍ଡକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର, ୨୦।୫(ଭାସ୍କର ନ୍ୟୁଜ): ରାଜ୍ୟରେ ସ୍ଥାୟୀ ପୋଲିସ ଚୟନ ବୋର୍ଡ ଗଠନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ ପ୍ରଦାନ କରିଛନ୍ତି । ଏହି ବୋର୍ଡରେ ଅଧ୍ୟକ୍ଷଙ୍କ ସମେତ ୨ଜଣ ସଦସ୍ୟ ରହିବେ । ଏହାବାଦ୍ ବୋର୍ଡ ଅଫିସ କାର୍ଯ୍ୟ ପରିଚାଳନା ପାଇଁ ୨୪ଟି ପ୍ରଶାସନିକ ତଥା ଅନ୍ୟ ପଦବୀ ମଧ୍ୟ ଅନୁମୋଦନ ଲାଭ କରିଛି । ବୋର୍ଡର ଅଧ୍ୟକ୍ଷ ପଦରେ ଜଣେ ସ୍ୱତନ୍ତ୍ର ଡିଜି ବା ଅତିରିକ୍ତ ଡିଜି ପାହ୍ୟାର ଅଧିକାରୀଙ୍କୁ ଅବସ୍ଥାପିତ କରାଯିବ । ପୋଲିସ ବିଭାଗରେ ସିପାହୀଠାରୁ ଆରମ୍ଭ କରି ଏସ୍‌ଆଇ ପର୍ଯ୍ୟନ୍ତ ନିଯୁକ୍ତି ଦାୟିତ୍ୱ ଏହି ବୋର୍ଡ ସମ୍ପାଦନ କରିବ ।

ଓଡ଼ିଶାକୁ ମିଳିଲା ଆଉ ଦୁଇ ସ୍ୱତନ୍ତ୍ର ନୂଆ ରେଳପ୍ରକଳ୍ପ

ଭୁବନେଶ୍ୱର, ୨୦।୫ (ଭାସ୍କର ନ୍ୟୁଜ) : ଓଡ଼ିଶାକୁ ମିଳିଲା ଆଉ ଦୁଇଟି ସ୍ୱତନ୍ତ୍ର ନୂଆ ରେଳପ୍ରକଳ୍ପ । ନୂତନ ଭାବେ ନିର୍ମାଣ ହେବ ତାଳଚେର-ଅନୁଗୁଳ ରେଳ ପ୍ରକଳ୍ପ । ତାଳଚେରଠାରୁ ଏହା ୱାଇ କନେକ୍ସନ ରହିବ । ଏହି ନୂଆ ରେଳ ଲାଇନର ମୋଟ ଦୂରତା ହେଉଛି ୧୬.୫୦କି.ମି. । ସେହିପରି ବରଗଡ ରୋଡ ଠାରୁ ନୂଆପଡା ପର୍ଯ୍ୟନ୍ତ ନୂଆ ରେଳ ଲାଇନ ନିର୍ମାଣ କରାଯିବ । ଏହି ଲାଇନର ଦୂରତା ରହିବ ୧୪୨ କି.ମି. । ଏହି ରେଳ ପଥ ପୂର୍ବତଟ ରେଳପଥର ସମ୍ବଲପୁର ଡିଭିଜନ ଅଧିନରେ ରହିବ । କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ଲାଗି ଏହି ଦୁଇ ନୂତନ ପ୍ରକଳ୍ପ ନିମନ୍ତେ ବିଜ୍ଞପ୍ତି ଜାରି ହୋଇଛି । ଗତ ପଦ୍ମପୁର ଉପନିର୍ବାଚନ ସମୟରେ ବରଗଡ-ନୂଆପଡା ● ପୃଷ୍ଠା ୮ ଦେଖନ୍ତୁ

ସେନ୍‌ସେକ୍ସ: ୬୧,୭୨୯.୬୮

ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୭ ଡିଗ୍ରୀ
ସର୍ବନିମ୍ନ: ୨୮ ଡିଗ୍ରୀ

୨୦।୫ର ମତାମତ

ପୁଣିଥରେ ନୋଟ୍‌ବନ୍ଦୀ କରାଯିବା ଯଥାର୍ଥ କି ?



ଆଜିର ପ୍ରସଙ୍ଗ

ସ୍ଥାୟୀ ପୋଲିସ ଚୟନ ବୋର୍ଡ ଗଠନ ହେଲେ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ରହିବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ

କର୍ଣ୍ଣାଟକରେ ନୂତନ ନାଟକ
କଂଗ୍ରେସ କରିଲା ସୁରୁ,
ବିଜେପିର ସେଠି ମରମ ଜଳୁଛି
ବାହାରି ପାରୁନି ଘରୁ ।
ଖରାଦିନ ତାତିଠାରୁ,
ରାଜନୀତି ସେଠି ଅଧିକା ଗରମ
ଉଠେପଡ଼େ ବେଙ୍ଗାଲୁରୁ !

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସଂକ୍ରମଣ ନିରାକରଣ ଓ ନିୟନ୍ତ୍ରଣ ନେଇ ସମ୍ ଅଲ୍ଟିମେଟ ମେଡିକେୟାରରେ ଶନିବାର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ଓଡ଼ିଶାର ବିଭିନ୍ନ ହସ୍ପିଟାଲ୍‌ର ଚିକିତ୍ସା କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିଙ୍କ ସମେତ ନର୍ସ, ପାରାମେଡିକ୍ସ ଓ ଲାବାରେଟୋରୀ ଟେକ୍ନିସିଆନ୍‌ମାନେ ଯୋଗ ଦେଇଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍‌ର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ ନିଜ ବକ୍ତବ୍ୟରେ ଉପଯୁକ୍ତ ସଂକ୍ରମଣ ନିରାକରଣ ଓ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍‌ର ଚିଫ୍ ଅଫ୍ ମେଡିକାଲ ସର୍ଭିସେସ୍ ବ୍ରିଗେଡିୟର (ଡକ୍ଟର) ବିରାଜ ମୋହନ ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଣ୍ଟ ଡକ୍ଟର ପ୍ରଶାନ୍ତ କୁମାର ପଣ୍ଡା, କ୍ରିଟିକାଲ୍ କେୟାର ବିଭାଗର ମୁଖ୍ୟ ଡାକ୍ତର ବାନାମ୍ବର ରାୟ, ମାଇକ୍ରୋ ବାୟୋଲୋଜି ବିଭାଗର କନ୍‌ସଲ୍‌ଟାଣ୍ଟ ଡାକ୍ତର ପୁରବୀ ବରାଳ ଏବଂ ଏଏସ୍‌ପିର ସିନିୟର ମ୍ୟାନେଜର ବର୍ଣ୍ଣାଳୀ ବାନିକ୍ ପ୍ରମୁଖ ଉପସ୍ଥିତ ଥିଲେ ।

କାଳ ବୈଶାଖୀରେ ବସ୍ତି ଅଞ୍ଚଳର କ୍ଷୟକ୍ଷତି ଅନୁଧ୍ୟାନ

କଟକ(ଭାସ୍କର ନ୍ୟୁଜ୍): ଶନିବାର ମେୟର ସୁବାସ ସିଂହ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ , କଟକ ମହାନଗର ନିଗମର କମିଶନର ନିଖିଳ ପବନ କୁମାର, ଡେପୁଟି କମିଶନର ସଂଜୀବିତା ରାୟ, ଅମୃତ ସରକାର ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, କର୍ପୋରେଟର ସୁବାସିସ ପଟ୍ଟନାୟକ, କର୍ପୋରେଟର ରାକେଶ ସ୍ୱାଇଁ, କର୍ପୋରେଟର କାମେଶ୍ୱର ରାଓ, ତହସିଲଦାର ମାନସ ରଞ୍ଜନ ଭୋଇ ପ୍ରମୁଖ ଏକ ଟିମ ଭୀଷଣ କାଳ ବୈଶାଖୀ ପବନରେ କଟକ ସହର ବିଭିର୍ଣ୍ଣ ଜାଗାରେ ଗଛ ଉପୁଡିବା ସହ ବସ୍ତି ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଛି । ଆଜବେଷ୍ଟସ ଘର ଭାଙ୍ଗିବା, ଆଜବେଷ୍ଟସ ଉଡ଼ିଯିବା ଓ କାନ୍ଥ ଫାଟ ସୃଷ୍ଟି ହେବା ଘଟଣା ନଜରକୁ ଆସିଛି । ସେହିପରି ବସ୍ତି ଥଇଥାନ ହୋଇଥିବା ବାଲିସାହି ବସ୍ତି, ଯେଉଁ ଠାରେ କି ୩ ହଜାର ପରିବାରକୁ ଥଇଥାନ କରାଯାଇଛି, ସେଠାରେ ବହୁ କ୍ଷୟକ୍ଷତି ଦେଖିବା ସହ ସବୁ କ୍ଷତିଗ୍ରସ୍ତ ପରିବାରକୁ ରେକର୍ଡ କରି ରାଜ୍ୟ ସରକାରଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଜଗତପୁର ନିମପୁର ବସ୍ତି ଯେଉଁ ଠାରେ କି ଏକ ହଜାର ପରିବାର ରହୁଛନ୍ତି, ସେଠାରେ ମଧ୍ୟ ପୁରା ଟିମ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିଲେ ।

‘ଜନତାଙ୍କ କଲ୍ୟାଣ ପ୍ରଶାସନିକ ଅଧିକାରୀଙ୍କ ମୂଳମନ୍ତ୍ର ହେଉ’

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାଧାରଣ ଜନତାଙ୍କ କଲ୍ୟାଣ ପ୍ରଶାସନିକ ଅଧିକାରୀଙ୍କ ମୂଳମନ୍ତ୍ର ହେଉ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ‘୫-ଟି’ ରାଜ୍ୟ ପ୍ରଶାସନ କ୍ଷେତ୍ରରେ ଅତ୍ୟନ୍ତ ପ୍ରଭାବଶାଳୀ ହୋଇ ପାରିଥିବାବେଳେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ‘୫-ଟି’ ଆଧାରରେ କାର୍ଯ୍ୟକାରୀ କରି ଜନସାଧାରଣଙ୍କ ସମୂହ କଲ୍ୟାଣ ହାସଲ କରିବା ଦିଗରେ ପ୍ରଶାସନିକ ଅଧିକାରୀମାନେ ବ୍ରତୀ ହୁଅନ୍ତୁ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଆଜି ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେସନ୍‌ଠାରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରୋବେସନାରୀ ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ପ୍ରଶାସନିକ ଅଧିକାରୀମାନେ ଜନସାଧାରଣ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସେତୁ ରୂପେ କାର୍ଯ୍ୟ କରିଥାଆନ୍ତି । ଜନସାଧାରଣଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ବିଧିବ୍ୟବସ୍ଥା ମଧ୍ୟରେ ନିରପେକ୍ଷତା ଅବଲମ୍ବନ କରି ସେମାନଙ୍କର ସମସ୍ୟାର ସମାଧାନ ଦିଗରେ ଅଧିକାରୀମାନେ କାର୍ଯ୍ୟ କରିବା ଉଚିତ । କାର୍ଯ୍ୟକ୍ଷେତ୍ରରେ ସମ୍ବେଦନଶୀଳତା ଓ ମାନବୀୟ ସ୍ପର୍ଶ ରହିଲେ ଅଧିକାରୀମାନେ ସଫଳ ହେବା ସହିତ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇ ପାରିବେ । ସଂପ୍ରତି ପ୍ରଶାସନିକ କ୍ଷେତ୍ରରେ ଓ ଏହାର ଆଭିମୁଖ୍ୟରେ ବ୍ୟାପକ ପରିବର୍ତ୍ତନ ଆସିଛି । ପ୍ରଶାସନିକ କ୍ଷେତ୍ରରେ ସେମାନଙ୍କୁ ଉନ୍ନୟନ ପ୍ରଶାସକ ଭାବରେ କାର୍ଯ୍ୟକରିବାକୁ ପଡ଼ିବ । ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମହିଳା ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଙ୍କ କଲ୍ୟାଣ ଆଦି ଉପରେ ସର୍ବାଧିକ ପ୍ରାଧାନ୍ୟ ଦେଉଥିବାବେଳେ ଜନସାଧାରଣଙ୍କ ସହିତ ସମନ୍ୱୟ ରଖି ଏସବୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ସଂପ୍ରତି ରାଜ୍ୟ ସରକାର ଅନେକଗୁଡ଼ିଏ ନାଗରିକକୈନ୍ଦ୍ରିକ ସେବା କାର୍ଯ୍ୟକାରୀ କରୁଥିବାବେଳେ ଏହାର ଲାଭ ଯେପରି ଉଦ୍ଦିଷ୍ଟ ବର୍ଗର ହିତାଧିକାରୀଙ୍କ ନିକଟରେ ଠିକ୍ ସମୟରେ ଓ ଠିକଣା ଭାବେ ପହଞ୍ଚିପାରିବ ସେଥିପ୍ରତି ସଜାଗ ଦୃଷ୍ଟିଦେବା ଆବଶ୍ୟକ । ‘ମୋ ସରକାର’ ମାଧ୍ୟମରେ ଜନସାଧାରଣଙ୍କ ପ୍ରତିକ୍ରିୟା ସଂଗ୍ରହ କରି ଆବଶ୍ୟକୀୟ ପଦକ୍ଷେପ ନେବା ଦିଗରେ ପ୍ରଶାସନିକ ଅଧିକାରୀମାନେ ସ୍ୱତନ୍ତ୍ର ଧ୍ୟାନଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେସନ୍‌ର ମହାନିର୍ଦ୍ଦେଶକ ରାଜକୁମାର ଶର୍ମା, ଅତିରିକ୍ତ ମହାନିର୍ଦ୍ଦେଶକ ମନୀଷ ଅଗ୍ରୱାଲ ଏବଂ ଅତିରିକ୍ତ କମିଶନର ହିମାଂଶୁ ଭୂଷଣ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

‘ଅଶୋକ ସାମଲ ଥିଲେ ଜଣେ ପରୋପକାରୀ ବ୍ୟକ୍ତିତ୍ୱ’

କଟକ(ଭାସ୍କର ନ୍ୟୁଜ୍): କଟକ ଟାଉନ୍ ହଲଠାରେ ବରିଷ୍ଠ ରାଜନେତା ଅଶୋକ ସାମଲଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଅଛି । ଅଶୋକ ସାମଲ ଥିଲେ ଜଣେ ସ୍ନେହୀ ଓ ପରୋପକାରୀ ବ୍ୟକ୍ତିତ୍ୱ । ଅଣକଂଗ୍ରେସ ରାଜନୀତିରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ କଂଗ୍ରେସ ଦଳରେ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ ହୋଇପାରିଥିଲେ । ସେ ଥିଲେ ସ୍ପଷ୍ଟବାଦୀ ଓ ନିଆରା ସମାଲୋଚକ । ବହୁ ରାଜନୈତିକ ବ୍ୟକ୍ତିଙ୍କୁ ପ୍ରତିଷ୍ଠିତ କରାଇବାରେ ତାଙ୍କର ଥିଲା ଯଥେଷ୍ଟ ଅବଦାନ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା । ସାଂସଦ ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂ, ବିଧାୟକ ଇଂ ମହମ୍ମଦ ମୋକିମ୍, ଅମର ପ୍ରସାଦ ଶତପଥୀ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଚିତ୍ତ ରଂଜନ ମହାନ୍ତି, ଅମରେନ୍ଦୁ ମହାନ୍ତି, ଲଲାଟେନ୍ଦୁ ବଡ୍ଡୁ, ପ୍ରତାପ ଶତପଥୀ, ଗୌତମ ଦାସ, କେଦାର ପୃଷ୍ଟି, ଅଜୟ କୁମାର ବିହାରୀ, ଗିରିବାଳା ବେହେରା, ଜ୍ୟୋତି ପ୍ରକାଶ ଘୋଷ, ବିଚିତ୍ରାନନ୍ଦ ମିଶ୍ର, ଚୌଧୁରୀ କାଶୀନାଥ ମଲ୍ଲିକ, ବିଭୂ ପ୍ରସନ୍ନ ମହାପାତ୍ର, ସନ୍ତୋଷ କୁମାର ପତି, ବିଜୟ ବେହେରା, ଧର୍ମେଶ ନାୟକ, ପ୍ରଫୁଲ୍ଲ ସିଂ ପ୍ରମୁଖ ସ୍ମୃତିଚାରଣ କରିଥିଲେ ।

କୃତି ବିଦ୍ୟାର୍ଥୀଙ୍କୁ ଓଡିଏମ୍ ଉତ୍କର୍ଷ ଆୱାର୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିକ୍ଷା ହି ଜୀବନର ମାନଦଣ୍ଡ ଏବଂ ବ୍ୟକ୍ତିତ୍ୱର ପରିଚାୟକ । ଚଳିତ ଶିକ୍ଷା ବର୍ଷରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଦ୍ୱାରା ପ୍ରକାଶିତ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ବିଜ୍ଞାନ ଓ ବାଣିଜ୍ୟରେ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିପାରିଥିବା କୃତି ବିଦ୍ୟାର୍ଥୀମାନଙ୍କୁ ନେଇ ‘ଓଡ଼ିଏମ୍ ଉତ୍କର୍ଷ ଆୱାର୍ଡ଼-୨୦୨୩’ ଏକ ଭବ୍ୟ ସମାରୋହରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଭୁବନେଶ୍ୱର ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥିଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ଅଧ୍ୟକ୍ଷ ଡ. ମୀନକେତନ ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା, ନିଷ୍ଠା ଓ ସାଧନାକୁ ପ୍ରଶଂସା କରିବା ସହ ଭବିଷ୍ୟତରେ ଜଣେ ଜଣେ ଉତ୍ତମ ମଣିଷ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ । ତତ୍‌ସହିତ ବିଦ୍ୟାଳୟର ଏହି ସଫଳତା ପାଇଁ ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ (ମାଧ୍ୟମିକ) ଏବଂ ଉପାଧ୍ୟକ୍ଷ ଡ. ରାଜେଶ୍ କୁମାର ପାଢୀ (ଉଚ୍ଚମାଧ୍ୟମିକ) ଏପରିକି ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସାଧୁବାଦ ଜଣାଇବା ସହ ଏ ଦିଗରେ ଅଭିଭାବକମାନଙ୍କର ସହଯୋଗକୁ ଉଚ୍ଚପ୍ରଶଂସା କରିଥିଲେ । ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ଟପ୍ପରସ୍ ମାନଙ୍କୁ ନେଇ ଏକ ତାଲିକା ପୁସ୍ତକ ‘ଉତ୍କର୍ଷ ହ୍ୟାଣ୍ଡବୁକ୍’ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି କୃତି ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ମୁଖ୍ୟ ଶୈକ୍ଷିକ ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ବଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ପି.କେ.ଦାସଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

ଓପିଏସ୍‌ସି ଅଫିସ ସମ୍ମୁଖରେ ମନୋନୀତ ପ୍ରାର୍ଥୀଙ୍କ ବିକ୍ଷୋଭ

କଟକ(ଭାସ୍କର ନ୍ୟୁଜ୍): ଏଏସଓ ପରୀକ୍ଷାର ମେରିଟ ତାଲିକାକୁ ହାଇକୋର୍ଟ ଖାରଜ କରି ଦେବା ପରେ ମନୋନୀତ ପ୍ରାର୍ଥୀ ମାନେ ଚିନ୍ତାଗ୍ରସ୍ତ ଅଛନ୍ତି । ସେମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଆଜି କଟକ ସ୍ଥିତ ଓଡ଼ିଶା ଲୋକସେବା ଆୟୋଗ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନଙ୍କ ପ୍ରତି ଅବିଚାର କରାଯାଇଥିବା ସେମାନେ କହିଛନ୍ତି । ପୂରା ଜଜ୍‌ମେଣ୍ଟ କପି ଆସିବା ପରେ ସେମାନେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଗତ ବର୍ଷ ଅଗଷ୍ଟ ମାସରେ ୭୯୬ଟି ଏଏସଓ ପଦବୀ ପାଇଁ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଲିଖିତ ପରୀକ୍ଷା କରାଯାଇଥିଲା । ଏହା ପରେ ନଭେମ୍ବର ମାସରେ ମେରିଟ ଲିଷ୍ଟ ପ୍ରକାଶ କରାଯାଇଥିଲା । ତେବେ ନଭେମ୍ବର ମାସରେ ଓପିଏସ୍‌ସି ମେରିଟ୍ ଲିଷ୍ଟ ପ୍ରକାଶ କରିବା ପରେ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ପଦ୍ଧତି ଅବଲମ୍ବନ କରାଯାଇଥିବା ଅଭିଯୋଗ କରି ଏହା ବିରୋଧରେ ହାଇକୋର୍ଟରେ ଏକାଧିକ ଆବେଦନ କରାଯାଇଥିଲା । ସେଗୁଡ଼ିକର ବିଚାର କରି ହାଇକୋର୍ଟ ଓପିଏସ୍‌ସି ପକ୍ଷରୁ ଜାରି କରାଯାଇଥିବା ମେରିଟ ଲିଷ୍ଟକୁ ଖାରଜ କରି ଦେଇଛନ୍ତି ।

ନାବାଳିକା ଶ୍ରମିକ ଉଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୈତ୍ରୀ ବିହାର କ୍ୱାଟର ନଂ ଏସ୍-୧୨୬ରୁ ଜଣେ ନାବାଳିକା ଶ୍ରମିକକୁ ଉଦ୍ଧାର କରାଯାଇଛି । ଚାଇଲ୍ଡ ଲାଇନ୍ ଏବଂ ମୈତ୍ରୀ ବିହାର ଥାନାର ମିଳିତ ସହଯୋଗରେ ନାବାଳିକାକୁ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ ନାବାଳିକା ଜଣକ ଦୀର୍ଘ ଦିନ ହେବ ନିର୍ଯାତନାର ଶିକାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ଚାଇଲ୍ଡ ଲଇନ୍‌ର ଏକ ସ୍ୱତନ୍ତ୍ର ଟିମ୍ ଓ ମୈତ୍ରୀ ବିହାର ଥାନାର ଟିମ ମିଳିତ ଭାବରେ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ଦୁଃଖୀଶ୍ୟାମ ପାଣିଗ୍ରାହୀଙ୍କ ଘରେ ଚଢ଼ାଉ କରି ନାବାଳିକାକୁ ଉଦ୍ଧାର କରିଥିଲେ ।

ରାଜ୍ୟ ଖବର

ଆସିକା ,(ଭାସ୍କର ନ୍ୟୁଜ୍): ଆଜି ଟାଟା ବେଞ୍ଚ ସ୍ଥିତ ଉର୍ଜା ଏକାଡେମୀ ପରିସରରେ ଷଷ୍ଠ ଠାରୁ ଦ୍ୱାଦଶ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କ ପାଇଁ ଭବିଷ୍ୟତ ଗଠନରେ ଶିକ୍ଷାର ଭୂମିକା ଶୀର୍ଷକରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ତଥା ନିର୍ଦ୍ଦେଶକ ସନ୍ତୋଷ କୁମାର ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଏକ ଦିବସୀୟ କର୍ମଶାଳାରେ ଚାଟଶାଳା ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ବିଶିଷ୍ଟ ଶିକ୍ଷାବିତ ଶାନ୍ତନୁ କୁମାର ପାତ୍ର ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ । ଶ୍ରୀଯୁକ୍ତ ପାତ୍ର ଶିକ୍ଷାର୍ଥୀମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ, ସନ୍ତୁଳିତ ଖାଦ୍ୟପେୟ, ଜିଜ୍ଞାସୁ ମନୋବୃତି, ଅଦମ୍ୟ ସାହସ ଓ ଉତ୍ତମ ଚରିତ୍ର ଗଠନ ମାଧ୍ୟମରେ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ପାଇଁ ଶିକ୍ଷାର ମହତ୍ୱ ଅପରିହାର୍ଯ୍ୟ ବୋଲି ମତ ବ୍ୟକ୍ତ କରିଥିଲେ । ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ସୂର୍ଯ୍ୟ ନାରାୟଣ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କର୍ମଶାଳାକୁ ଉର୍ଜା ଏକାଡେମୀର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମକର୍ତ୍ତା ଶଙ୍କର୍ଷଣ ଗୌଡ଼, ଅନିଲ ପ୍ରଧାନ, ସୁଧାଂଶୁ ମିଶ୍ର, ନାରାୟଣ ରାଓ, ପ୍ରସାଦ ପ୍ରଧାନ, ଅନିତା ରାଉତ ଓ ବନୋଜା ଶତପଥୀ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ଅନୁଷ୍ଠାନର ସହ ନିର୍ଦ୍ଦେଶକା ଗଙ୍ଗା ରେଡ୍ଡୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।

ବଞ୍ଚାରୁଣି ମନ୍ଦିର ଚୋରି ମାମଲାରେ ୨ ଗିରଫ

ଜୟପୁର (ଭାସ୍କର ନ୍ୟୁଜ୍): ଜୟପୁର ସହରର ଗୋପବନ୍ଧୁ ନଗରରେ ଥିବା ବଞ୍ଚାରୁଣି ମନ୍ଦିର ଚୋରି ମାମଲାର ପ୍ରଦାଫାସ କରିଛି ଟାଉନ ପୋଲିସ । ଏହି ମାମଲାରେ ୨ ଜଣକୁ ଗିରଫ କିବା ସହ ଅନ୍ୟ ଜଣେ ନାବାଳକକୁ ଜୁଭେଲାଇନଜଷ୍ଟିସ ବୋର୍ଡଙ୍କ ନିକଟରେ ହଜର କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଓଡିଆ ମେଦ୍ରୀ ସାହିର ହରି ନାୟକ (୨୦) ଓ ବିଶାଳ ନାଗ (୧୯)। ପୋଲିସ ସୁଚନା ଅନୁଯାଇ ଜୟପୁର ସହରର ଗୋପବନ୍ଧୁ ନଗରରେ ଥିବା ବଞ୍ଚାରୁଣି ମନ୍ଦିରରେ ସୁନା ଓ ରୂପା ଗହଣା କିଛି ଟଙ୍କା ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ୩ ଜଣକୁ କାବୁ କରିଥିଲା । ୩ ଜଣ ଙ୍କ ଠାରୁ କିଛି ସୁନା ଓ ରୂପା ଗହଣା କୁ ଜବତ କରିଛି । ୨ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଜଣେ ନାବାଳକ ଥିବାରୁ ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯାଇଥିବା ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

ମହାବିଦ୍ୟାଳୟ କିରାଣି ୬ଲକ୍ଷ ଆତ୍ମସାତ କରିଥିବା ଅଭିଯୋଗ

କୋଣାର୍କ, (ଭାସ୍କର ନ୍ୟୁଜ୍): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କର ସର୍ବ ପୁରାତନ ଭଗବତୀ ମହାବିଦ୍ୟାଳୟରେ ୨୦୧୭ ମସିହା ଠାରୁ ୨୦୨୨ ମସିହା ପର୍ଯ୍ୟନ୍ତ କାର୍ଯ୍ୟରତ କିରାଣୀଙ୍କ ଦ୍ୱାରା ନକଲି ରସିଦ ବଳରେ ଲକ୍ଷାଧିକ ଟଙ୍କା ହଡପ କରାଯାଇ ଥିବା ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଗୁରୁତ୍ୱର ଅଭିଯୋଗ ହେବା ସହ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି । ଖବରରୁ ପ୍ରକାଶ ଯେ କୋଣାର୍କ ସ୍ଥିତ ଭଗବତୀ ମହାବିଦ୍ୟାଳୟ ସମାସ୍ୟାର ବୁଢୀଆଣୀ ଜାଲରେ ଛନ୍ଦି ହୋଇ ରହିଥିବା ବେଳେ ସାମ୍ପ୍ରତିକ ସମୟରେ ମହାବିଦ୍ୟାଳୟରେ ଗତ ୨୦୧୭ରୁ ୨

Bharose Ka Sammelan

21 May 2023, Patan, Dist- Durg

On 21st May
Commemorating
The Martyrdom of

Former Prime Minister
Bharat Ratna
Rajiv Gandhi

NYAY Continues

Direct Benefit Transfer of
₹2028.92 cr
to farmers, cattle farmers and landless agricultural labourers

Rajiv Gandhi Kisan Nyay Yojana

₹1894.93 cr through DBT to 24.52 lakh farmers

Govt to procure 20 quintal paddy per acre

Rajiv Gandhi Gramin Bhoomihin Krishi Majdoor Nyay Yojana

Disbursement of **₹112.71 cr** to 5.63 lakh beneficiaries

Annual financial assistance of ₹7,000 to landless agricultural labourers

Godhan Nyay Yojana

DBT of **₹13.57 cr** to cattle farmers, gauthan committees and women self-help groups

Rural industrial parks in gauthans become the hub of employment opportunities for the rural population

Rajiv Yuva Mitan Club

Disbursement of **₹7.71 cr** to 3,085 clubs across 13 districts

Empowering youth through fostering their talent

Mahatma Gandhi Horticulture University

Sankra, Patan, Dist-Durg

Groundbreaking Ceremony



Shri Bhupesh Baghel
Chief Minister, Chhattisgarh

Chhattisgarh Govt
Pro Active - **Pro** People

S-37069/8

Visit us : ChhattisgarhCMO ChhattisgarhCMO ChhattisgarhCMO ChhattisgarhCMO DPRChhattisgarh DPRChhattisgarh www.dprCg.gov.in

ରାଜଗାଙ୍ଗପୁର, (ଭାସ୍କର ନ୍ୟୁଜ୍): ରାଜଗାଙ୍ଗପୁର ବୁଢ଼ାମ ପଞ୍ଚାୟତରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଯାହା ସରକାରଙ୍କ ସେବା ବ୍ୟବସ୍ଥାକୁ ଉପହାସ କରିଛି। ଡାକ୍ତରଖାନା ନେବାରେ ବିଳମ୍ବ ଯୋଗୁଁ ଚାଲିଗଲା ଜୀବନ। ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବ୍ଲକ ବୁଢ଼ାମ ପଞ୍ଚାୟତ ଢେଙ୍ଗୁରପାଣିର ବାସିନ୍ଦା ୪୫ ବର୍ଷୀୟା ତାରାକାନ୍ତ ତନ୍ତୀ କିଛିଦିନ ହେବ ହାଡ଼ଫୁଟି ରୋଗରେ ପୀଡିତ ଥିଲେ। କାଲି ହଠାତ ଘରେ ଥିବା ସମୟରେ ସେ ଗୁରୁତର ହୋଇପଡିଥିଲେ। ପରିବାର ଡାକ୍ତରଖାନା ଆଣିବା ପାଇଁ ୧୦୮ ଆମ୍ବୁଲାନ୍ସକୁ ବାରମ୍ବାର ଫୋନ କରିଥିଲେ। କିନ୍ତୁ ଘାଟି ଓ ଖରାପ ରାସ୍ତାର ଆଳ ଦେଖାଇ ଆମ୍ବୁଲାନ୍ସ ଆସିନଥିଲା। ସମୟ ଯେତିକି ବିତୁଥାଏ ସ୍ୱାସ୍ଥ୍ୟ ଅବସ୍ଥା ସେତିକି ବିଗିଡି ବାରେ ଲାଗୁଥାଏ। ଶେଷରେ ଏକ ଭଡା ଗାଡି ତାରାକାନ୍ତଙ୍କୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସରକାର ସ୍ୱାସ୍ଥ୍ୟ ସେବାକୁ ଉନ୍ନତି କରିବା ପାଇଁ ବିଭିନ୍ନ ଯୋଜନା ମାନ ପ୍ରସ୍ତୁତ କରୁଛନ୍ତି କିନ୍ତୁ ଏହି ଘଟଣା ପରେ ସରକାରଙ୍କ ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ନୀତିନିୟମକୁ ପଛରେ ପକାଇ ଚାଲୁଛି ବାଲ୍ୟବିବାହ

ପ୍ରଶାସନ ଭୋଜି ଖାଇ ଆଖି ବୁଜିଦେଇଛି



ରାଜନଗର, (ଭାସ୍କର ନ୍ୟୁଜ୍): ରାଜ୍ୟରେ ବାଲ୍ୟବିବାହ କାର୍ଯ୍ୟକ୍ରମକୁ ସମାଜ ହୀନ ଦୃଷ୍ଟିରେ ଦେଖୁଥିବା ବେଳେ ଏପରି କୁତ୍ସିତ ଘୃଣ୍ୟ ବିବାହର ନିରାକରଣ ସମ୍ପର୍କୀୟ ଜିଲ୍ଲାରୁ ବ୍ଲକସ୍ତରୀୟ ପର୍ଯ୍ୟନ୍ତ ଜନ ସଚେତନତା କର୍ମଶାଳା ଓ ପଥପ୍ରାନ୍ତ ନାଟକ ସରକାରଙ୍କ ପକ୍ଷରୁ ଆୟୋଜିତ ହୋଇଆସୁଛି। ଏଥିରେ କିଛି ପରିମାଣରେ ଜନସଚେତନତା ଘଟିଥିବା ବେଳେ କେତେକ ସ୍ଥାନରେ ପୋଲିସ ଓ ସମ୍ପୃକ୍ତ ବିଭାଗୀୟ କର୍ମଚାରୀ ଏବଂ ସ୍ୱଚ୍ଛାସେବୀ ସଂଗଠନର ଜଣାତରେ ଏପରି ବିବାହ ସମ୍ପର୍ଣ୍ଣ ହେଉଥିଲେ ମଧ୍ୟ ପାଟି ଖୋଲିବାକୁ କୁଣ୍ଠାବୋଧ ହେଉଥିବା ଦେଖିବାକୁ ମିଳିଛି। ବାଲ୍ୟବିବାହ ନିରାକରଣ ସଚେତନତା କାର୍ଯ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଭିଯୋଗ ଅନୁଯାୟୀ ଯେଉଁଠି ବାଲ୍ୟବିବାହ ଅନୁଷ୍ଠିତ ହେଉଛି ସେଠାରେ ନେତା, ଗ୍ରାମାଞ୍ଚଳର ପ୍ରଭାବଶାଳୀ ବ୍ୟକ୍ତି, ଲୋକପ୍ରତିନିଧିଙ୍କ ସମେତ କେତେକ ସ୍ୱଚ୍ଛାସେବୀ ସଂଗଠନର କର୍ମକର୍ତା, ପୋଲିସ କର୍ମଚାରୀ ଓ ଶିଶୁବିକାଶ ଯୋଜନା ବିଭାଗର କର୍ମଚାରୀ ମଧ୍ୟ ଏପରି ଘୃଣ୍ୟ କାର୍ଯ୍ୟକ୍ରମକୁ ବିରୋଧ କରିବା ବଦଳରେ ସେଠାରୁ ଭୋଜିଭାତ ଖାଇ ବାଲ୍ୟବିବାହ ବର କନ୍ୟାଙ୍କୁ ଆଶୀର୍ବାଦ କରି ନିରବ ରହିଥିବା ବୁଦ୍ଧଜୀବୀ ମହଲରେ ସମାଲୋଚନାରୁ ଜଣାପଡିଛି। ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ କେରୁଆପାଳ ପଞ୍ଚାୟତର କେରୁଆପାଳ, ଦେଉଳସାହି, ପ୍ରଭାତି, ଗିରିଆପାହି, ଅନନ୍ତକେଶରୀ ସମେତ, ବାଘମାରୀ ପଞ୍ଚାୟତର ଶୈଳେନ୍ଦ୍ରସରାଇ ପ୍ରମୁଖ ଗ୍ରାମରେ ୬ ମାସରେ ୭ଟି ବାଲ୍ୟବିବାହ ହୋଇଥିଲେ ମଧ୍ୟ ପ୍ରଶାସନ ନିକଟରେ ଖବର କିମ୍ବା ହିସାବ ନାହିଁ। ଏବାବଦରେ ସରକାର ସଚେତନତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ତାହା ଅଧିକାରୀଙ୍କ ଅପାରଗତା ଯୋଗୁ ସଠିକ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରୁନଥିବା ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳରେ ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜର, ଗଣଶିକ୍ଷାବିଭାଗ ତଥା ପୋଲିସି କର୍ମଚାରୀ ବିବାହ କାର୍ଯ୍ୟକ୍ରମ ଚାଲୁଥିବା ଜାଣୁଥିଲେ ମଧ୍ୟ କେହି ପଦକ୍ଷେପ ନେବାକୁ ଆନ୍ତରିକତା ଦେଖାନ୍ତି ନାହିଁ। ଯଦି କେହି ବାଲ୍ୟବିବାହ ହେଉଥିବା ସମୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଚାଇଲ୍ଡଲାଇନକୁ ସୂଚନା ଦେବା ପରେ ସେମାନେ ତଦନ୍ତ କରିବାକୁ କ୍ଷେତ୍ର ଉପରକୁ ଆସିବା ପୂର୍ବରୁ ସ୍ଥାନୀୟ ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କଠାରୁ ଖବର ପାଇ ବରକନ୍ୟା କେଉଁ ଆଡେ ପଳାଇ ଯାଉଥିବା ଦେଖିବାକୁ ମିଳୁଛି। ଶେଷରେ ଅଧିକାରୀମାନେ ନାବାଳିକା ଓ ନାବାଳକକୁ ନପାଇ ଶିଶୁପାଳ ହୋଇ ଫେରିଯାଇଥାନ୍ତି। ବାଲ୍ୟବିବାହ ଦ୍ୱାରା ଶିଶୁ ମୃତ୍ୟୁହାର ବୃଦ୍ଧି ପାଉଥିବା ବେଳେ ମା'ମାନଙ୍କ ପ୍ରସବକାଳୀନ ମୃତ୍ୟୁ ସହିତ ବିକଳାଙ୍ଗ ପିଲା ଜନ୍ମ ନେଉଛି। ପ୍ରତ୍ୟେକ ଅଙ୍ଗକୁ ସଚେତନତା କରିବା ଜରୁରୀ ହୋଇପଡିଛି। ବାଲ୍ୟବିବାହ ବନ୍ଦ ନିମନ୍ତେ ସଚେତନତା ରଥ ମଧ୍ୟ ସହରଠାରୁ ଗ୍ରାମାଞ୍ଚଳରେ ବୁଲିଥିବା ଦେଖିବାକୁ ମିଳିଛି। ହେଲେ ଏହି ପ୍ରଥାର ନିରାକରଣ ପାଇଁ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ତାଳଚୁଆ ଅଞ୍ଚଳର ୪/୫ଟି ପଞ୍ଚାୟତ ବିଶେଷକରି କିଛି ବେଙ୍ଗଲ ସମ୍ପ୍ରଦାୟର ଲୋକମାନେ ଆଇନକୁ ଅଣଦେଖା କରି ବାଲ୍ୟବିବାହକୁ ବାଛିନେଇଛନ୍ତି। ତେଣୁ ସରକାର ଏପରି ଘୃଣ୍ୟ ବାଲ୍ୟବିବାହ ପ୍ରଥାକୁ କଡାକଡି ଭାବେ ଆଇନ ପ୍ରଣୟନ କରି ପଦକ୍ଷେପ ନେଲେ ରାଜନଗର ବ୍ଲକ ଅଞ୍ଚଳରେ ବାଲ୍ୟବିବାହ ପ୍ରଥା ଉଠିପାରିବ ବୋଲି ବୁଦ୍ଧିଜୀବୀମାନେ ଆଶା ବ୍ୟକ୍ତ କରିଛନ୍ତି।

ଉନ୍ନୟନ ପ୍ରକଳ୍ପ ପର୍ଯ୍ୟବେକ୍ଷଣ କଲେ କେନ୍ଦ୍ରୀୟ ସଚିବ

ହିଞ୍ଜିଳିକାଟୁ, (ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ଜଳଶକ୍ତି ବିଭାଗ ଅଧିନ ପାନୀୟ ଜଳ ଓ ପରିମଳ ବିଭାଗୀୟ ସଚିବ ତିନି ମହାଜନ ଶନିବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସି ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ଅନ୍ତର୍ଗତ ଶାସନ ଆମ୍ବଗାଁରେ ପହଞ୍ଚିଥିଲେ। ସେଠାରେ ଗ୍ରାମବାସୀମାନେ ସଚିବଙ୍କୁ ପୁଷ୍ପ ଅର୍ପଣ ସହ ଉପଢୌକନ ପ୍ରଦାନ କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସଚିବ ସେଠାରେ କେନ୍ଦ୍ରୀୟ ଅନୁଦାନ ପାଣ୍ଠି ବିନିଯୋଗରେ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ଯୋଗାଣ ଓ ପରିମଳ ସମ୍ପର୍କିତ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ କରି ପର୍ଯ୍ୟବେକ୍ଷଣ କରିଥିଲେ। ଶାସନ ଆମ୍ବଗାଁରେ ସ୍ଥାପିତ ୭ଟନ କ୍ଷମତା ବିଶିଷ୍ଟ ସମ୍ପଦ କେନ୍ଦ୍ରରେ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକୀକରଣ ଓ ପରିଚାଳନା ସମ୍ପର୍କରେ ନିୟୋଜିତ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ପଞ୍ଚାୟତରେ ନିର୍ମିତ ହୋଇଥିବା ୧.୫ ଲକ୍ଷ କ୍ଷମତା ବିଶିଷ୍ଟ ୨ଟି ଭୂତଳ ଜଳ ଭଣ୍ଡାର ଓ ଉଚ୍ଚ ଜଳ ଭଣ୍ଡାର ସହ ବିଭିନ୍ନ ସାହି ବସ୍ତିକୁ ଯୋଗାଣ ହେଉଥିବା ବିଶୁଦ୍ଧ ପାନୀୟ ଜଳଯୋଗାଣର ସୁବିଧା ଅସୁବିଧା ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ପରିମଳ କମିଟି ଓ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେ ବାଦୀ ଆମ୍ବଗାଁ ଗସ୍ତ କରି ୧୦ ଗୋଟି ଯୋଡ଼ା ଶୋଷକ ଖାତ, ୨୫ଟି ନଳକୂପ ଲିଚଖାତ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ। ସଚିବଙ୍କ ଗସ୍ତ ସମୟରେ ରାଜ୍ୟ ପରିମଳ ସଚିବ ଜି.ପରମେଶ୍ୱର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତିଭାସନ, ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ଜେନା, ଏବିଡିଓ ଅରୁଣ କୁମାର ପ୍ରଧାନ, ଛତ୍ରପୁର ଜଳ ଓ ପରିମଳ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ ସୁରେଶ ଚନ୍ଦ୍ର ମହାନ୍ତି, ବ୍ରହ୍ମପୁର ଜଳ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ଇଂ ବିକାଶ ଚନ୍ଦ୍ର ସାମଲ, ଜିଲ୍ଲା ପରାମର୍ଶ ଦାତା ନମିତା ନାହାକ, ଛତ୍ରପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ କିଶୋର ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଏ.ସୁଦର୍ଶନ, ନିର୍ବାହୀ ଅଧିକାରୀ ବାସୁଦେବ ବେହେରା, ସରପଞ୍ଚ ଦନାର୍ଦ୍ଦନ ସେଠୀ, ଜଳ ଓ ପରିମଳ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ନାୟକ ଓ ପ୍ରସନ୍ନ କୁମାର ଦଳାଇ, ଗୋପାଳ ପାଢ଼ୀ, ନୀଳାଚଳ ପାଢ଼ୀ, ଭଗବାନ ଗୌଡ଼, ମିଶନ ଶକ୍ତି ସଦସ୍ୟା ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

ତିନି ଓଇଏସ୍‌ଙ୍କୁ ସମ୍ବର୍ଦ୍ଧିତ କଲା ଜିଲ୍ଲା ଲେଖିକା ପରିଷଦ

ବରଗଡ଼, (ଭାସ୍କର ନ୍ୟୁଜ୍): ବରଗଡ଼ ଜିଲ୍ଲା ଲେଖିକା ପରିଷଦ ଆନୁକୂଲ୍ୟରେ ସମ୍ପାଦିକା କବିତା ରଥଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାନେତ୍ରୀ ତପସ୍ୱିନୀ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିଦ ଅମରେନ୍ଦ୍ର ନାରାୟଣ ଯାଦବ, ସମ୍ମାନିତ ଅତିଥି ଭାବେ ରାଣା ପ୍ରତାପ ସ୍କୁଲ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଦ୍ୟ ପ୍ରକାଶିତ ଓଇଏସ୍ ପରୀକ୍ଷାରେ ରାଜ୍ୟରେ ୧୩ ରେଙ୍କ ରଖି କୃତିତ୍ୱ ଅର୍ଜନ କରିଥିବା ରାଣା ପ୍ରତାପ ସ୍କୁଲ ଶିକ୍ଷୟିତ୍ରୀ ଭାବନା ସାହୁ, ୪୨ ରେଙ୍କ ରଖିଥିବା ଅଡ଼ଗାଁ ହାଇସ୍କୁଲ ଶିକ୍ଷୟିତ୍ରୀ ସପ୍ତଶ୍ରୀ ସୁରଭି ମହାପାତ୍ର ଓ ୬୬ ରେଙ୍କ ରଖିଥିବା ରେମଣ୍ଡା ହାଇସ୍କୁଲ ଶିକ୍ଷକ ସୁଦୀପ୍ତ କୁମାର ଦାଶ୍ ବିଶିଷ୍ଟ ଲେଖିକା ବାସନ୍ତୀ ଗୁରୁ ପ୍ରମୁଖ ତିନି ଜଣ ଓଇଏସ୍‌ଙ୍କ ସମେତ କାଞ୍ଚନ ସାହୁ, ବିଜେଲକ୍ଷ୍ମୀ ମହାପାତ୍ର, ସୌଦାମିନୀ ରଥ ପ୍ରମୁଖ ମା'ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଫଳତା ପଛରେ ତାଙ୍କ ମା'ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ତିନି ଜଣ ଓଇଏସ ସମ୍ବର୍ଦ୍ଧନାର ଉତ୍ତରରେ ଉଲ୍ଲେଖ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଗୋପବନ୍ଧୁ ପୁରୋହିତ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁନିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଠାକୁରାଣୀ ଯାତ୍ରା: ଭଜନରେ ବିଭୋର ହେଲେ ଶ୍ରୋତା ମଣ୍ଡଳୀ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ସହରର ଐତିହାସିକ ଠାକୁରାଣୀ ଯାତ୍ରା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଭକ୍ତ ଜନମାନଙ୍କ ମଧ୍ୟରେ ଏହି ଯାତ୍ରାକୁ ନେଇ ସେତିକି ଉତ୍ସାହ ବୃଦ୍ଧି ପାଉଛି। ଶୁକ୍ରବାର ସାବିତ୍ରୀ ଅମାବାସ୍ୟା ତିଥି ହୋଇଥିବାରୁ ମା'ବ୍ୟାଘ୍ରଦେବୀ ଓ ମା'ଠାକୁରାଣୀଙ୍କ ନଗର ପରିକ୍ରମା ବନ୍ଦ ରହିଥିଲା। ତେବେ ବାପଘରକୁ ଆସିଥିବା ମା' ସାଆନ୍ତାଣୀ ଏଠାରେ ସାବିତ୍ରୀ ବ୍ରତ ପାଳନ କରିଥିବା ଦେଖିବାକୁ ମିଳିଥିଲା। ଏଥିପାଇଁ ଯାତ୍ରା କମିଟି ପକ୍ଷରୁ ଆବଶ୍ୟକୀୟ ସମସ୍ତ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ମା'ଙ୍କ ସହ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଥିଲେ। ସନ୍ଧ୍ୟାରେ ଏକ ମନୋଜ୍ଞ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱଶାନ୍ତି ଭଜନ ସନ୍ଧ୍ୟା ପକ୍ଷରୁ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ବାଣୀ କଣ୍ଠ ଦୁଃଖିଶ୍ୟାମ ତ୍ରିପାଠୀଙ୍କ କଣ୍ଠରୁ ଝରି ପଡିଥିଲା ଲୋ ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ, ବୋହୁ ଚାଲି ନଜାଣଇ ଲୋ ପାଦ ପଡୁଥାଏ ବଙ୍କା ....ଏମିତି ଅନେକ ମନଛୁଆଁ ଭଜନ। ସେହିପରି ସ୍ୱର୍ଗତ ଭିକାରୀ ବଳଙ୍କ ଆବର୍ତ୍ତମାନରେ ତାଙ୍କ କଣ୍ଠ ସ୍ୱରକୁ ରସାଣିତ ଢଙ୍ଗରେ ଗାନ କରୁଥିବା ଓଡିଶାର ଅନ୍ୟତମ ଖ୍ୟାତନାମା କଣ୍ଠଶିଳ୍ପୀ ରବିନ୍ଦ୍ର କୁମାର ମହାପାତ୍ର ଭିକାରୀ ବଳଙ୍କ ଅନେକ ସ୍ୱରଚିତ ଭଜନ ପରିବେଷଣ କରି ଉପସ୍ଥିତ ଭକ୍ତ ଜନମାନଙ୍କୁ ଭକ୍ତିମୟ ଭାବରାଜ୍ୟରେ ହଜାଇ ଦେଇଥିଲେ। ସେହିପରି ନାରୀ କଣ୍ଠଶିଳ୍ପୀ ପଦ୍ମଜା ଦାଶ ମଧ୍ୟ ନିଜର ଯାଦୁକରୀ କଣ୍ଠରେ ଶ୍ରୋତା ବନ୍ଧୁଗଣଙ୍କୁ ବିମୁଗ୍ଧ କରି ରଖିଥିଲେ। ସ୍ୱର୍ଗତ ଅରବିନ୍ଦ ମୁଦୁଲିଙ୍କ ସୁପୁତ୍ର ଜଗବନ୍ଧୁ ମୁଦୁଲିଙ୍କ ଦ୍ୱାରା ପରିଚାଳିତ ଏହି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଉପସ୍ଥିତ ଶ୍ରୋତା ମଣ୍ଡଳୀଙ୍କୁ ବେଶ ମନ୍ତ୍ରମୁଗ୍ଧ କରି ବାନ୍ଧି ରଖିଥିଲା। ଏହି ମନୋଜ୍ଞ ସନ୍ଧ୍ୟାକୁ କନ୍ଧମାଳ ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତ ଓ ସ୍ଥାନୀୟ ବିଧାୟକ ତଥା ଓଡ଼ିଶାର ପୂର୍ବତନ ବାଚସ୍ପତି ବିକ୍ରମ କେଶରୀ ଆରୁଖ ମା'ଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଯାତ୍ରା କମିଟି ପକ୍ଷରୁ ସଭାପତି ରାଜେନ୍ଦ୍ର ବିଶୋୟୀ ଓ ମୁଖ୍ୟ ସଂଗଠନ ସଂପାଦକ ତଥା ନଗରପାଳ ଗୋପବନ୍ଧୁ ମହାପାତ୍ର ଅତିଥିମାନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଦ୍ୟୁତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନୃସିଂହ ନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଭଞ୍ଜନଗର ଠାକୁରାଣୀ ଯାତ୍ରା ଏବେ ସାରା ରାଜ୍ୟରେ ମା'ଙ୍କ ପାଇଁ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ଏହା କେବଳ ଭଞ୍ଜନଗର ଅଞ୍ଚଳବାସୀଙ୍କ ଶ୍ରେୟ ବୋଲି ଅତିଥିମାନେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯାତ୍ରା କମିଟି ସଂପାଦକ ସୁଧୀର ରଞ୍ଜନ ବେହେରା, ସଂଗଠନ ସଂପାଦକ ସୁଶାନ୍ତ ମହାପାତ୍ର, ସାଂସ୍କୃତିକ ସଂପାଦକ ଜଗଦ୍ଧୀଶ ପାଣିଗ୍ରାହୀ ଓ ଯୁଗ୍ମ ସଂପାଦକ ଲୋକନାଥ କର ପ୍ରମୁଖ ମଞ୍ଚରେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଲୋକନାଥ କର ସଂଯୋଜନା କରିଥିବା ବେଳେ ଶେଷରେ ସଂପାଦକ ସୁଧୀର ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ରୁଗ୍ଣ କାଗଜ କଳ ଶ୍ରମିକଙ୍କ ଜିଲ୍ଲାପାଳଙ୍କୁ ଆକୁଳ ନିବେଦନ

ଜୟପୁର, (ଭାସ୍କର ନ୍ୟୁଜ୍): ଅବସରପ୍ରାପ୍ତ ଶ୍ରମିକମାନଙ୍କ ସମସ୍ୟା ଓ ଦୁର୍ଦ୍ଦଶା ଦିନକୁ ଦିନ ବଢିଚାଲିଛି। ବୟସାଧିକ୍ୟ ଯୋଗୁଁ ରୋଗଗ୍ରସ୍ତ ହୋଇ ଚିକିତ୍ସା ପାଇଁ ଆର୍ଥିକ ସାହାର୍ଯ୍ୟ ମାଗି ତହଲ ବିକଳ ହେଉଛନ୍ତି। ବିହାର ରାଜ୍ୟରୁ ଆସି ୧୯୮୫ରୁ କାଗଜ କଳରେ କାମକରୁଥିବା ଜୟରାମ ପ୍ରସାଦ କିଛି ଦିନ ତଳେ ଉଚ୍ଚ ରକ୍ତଚାପ ଯୋଗୁ ପଡିଗଲେ। ତାଙ୍କୁ ରକ୍ତ ସର୍କରା ରୋଗ ମଧ୍ୟ ଅଛି। କୋରାପୁଟ ମେଡିକାଲ କଲେଜରେ ଚିକିତ୍ସା ନେଇ ଆସିଛନ୍ତି। ଆଜି ଶ୍ରମିକ ସଂଘର ନେତା ଓ ଅବସରପ୍ରାପ୍ତ ଶ୍ରମିକମାନଙ୍କ ଆବହକ ଶ୍ରୀ ପ୍ରମୋଦ କୁମାର ମହାନ୍ତିଙ୍କ ସହ ଯାଇ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ଦେଇ ଅନୁରୋଧ କରିଛନ୍ତି ଯେ, ଗ୍ରାଚ୍ୟୁଇଟି ଓ ପେନସନ ହେଇଗଲେ ସେ ନିଜ ଗାଁକୁ ଚାଲିଯିବେ। ସେହିପରି ଅବସରପ୍ରାପ୍ତ ଶ୍ରମିକ ଯୁଧିଷ୍ଠିର ସ୍ୱାଇଁ କୋରାପୁଟ ମେଡିକାଲ କଲେଜରୁ ବ୍ରହ୍ମପୁର ଓ ସେଠାରୁ ଏମ୍ସ ଭୁବନେଶ୍ୱର ଯାଇ ଭଲ ହୋଇ ଆସିଛନ୍ତି। ଲକ୍ଷାଧିକ ଟଙ୍କା ଘର ସୁନା ଗହଣା ବନ୍ଧା ରଖି ଭଲ ହେଲେ। ମ୍ୟାନେଜମେଣ୍ଟ ତାଙ୍କର ପିଏଫ୍‌ରେ ଥିବା ଛ'ଲକ୍ଷ ଟଙ୍କା ଏବଂ ଗ୍ରାଚ୍ୟୁଇଟି ପ୍ରାପ୍ୟ ୪ ଲକ୍ଷରୁ ଅନ୍ତତଃ ଔଷଧ ପାଇଁ ୫୦,୦୦୦ ଟଙ୍କା ଦେବା ପାଇଁ ନିବେଦନ କଲେ। କିନ୍ତୁ ମିଳିଲା ନାହିଁ। କାରଖାନା ଚାଲୁଛି, କାଗଜ ମାର୍ଚ୍ଚ ମାସରେ ୨୧ କୋଟି ଓ ଏପ୍ରିଲ୍ ମାସରେ ୨୩ କୋଟି ବିକିଛି। ପ୍ରୋଭିଡେଣ୍ଟ ଫଣ୍ଡ ପାଇଁ ଆଇନ ଅନୁଯାୟୀ ନିର୍ଦ୍ଦିଷ୍ଟ ପଦକ୍ଷେପ ମ୍ୟାନେଜମେଣ୍ଟ ନେଉନାହିଁ। ଜମା ଟଙ୍କା ଥାଇ ମଧ୍ୟ କାମରେ ଆସୁନି। ଏଥିରେ ହସ୍ତକ୍ଷେପ କରି ଶ୍ରମିକମାନଙ୍କୁ ନ୍ୟାୟ ଦେବା ପାଇଁ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ଆଜି ସ୍ମାରକ ପତ୍ର ପ୍ରଦାନ ବେଳେ ଅସୁସ୍ଥତା ଖବର ପାଇ ବିହାରରୁ ଆସିଥିବା ଜୟରାମଙ୍କ ପୁଅ, ବୋହୂ, ନାତୀ ଓ ଶ୍ରୀ ପ୍ରକାଶ ଚୌଧୁରୀ ଉପସ୍ଥିତ ରହିଥିଲେ।

୯୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହେଲେ ଯୁବରାଜ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକ୍ ସଦର ମହକୁମାରର ଯୁବରାଜ୍ ସାହୁ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ ଶତକଡା ୯୦

କୋରାପୁଟ, (ଭାସ୍କର ନ୍ୟୁଜ): ପୋଖରୀରେ ଗାଧୋଇବା ବେଳେ ପାଣିରେ ବୁଡି ଭାଇଭଉଣୀ ମୃତ୍ୟୁ ଘଟିଛି । ଏଭଳି ଅଭାବନୀୟ ଘଟଣା ଘଟିଛି କୋରାପୁଟ ଜିଲା ଲମଟାପୁଟ ବ୍ଲକର ପିପଲପୁଟ ଗାଁରେ । ମୃତକ ହେଲେ ଜିନୁ ବଡନାୟକଙ୍କ ଝିଅ ସନ୍ତୋଷୀ ବଡନାୟକ(୧୦) ଓ ପୁଅ ଯୋଗେଶ ବଡନାୟକ(୫) ।ସୂଚନା ଅନୁଯାଇ, ମାଛୁକଣ୍ଡ ଥାନା ପିପଲପୁଟ ଗାଁର ଜିନୁ ବଡନାୟକ ଜମିରେ ପାଣି ରହିବା ଲାଗି ପୋଖରୀ ଆକୃତିର ଖାଲ ଖୋଳିବାକୁ ଯାଇଥିଲେ । ତାଙ୍କ ସହ ଝିଅ ସନ୍ତୋଷି ଓ ପୁଅ ଯୋଗେଶ ମଧ୍ୟ ଯାଇଥିଲେ। କିନ୍ତୁ ଖାଲ ଖୋଳୁଥିବା ବେଳେ ଅତ୍ୟଧିକ ଖରା ହେବାରୁ ସନ୍ତୋଷୀ ଓ ଯୋଗଶଙ୍କୁ ଘରକୁ ଫେରିଯିବାକୁ କହିଥିଲେ । ବାପାଙ୍କ କଥାମାନି ଦୁହେଁ ସାଙ୍ଗ ହୋଇ ଘରକୁ ଫେରୁଥିଲେ। ତେବେ ରାସ୍ତାରେ ଥିବା ଏକ ପୋଖରୀରେ ଉଭୟ ଗାଧୋଇବା ପାଇଁ ଯାଇଥିଲେ । ଅସବାଧାନତାବଶତଃ ଉଭୟ ପୋଖରୀର ଗଭୀର ପାଣିରେ ବୁଡି ଯାଇଥିଲେ । ଅନ୍ୟପଟେ ବାପା ଜିନୁ ଜମିରେ କାମ ସାରି ଘରକୁ ଫେରିବା ପରେ ପୁଅ ଝିଅକୁ ପାଇନଥିଲେ । ପରେ ଖୋଜାଖୋଜି କରିଥିଲେ ଏବଂ ପୋଖରୀରୁ ଦୁଇ ଭାଇଭଉଣୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ।

ଟାଙ୍ଗରା ଭୂଇଁରେ ମଣ୍ଡିଆ ଚାଷ କରି ସଫଳ ହେଲେ ଚାଷୀ

ନୂଆପଡ଼ା,(ଭାସ୍କର ନ୍ୟୁଜ): ଯେଉଁ ଭୂଖଣ୍ଡରେ ଏକଦାଲାଲ୍ ସଲାମ ନାରା ରାଜୁତି କରୁଥିଲା ଆଜି ସେଠାରେ ସବୁଜ ବିପ୍ଳବର ସ୍ଲୋଗାନ୍ ଶୁଭୁଛି। ମାଓ ଗତିବିଧ ଯୋଗୁଁ ଲାଲଗଡ଼ ଭାବେ ଅପଯଶ ମୁଣ୍ଡାଇଥିବା ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ଏବେ ଧୀରେ ଧୀରେ କୃଷି ହବରେ ପରିଣତ ହେବାରେ ଲାଗିଛି । ଦଶନ୍ଧି ଦଶନ୍ଧି ଧରି ଖାଲି ପଡ଼ିଥିବା ଅଭୟାରଣ୍ୟରେ ଟାଙ୍ଗରା ଭୂଇଁରେ ଭଳିକି ଭଳି ଫସଲ ହସୁଛି । ସାମାନ୍ୟ ସରକାରୀ ପ୍ରୋତ୍ସାହନ ବଳରେ ଅଭୟାରଣ୍ୟ ଉଦ୍ୟମୀ ଚାଷୀମାନେ ସୁନାବେଡ଼ାରେ ଷ୍ଟ୍ରବେରୀ ପରେ ଆଳୁ ଏବଂ ପରେପରେ ଖରାଟିଆ ମଣ୍ଡିଆ ଚାଷ ଚାଷ କରି ବେଶ୍ ଚର୍ଚ୍ଚା ସାଉଁଟିଛନ୍ତି । ଚଳିତ ବର୍ଷ ସୁନାବେଡ଼ା ପର୍ବତମାଳାରେ ପରୀକ୍ଷାମୂଳକ ଭାବେ ଜୈବିକ ପଦ୍ଧତିରେ ମଣ୍ଡିଆ ଚାଷ ସଫଳ ହୋଇଛି । ଚଳିତ ବର୍ଷ ଓଡ଼ିଶା ମିଲେଟ୍ ମିଶନ ତରଫରୁ ସୁନାବେଡ଼ା ଅଭୟାରଣ୍ୟର ସୁନାବେଡ଼ା ଓ ସୋସେଙ୍ଗ ପଞ୍ଚାୟତରେ ୪୮ ଜଣ ଚାଷୀଙ୍କୁ ନେଇ ପରୀକ୍ଷାମୂଳକ ଭାବେ ମଣ୍ଡିଆ ଚାଷ ଆରମ୍ଭ ହୋଇଛି । ରବି ଋତୁରେ ୭୫ ଏକର ଉଠାଣିଆ ଚାଷ ଜମିରେ ଖରାଟିଆ ମଣ୍ଡିଆ ଚାଷ ହୋଇଛି । ପୂର୍ବରୁ ଯେଉଁ ମାଟି ଖରିଫ ଚାଷ ପରେ ପଡ଼ିଆ ପଡୁଥିଲା, ସେଚନ ସୁବିଧା ଯୋଗୁଁ ସେଠାରେ ଏବେ ମଣ୍ଡିଆ ଫସଲ ହସି ଉଠୁଛି । ମାଓ ଅଧୁଷିତ ଛତିଶଗଡ଼ ସୀମାନ୍ତ ଦୁର୍ଗମ ସୁନାବେଡ଼ା, ଗୋତିବେଡ଼ା, ଢେକୁନପାଣି, ସାନବାହାଲି, ବିଦେମୁଣ୍ଡି, ଜୁନାପାଣି, ଦେଓସିଲ, କେଛୋପଖନ ଗାଁରେ ବହୁଳ ଭାବେ ଜୈବିକ ପ୍ରଣାଳୀରେ ଖରାଟିଆ ମାଆ ଚାଷ ହୋଇଛି । କୋମନା ବ୍ଲକ ସିଲପାଣି ଗାଁର ଏକ କୃଷି ଉତ୍ପାଦ କମ୍ପାନି ଚାଷୀଙ୍କୁ ବିହନ ଯୋଗାଇଥିଲା । ଉନ୍ନତ ଚାଷ ପାଇଁ ହେକ୍ଟର ପିଛା ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଇଛି । ଓପେଲି ତରଫରୁ କୃଷି ବିଶେଷଜ୍ଞମାନେ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦେଇଛନ୍ତି । ପରିଣାମ ସ୍ୱରୂପ ଖରାଦିନେ ଚାଷୀ ଏଠାରେ ସଫଳତାର ସହ ମଣ୍ଡିଆ ଉତ୍ପାଦନ କରିଛନ୍ତି। ମଣ୍ଡିଆ ବିକିବାରେ ବି ଚାଷୀଙ୍କୁ କିଛି ଅସୁବିଧା ହେଉନାହିଁ। ଚାଷୀଙ୍କ ଘରୁ ମଣ୍ଡିଆ ସଂଗ୍ରହ ହେଉଛି। ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ମଣ୍ଡି ବ୍ୟବସ୍ଥା ରହିଥିବାବେଳେ ୨୪ ଘଣ୍ଟାରେ ପାଉଣା ଦେବାର ବ୍ୟବସ୍ଥା ରହିଛି। ଧାନରୁ ମଣ୍ଡିଆ ଚାଷରେ କମ୍ ପରିଶ୍ରମ ଓ ପାଣିର ଆବଶ୍ୟତା ରହୁଛି । ଧାନର ବଜାର ଦର ୨୧ ଶହ ଟଙ୍କା ରହିଥିବାବଳେ ମଣ୍ଡିଆର ବଜାର ଦର ୩୫୭୮ ରହୁଥିବାରୁ ମଣ୍ଡିଆ ଚାଷୀ ବହୁ ଲାଭବାନ ହେଉଛନ୍ତି। କୃଷି ବିଭାଗ ତଥ୍ୟ ଅନୁଯାୟୀ, ଏବର୍ଷ ଜିଲ୍ଲାରେ ୭୫୪,୧୨ ହେକ୍ଟର ଜମିରେ ମଣ୍ଡିଆ ଚାଷ ସଫଳ ହୋଇଛି। ନୂଆପଡ଼ା ବ୍ଲକରେ ୯୫ ହେକ୍ଟର ଓ କୋମନା ବ୍ଲକ ୧୫୫ ହେକ୍ଟର ଚାଷ ହୋଇଛି। ଚଳିତ ବର୍ଷ ଏଲ୍ ଟିଆଇ ଓ ଏସ୍ଏମ୍ ଆଇ ପଦ୍ଧତିରେ ମଣ୍ଡିଆ ଚାଷ ହୋଇଛି। ସଫଳ ଅମଳ ହୋଇଛି ଓ ଏଥିରେ ଭଲ ଆମଦାନୀ ହେବ ବୋଲି ଦେଓସିଲ ଗାଁର ଦେବାନନ୍ଦ ମାଝି, ଜୟପୁର ମାଝି, କେଛୋପଖାନ ଗାଁର ମିଥୁଲା ମାଝି, ଅଡବଲ ମାଝି କହିଛନ୍ତି। ଏନେଇ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା ମିଲେଟ ମିଶନ ପ୍ରକଳ୍ପ ଅଧୁକାରୀ ହିମାଂଶୁ ମହାପାତ୍ରଙ୍କୁ ପଚାରିବାରୁ ସୁନାବେଡା ଅଭୟାରଣ୍ୟର ଚାଷ ସମ୍ପର୍କରେ ସୂଚନା ଦେଇ କହି ଛଡି, ଗତ ଦୁଇ ଦିନ ତଳେ ମଣ୍ଡିଆ କୁପ୍ କଟିଂ ସରିଛି । ଏ ବର୍ଷ ହେକ୍ଟର ପିଛା ପ୍ରାୟ ୭ରୁ ୮ କୁଇଣ୍ଟାଲ ମଣ୍ଡିଆ ଅମଳ ହେବାର ଲକ୍ଷ୍ୟ ରହିଛି। ଜିଲ୍ଲାର ୫ଟି ବ୍ଲକରେ ମଣ୍ଡିଆ ସଂଗ୍ରହ ପାଇଁ ୩୬ଟି ମଣ୍ଡି ବ୍ୟବସ୍ଥା ଅଛି। ଏବେ ଟିଡିସିସି ଜରିଆରେ ମଣ୍ଡିଆ ସଂଗ୍ରହ ଆରମ୍ଭ ହେଉଥିବାବେଳେ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୩୫୭୮ ଟଙ୍କା ରହିଛି। ଓଡ଼ିଶାର ଏକମାତ୍ର ମଣ୍ଡିଆ ପ୍ୟାସ୍କ କୋମନା ବ୍ଲକ ଇଛାପୁର ଗାଁରେ ରହିଥିବାରୁ ମିଲେଟ୍‌କୁ ପ୍ରୋସେସିଂ କରି ମହିଳା ଏସ୍ଏଚ୍ଜି ଜରିଆରେ ଖାଦ୍ୟ ପ୍ରସ୍ତୁତ କରି ବଜାରରେ ବିକ୍ରି କରୁଛନ୍ତି। ଏଥିରେ ଚାଷୀ ଓ ଏସ୍ଏଚ୍‌କି ମହିଳା ସ୍ୱାବଲମ୍ବୀ ହେଉଛନ୍ତୀ ବୋଲି କହିଛନ୍ତି ।

କୁଆପଥର ବୃଷ୍ଟି ପ୍ରଭାବିତ ଲୋକଙ୍କୁ ପଲିଥିନ ବଣ୍ଟନ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଗତ କାଲି ସନ୍ଧ୍ୟାରୁ କୁଆପଥର ବୃଷ୍ଟିରେ ବ୍ୟାପକ କ୍ଷୟ କ୍ଷତି ହୋଇଛି ।ଓଡ଼ିଆପେଣ୍ଡ ପଞ୍ଚାୟତରେ କୁଆପଥର ବୃଷ୍ଟିର ବେସି ପ୍ରଭାବ ପଡିଛି। ଓଡ଼ିଆପେଣ୍ଡ ସରପଞ୍ଚ ବଂଶିଧର ମାଣ୍ଡିଙ୍ଗା ରାଜସ୍ୱ ବିଭାଗକୁ ଜଣାଇବା ପରେ ରାଜସ୍ୱ ନିରିକ୍ଷକ ଗୁପ୍ତ ପ୍ରସାଦ ନାୟକ ଘଟଣା ସ୍ଥଳକୁ ଯାଇଥିଲେ ହେଲେ ରାତି ଅନେକ ହେଇଜିବାରୁ ଠିକ୍ ରିପୋର୍ଟ୍ ମିଳିନଥିବା ବେଳେ ସମୁଦାୟ ୩୫୮ଟି ଘରର ଆଜବେଷ୍ଟ୍ ଫାଟି କଣା କଣା ହୋଇଥିବା ଆଜି ବିଭାଗ ତରଫରୁ ସୁଚନା ମିଳିଛି। ସେହିପରି ପିପଳପଦର ପଞ୍ଚାୟତ ମଧ୍ୟ କୁଆପଥର ବୃଷ୍ଟିରେ ପ୍ରଭାବିତ ହୋଇଥିବା ଜଣା ପଡିଛି। ସେଥି ମଧ୍ୟରେ ଓଡ଼ିଆପେଣ୍ଡ ପଞ୍ଚାୟତ ସଦରର ୧୭ଟି ଘର,ପର୍ତି ଗୁଡା ଗ୍ରାମରେ ୫୧ ଘର,କୁମ୍ଭାରଗୁଡା ଗ୍ରାମରେ ୬୬ ଘର, କେନ୍ଦୁପାଇ ଗ୍ରାମର ୬ଟି ଘର, ଖାଲକଣା ଗ୍ରାମର ୨ଟି ଘର, ଭାଲୁଯୋଡିରେ ୭୨ ଓ ସିଙ୍ଗାରାମ ଗ୍ରାମରେ ୭୨ଟି ଘର,ପିପଳପଦର ପଞ୍ଚାୟତର ବିଶମପୁର ଗ୍ରାମର ୪୫ଟି ଘର,କେନ୍ଦୁପାଇ ଗ୍ରାମର ୩ଟି ଓ ରାମିଝୋଲା ଗ୍ରାମର ଗୋଟିଏ ଘର କୁଆପଥର ମାଡରେ ଫାଟି ଘର ଭିତରେ ପାଣି ପସି ଅନେକ ଖାଦ୍ୟ ଶସ୍ୟ ନଷ୍ଟ ହୋ ଜାଇଛି। ସେଇ ଭଳି ବୁର୍ଜା ପଞ୍ଚାୟତ ବନ୍ଦିକାର ଗ୍ରାମର ଉମାଶଙ୍କର ମିଶିଆଙ୍କାଙ୍କ ଘର ଉପରେ ପାଖରେ ଥିବା ଏକ ସୌର ଚାଳିତ ପାନୀୟଜଳ ପ୍ରକଳ୍ପର ସୋଲାର୍ ପ୍ଲେଟ୍ ଉଡି ଜାଇ ଘରେ ଉପରେ ପଡିବାରୁ ସାମନା ପଟ ଆଜବେଷ୍ଟ୍ ଭାଙ୍ଗି ଯାଇଥିବା ଜଣା ପଡିଛି। ସମସ୍ତେ ଗରିବ ଆଦିବାସି ଶ୍ରେଣୀର ହେଇଥିବା ବେଳେ ଆଜି ରାଜସ୍ୱ ବିଭାଗ ତରଫରୁ ପଲିଥିନ୍ ବଣ୍ଟା ଜାଇଥିବା ଜଣା ପଡିଛି।

ରୋଟାରୀ ପବ୍ଲିକ ସ୍କୁଲର ସମର କ୍ୟାମ୍ପ ଉଦ୍‌ଯାପିତ

ବରଗଡ, (ଭାସ୍କର ନ୍ୟୁଜ): ସ୍ଥାନୀୟ ରୋଟାରୀ ପବ୍ଲିକ ସ୍କୁଲରେ ତା. ୦୮.୦୫.୨୦୨୩ରୁ ଅଧକ୍ଷ ଶ୍ରୀ ଗଜେନ୍ଦ୍ର ନାରାୟଣ ମିଶ୍ରଙ୍କ ଅଧକ୍ଷତା ଓ ସ୍କୁଲ ଶିକ୍ଷକମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ସମର କ୍ୟାମ୍ପରେ ୮୦ ଜଣ ଛାତ୍ର ଛାତ୍ରୀ ଯୋଗଦେଇଥିଲେ। ଉକ୍ତ ଶିବିରରେ ସନ୍ଦୀପ ମହାପାତ୍ର ସଂଗୀତ, କୁଶ ମଲ୍ଲିକ ନୃତ୍ୟ , ବୃନ୍ଦାବନ ବିଶି ଆର୍ଟ ଓ କ୍ରାଫ୍ଟ, ସୁରଜ ଜେନା ସ୍କେଟିଂ, ଆଶୁତୋଷ ନାୟକ ଓ ହୀତ ଆହୁଜା ମାର୍ଶଲ ଆର୍ଟ, ଶୁଭମ ବଣିଆ କମ୍ପୁଟର, ବ୍ରଜେନ୍ଦ୍ର ମହାପାତ୍ର ସ୍ପୋକନ ଇଂଲିଶ ଓ ସୌମେନ୍ଦ୍ର ପାଢୀ ଆବାକସ୍ ଶିକ୍ଷା ଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ରୋଟାରୀ କ୍ଲବର ପୂର୍ବତନ ସଭାପତି ରୋଟାରୀଏନ୍ ଗୋବିନ୍ଦ ଦାଶ ଓ କଲ୍‌ଚରାଲ ଚେୟାରମ୍ୟାନ ରୋଟାରୀଏନ୍ ବୀରେନ୍ଦ୍ର ଶତପଥି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ସାର୍ଟିଫିକେଟ୍ ଓ ଉପହାର ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ବ୍ରଜେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବବର୍ଷ ତୁଳନାରେ ବଢିଲା ମାଟ୍ରିକ ୯୫.୩୨ ପ୍ରତିଶତ ଛାତ୍ରଛାତ୍ରୀ ପାସ୍

କୋରାପୁଟ, (ଭାସ୍କର ନ୍ୟୁଜ) ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଜିଲ୍ଲାରେ ପାସ୍ ହାର ୯୫.୩୨ ପ୍ରତିଶତ ରହିଛି । ଚଳିତବର୍ଷ ଛାତ୍ରୀଙ୍କ ଅପେକ୍ଷା ଛାତ୍ରମାନେ ଭଲ ଫଳାଫଳ ରଖିଛନ୍ତି ଗତବର୍ଷ ପରୀକ୍ଷା ଫଳ ୯୦.୪୧ ପ୍ରତିଶତ ଥିବା ବେଳେ ଚଳିତ ବର୍ଷ ଏଥିରେ ବୃଦ୍ଧି ଘଟିଛି । ଏହାକୁ ନେଇ ଜିଲ୍ଲା ଶିକ୍ଷା ବିଭାଗ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି । ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଦିବ୍ୟରନ ମିଶ୍ର ୫୬୭ ମାର୍କ (୯୪.୫୦ ପ୍ରତିଶତ)ରଖି ଜିଲ୍ଲା ଟପର ହୋଇଛନ୍ତି । ସେହିପରି କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଶୁଭମ ବାରିକ ୫୬୫(୯୪.୧୭ପ୍ରତିଶତ) ରଖି ଜିଲ୍ଲାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଏହି ସ୍କୁଲର ଛାତ୍ର ଜ୍ୟୋତିପ୍ରକାଶ ମିଶ୍ର ୫୬୪ (୯୪ପ୍ରତିଶତ) ରଖି ତୃତୀୟସ୍ଥାନ ଅଧିକାର କରିଛନ୍ତି । ସୂଚନା ଅନୁସାରେ ଜିଲ୍ଲାରେ ୨୭୧ ହାଇସ୍କୁଲର ୧୬ହଜାର ୪୨୪ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୪୪୬ ଜଣ ପରୀକ୍ଷା ଦେଇ ନଥିଲେ । ପରୀକ୍ଷା ଦେଇଥିବା ୧୫ହଜାର ୯୭୮ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୧୫ହଜାର ୬୫୫ଜଣ ପାସ କରିଛନ୍ତି । ମୋଟ ୩୧୨ଜଣ ଫେଲ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୧୧ଜଣ କପି କରି ଧରାପଡ଼ିଥିଲେ । ସେହିପରି ପାସ୍ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏ-୧ଗ୍ରେଡରେ ୧୯ଜଣ, ଏ-୨ରେ ୧୪୧, ବି-୧ରେ ୭୩୨, ବି-୨ରେ୨୭୦୮, ସି-ଗ୍ରେଡରେ ୩୯୭୦, ଡି-ଗ୍ରେଡରେ ୪୪୦୯ ଏବଂ ଇ-ଗ୍ରେଡରେ ୩୬୭୬ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ପୂର୍ବ ବର୍ଷ ତୁଳନାରେ ଚଳିତବର୍ଷ ଗ୍ରେଡ ହାସଲ ସ୍ଥିତିକୁ ଅନୁଧ୍ୟାନ କଲେ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ଏ-୧,ଏ-୨ ପାଇଛନ୍ତି । ଗତବର୍ଷ ୩୦ଜଣ ଏ-୧ଗ୍ରେଡ, ୪୪୮ଜଣ ଏ-୨ ଗ୍ରେଡ, ୨୩୧୯ ଜଣ ବି-୧ ଓ ୩୭୮୮ ଜଣ ବି-୨ ଗ୍ରେଡ ପାଇଥିଲେ । ଯାହା ଚଳିତବର୍ଷ କମ୍ ରହଥିବା ଜଣାପଡ଼ିଛି।

ମାଟ୍ରିକ ପରୀକ୍ଷାରେ ବିଜରାଗୁଡ଼ା କନ୍ୟାଶ୍ରମର ରାଜ୍ୟ ସ୍ତରୀୟ ସଫଳତା

ତେନ୍ତୁଳିଖୁଣ୍ଟି,(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ବିଜରାଗୁଡା ଉଚ୍ଚ ବାଳିକା ବିଦ୍ୟାଳୟ ର ସର୍ବମୋଟ ୧୧୧ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ଭଲ ନମ୍ବର ରଖି ପାସ ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ଏ-୨ ରେ ୨୩ ଜଣ, ବି-୧ ରେ ୭୦ଜଣ ଏବଂ ବି-୨ ରେ ୧୮ ଜଣ ପାସ ହୋଇଥିବା ଜଣାପଡିଛି। ଉକ୍ତ ପାସ ହାରକୁ ଦୃଷ୍ଟିରେ ରଖି ରାଜ୍ୟ ମଙ୍ଗଳ ବିଭାଗ ତରଫରୁ ପ୍ରକାଶିତ ରାଜ୍ୟ ସ୍ତରୀୟ ଟପ ୨୦ ବିଦ୍ୟାଳୟ ମଧ୍ୟରୁ ବିଜରାଗୁଡ଼ା କନ୍ୟାଶ୍ରମ ୧୮ତମ ସ୍ଥାନ ଗ୍ରହଣ କରିଛି। ଏହି ଖବର ଜାଣିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣାକର ନାୟକ ଏହି ଶ୍ରେୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ବିଦ୍ୟାଳୟର ଅନ୍ୟ ସମସ୍ତ କର୍ମଚାରୀମାନଙ୍କର ବୋଲି କହିଛନ୍ତି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରମୋଦ ରଥ, ତ୍ରିଲୋକ ନାଥ ବିଷୋୟୀ, ମନୋକ କୁମାର ପଟ୍ଟନାୟକ, କାନୁ ଚରଣ ପଟ୍ଟନାୟକ, ପି. ଧରଣୀଧର, ନିବେଦିତା ସିଂ, ଶୁଭଶ୍ରୀ ବରାଡ଼, ସୁନିତା ତ୍ରିପାଠୀ, ସୌରଭ ସାହୁ, ପଦ୍ମା ଖରା ଏବଂ ବିଦ୍ୟାଳୟ ସଭାପତି ହେମନ୍ତ ଭତ୍ରା ପ୍ରମୁଖ ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ବର୍ଷ ମଧ୍ୟ ଏହି ବିଦ୍ୟାଳୟକୁ ରାଜ୍ୟସ୍ତରରେ ପୁରସ୍କୃତ କରାଯାଇଥିଲା।

ବର୍ଷା ପବନରେ ଘର ଭାଙ୍ଗିଲା,ଅଳ୍ପକେ ବର୍ତ୍ତିଲେ ତିନିଜଣ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ବର୍ଷା ପବନରେ ଗଛ ଉପୁଡି ପଡି ଏକ ଘର ଉପରେ ପଡିବାରୁ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ବେଳେ ଘର ଭିତରେ ଥିବା ଗୋଟିଏ ପରିବାରର ତିନିଜଣଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଛି। ଏଇ ଭଳି ଘଟଣା କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର କାବ୍ରୀବାଡି ପଞ୍ଚାୟତ ଅନ୍ତର୍ଗତ ସୁଫଲମୁଣ୍ଡା ଗ୍ରାମ ଠାରେ ଘଟିଛି। ଶୁକ୍ରବାର ସନ୍ଧ୍ୟା ଛଅଟା ବେଳେ ପ୍ରବଳ ବର୍ଷା ପବନ ହୋଇଥିଲା। ଫଳରେ ଆନନ୍ଦ କାଡ୍ରାକାଙ୍କ ଘର ପାଖରେ ଥିବା ଏକ ବିରାଟ ବଡ ଆମ୍ବ ଗଛ ମୂଳରୁ ଉପୁଡି ପଡି ତାଙ୍କ ଘର ଉପରେ ପଡିଥିଲା। ଘର ଭିତରେ ଥିବା ୩ ବସ୍ତା ଚାଉଳ,୫ ବସ୍ତା ମାମଣ୍ଡିଆ,୪ ବସ୍ତାଧାନ, ଦଶଟି ହାଣ୍ଡି, ଦୁଇଟି ଖଟ, ଗୋଟିଏ ଆଲମିରା ଓ ଗୋଟିଏ ପଙ୍ଖା ସମ୍ପୂର୍ଣ୍ଣ ଭାଙ୍ଗିଯାଇ ମାଟିରେ ମିଶି ଯାଇଥିବା ବେଳେ ଘର ଭିତରେ ଥିବା ୩ ଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ସେମାନେ ଏବେ ଏକ କୁଡିଆରେ ଆଶ୍ରୟ ନେଇଥିବା ଜଣା ପଡିଛି। ଖବର ଶୁଣି ରାଜସ୍ୱ ନିରିକ୍ଷକ ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କଲା ପରେ ସରକାରି ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ଆରମ୍ଭ ହେବ ୪ଟି ନୂତନ ପାଠ୍ୟକ୍ରମ

କୋରାପୁଟ, (ଭାସ୍କର ନ୍ୟୁଜ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ୨୦୨୩-୨୪ ଶିକ୍ଷା ବର୍ଷରୁ ଆରମ୍ଭ ହେବ ୩ଟି ସ୍ନାତକ ଓ ଗୋଟିଏ ସ୍ନାତକୋତର ପାଠ୍ୟକ୍ରମ। ଏଥିରେ କୃଷି ବିଜ୍ଞାନ, ଦୁଗ୍ଧ ବିଜ୍ଞାନ ଓ ଜଙ୍ଗଲ ପରିଚାଳନାରେ ୪ବର୍ଷିଆ ବିଏସି ପାଠ୍ୟକ୍ରମ ଏବଂ ଲଜିଷ୍ଟିକ୍ସ ଓ ଯୋଗଣ ଶୃଙ୍ଖଳା ପରିଚାଳନାରେ ଦୁଇ ବର୍ଷିଆ ପିଜି ଏମ୍‌ବିଏ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ । ନିକଟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟରେ ଏକ ବୈଠକ କରି କେବଳ ଓଡିଶା ନୁହେଁ ବରଂ ଭାରତର ଯୁବପିଢିଙ୍କ ପାଇଁ ନୂତନ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଭାରତ ଶିକ୍ଷା କ୍ଷେତ୍ରରେ ଆଦିବାସୀ ସମ୍ପ୍ରଦାୟ ସମେତ ଯୁବପିଢିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପୋରକ୍ତ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଖାଦ୍ୟ ନିରାପତା ଓ ଜୈବ ବିବିଧତା ସଂରକ୍ଷଣ ପାଇଁ ୨୦୧୨ ମସିହାରେ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫଏଓ) ଓଡିଶା କୋରାପୁଟ ଅଞ୍ଚଳରେ ପ୍ରଚଳିତ ପାରମ୍ପରିକ କୃଷି ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ କୃଷି ଐତିହ୍ୟ (ଜିଆଇଏଏଚ୍ଏସ୍) ମାନ୍ୟତା ପ୍ରାଦନ କରିଥିଲା। ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ ୨୦୨୩-୨୪ ଶିକ୍ଷା ବର୍ଷରୁ କୃଷି ବିଜ୍ଞାନ, ଦୁଗ୍ଧ ବିଜ୍ଞାନ ଓ ଜଙ୍ଗଲ ପରିଚାଳନା କ୍ଷେତ୍ରରେ ୪ବର୍ଷିଆ ବିଏସସି ପାଠ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି ।

#

ଓଡ଼ିଶା ଭାସ୍କର
ଦୃଷ୍ଟିପାତ



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍

ବିଷକନ୍ୟାଙ୍କର କାହାଣୀ

ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ. - ୮୦୧୮୮୭୫୩୩୫

ପିଲାଦିନୁ ଆମେ ଶୁଣିଥିବା ବିଷକନ୍ୟାମାନଙ୍କର କାହାଣୀ ସତ୍ୟ ନା କାଳ୍ପନିକ ସେ ସମ୍ବନ୍ଧରେ ଏହା ହେଉଛି ଏକ ତଥ୍ୟମୂଳକ ଆଲୋଚନା । ସେ କାଳରେ ବିଷକନ୍ୟାମାନେ ଯେ କେବଳ ଆମ ଦେଶରେ ଥିଲେ ତାହା ନୁହେଁ, ଅନ୍ୟ କେତେକ ଦେଶରେ ମଧ୍ୟ ଥିବା ସମ୍ବନ୍ଧରେ ଐତିହାସିକ ତଥ୍ୟ ଓ ପ୍ରମାଣ ରହିଛି । ମାତ୍ର ଏ ବିଜ୍ଞାନ ଯୁଗରେ ବୈଜ୍ଞାନିକମାନେ ଏହା ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି । ସେମାନଙ୍କ ମତରେ ପୂର୍ବ କାଳରେ ଦେଖାଯାଉଥିବା 'ବିରାଟକାୟ ବିଷଧର ସର୍ପ'ର ଅବସ୍ଥିତିକୁ ଆଧାର କରି ବିଷକନ୍ୟା ଭଳି ଏକ ଅବାସ୍ତବ ମାନବୀର କଳ୍ପନା କରାଯାଇଥିଲା । ମାତ୍ର ପାଶ୍ଚାତ୍ୟ ଦେଶର ବିଖ୍ୟାତ ଐତିହାସିକ 'କ୍ୟୁମ୍ ଫିଲଡ୍' ଓ 'ହଜ୍'ଙ୍କର ଅକ୍ଳାନ୍ତ ପରିଶ୍ରମ, ନିଷ୍ଠାପର ଉଦ୍ୟମ ଓ ଗବେଷଣାରୁ ବିଷକନ୍ୟାମାନଙ୍କ ଅବସ୍ଥିତି ପ୍ରମାଣିତ ହୋଇଯାଇଛି । ସେମାନେ ସ୍ଥିର ନିଶ୍ଚିତ ଯେ, ମଧ୍ୟଯୁଗରେ ବିଷକନ୍ୟାମାନେ ଥିଲେ ଏବଂ ପୃଥିବୀର ଅନ୍ୟାନ୍ୟ ଦେଶ ଅପେକ୍ଷା ଭାରତର ବିଷକନ୍ୟାମାନେ ଅଧିକ ଓ ଶ୍ରେଷ୍ଠ ଅଟନ୍ତି ।

ବିଷକନ୍ୟାମାନଙ୍କର ବିଷୟରେ ଭାରତର ପ୍ରାଚୀନ ଇତିହାସ,ଐତିହାସିକ ଆଖ୍ୟାୟିକା ଓ ପୁରାତନ ଗଳ୍ପମାଳାଗୁଡିକ ଖେଳାଇଲେ ବହୁ ଚିତ୍ତାକର୍ଷକ ବିବରଣୀ ମିଳିଥାଏ । ବିଷକନ୍ୟାର ପ୍ରସ୍ତୁତି ପାଇଁ ପ୍ରତିଟି କନ୍ୟାକୁ ପିଲାଟି ଦିନରୁ ଏକ ସ୍ୱତନ୍ତ୍ର ପ୍ରକ୍ରିୟାରେ, ଅଥଚ ଖୁବ୍ ଯତ୍ନର ସହିତ ପାଳିବାକୁ ହୋଇଥାଏ । ସେମାନଙ୍କୁ ରହିବା ଓ ଖାଇବାର ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ସଂପୂର୍ଣ୍ଣ ଭାବେ ପୁରୁଷବର୍ଜିତ ପରିବେଶ ମଧ୍ୟରେ ରଖାଯାଇଥାଏ । ଏଥିପାଇଁ ଅପରାଧୀ ମହିଳା, ଗରିବ ଓ ନିଃସହାୟ ବିଧବା ଏବଂ ବେଶ୍ୟାମାନଙ୍କର କନ୍ୟାସନ୍ତାନ ସମେତ ଅନାଥ ବାଳିକାମାନଙ୍କୁ ଚୟନ କରାଯାଏ । ଏମାନଙ୍କୁ ଏକତ୍ର କରି ଏକ ନିଷିଦ୍ଧ ମହଲରେ ରଖାଯାଏ । ପିଲାଟି ଦିନରୁ ଏହି ଛୋଟ ଛୋଟ ବାଳିକାମାନଙ୍କୁ ଜଙ୍ଗଲର ବିଭିନ୍ନ ଜଡ଼ିବୁଟି ଓ ଚେରମୂଳୀ ସହିତ ପରିଚିତ କରାଇ ଦିଆଯାଏ । ବିଷାକ୍ତ ଫୁଲ ସବୁ ଶୁଙ୍ଘିବାକୁ ଦିଆଯାଏ । ବିଭିନ୍ନ କିସମର ବିଷ ଏମାନେ ହାତରେ ଧରନ୍ତି ଓ ଶୁଙ୍ଘନ୍ତି । ସେମାନଙ୍କ ଖାଦ୍ୟ ଓ ପାନୀୟରେ ଅଳ୍ପମାତ୍ରାରେ ବିଷ ମିଶାଇ ଦିଆଯାଇଥାଏ । ଅଫିମ ଖାଇବା ଅଭ୍ୟାସ କରିବା ସହିତ ବିଷାକ୍ତ ଧୁତୁରା ମଞ୍ଜି ଚାଖନ୍ତି ।

ଝିଅମାନେ ୮/୧୦ ବର୍ଷ ବୟସ ହେଲା ବେଳକୁ ଖାଉଥିବା ବିଷର ପ୍ରଭାବରେ ଅନେକ ମରିଯାଆନ୍ତି । ଯେଉଁମାନେ ବଞ୍ଚିଥାଆନ୍ତି ସେମାନେ ନିଃସନ୍ଦେହ ଭାବରେ ବିଷ ଖାଇ ହଜମ କରିବାର ଶକ୍ତି ହାସଲ କରିଥାଆନ୍ତି । ସମୟ ସମୟରେ ଏମାନଙ୍କ ଦେହରେ ଥିବା ବିଷର ପ୍ରଭାବ ଜାଣିବା ପାଇଁ ପରୀକ୍ଷା କରାଯାଏ । ସେହି କନ୍ୟାମାନେ ଯେଉଁସବୁ ଫଳକୁ ଦାନ୍ତରେ କାମୁଡ଼ି ଖଣ୍ଡିଆ କରିଥାଆନ୍ତି, ସେଥିରେ ଲାଗିଥିବା ଲାଳ ସମେତ ଫଳସବୁ ରାଜବୈଦ୍ୟ ପରୀକ୍ଷା କରନ୍ତି । ଏଥରୁ ବିଷ କେତେଦୂର ହାନିକାରକ ଜଣାପଡ଼ିଥାଏ । ପିଲାମାନଙ୍କୁ ବୟସ ୧୦ ବର୍ଷ ହେଲାବେଳକୁ ବିଷ ପାନ କରିବାର ନିଶା ଧରି ନେଇଥାଏ । ଏଣୁ ସେମାନେ ବିଷ ନପିଇ ରହିପାରନ୍ତି ନାହିଁ । ଏହି ବୟସରୁ ଦୈନନ୍ଦିନ ବିଷପାନ ସହିତ ଏମାନଙ୍କୁ ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଓ ସଂଭାଷଣ ଆଦି ଶିକ୍ଷା ଦିଆଯାଏ । ୧୫/୧୬ ବର୍ଷ ହୋଇଗଲେ ପ୍ରତିଟି କନ୍ୟାକୁ ବିଷଧର ସର୍ପ ଦ୍ୱାରା ଦଂଶନ କରାଯାଏ । ପ୍ରଥମ ଥର ଦଂଶନ ମାତ୍ରେ କନ୍ୟାମାନେ ମୂର୍ଚ୍ଛିତ ହୋଇଯାଆନ୍ତି । ମାତ୍ର ପରବର୍ତ୍ତୀ ସମୟରେ ବିଷାକ୍ତ ସର୍ପ ଦଂଶନରେ ଚେତା ନ ହରାଇ କେବଳ ମାତ୍ର କିଛି ସମୟ ପାଇଁ ଶୋଇଯାଆନ୍ତି । ଏହା ସେମାନଙ୍କର ଦୈନନ୍ଦିନ ରୁଟିନ ବନ୍ଧା କାର୍ଯ୍ୟକ୍ରମ ହୋଇଥାଏ ।

ବାରମ୍ବାର ସର୍ପ ଦଂଶନ ଫଳରେ କନ୍ୟାମାନଙ୍କୁ ନିଶା ଘାରେ । କିଛିଦିନ ପରେ ଏମାନେ ଏତେଦୂର ନିଶାଖୋର ହୋଇପଡ଼ନ୍ତି ଯେ, ଜଙ୍ଗଲରୁ ଏକ ବିଶେଷ ପ୍ରଜାତିର ସରୁ ଅଥଚ ପ୍ରଖର ବିଷଧର ସାପ ଧରିଆଣି ନିଜ ପାଖରେ ସୁନ୍ଦର ସୁନ୍ଦର ପେଡ଼ିରେ ରଖନ୍ତି ଓ ଆବଶ୍ୟକ ସମୟରେ ତା' ସମ୍ମୁଖରେ ନିଜ ଜିଭର ଅଗ୍ରଭାଗ ଦେଖାଇ ଦଂଶନ କରାଇଥାଆନ୍ତି । ଏଥିପାଇଁ ସେମାନଙ୍କୁ ଅନେକ ସାପ ରଖିବାକୁ ପଡ଼ିଥାଏ । କାରଣ ଥରେ ଦଂଶନ କରିଦେଲେ ସାପମାନେ ଦୀର୍ଘଦିନ ପର୍ଯ୍ୟନ୍ତ ବିଷଧାରଣ କରିପାରନ୍ତି ନାହିଁ । ଏହିଭଳି ଉତ୍କଟ ବିଷରେ ଭରପୂର ପୂର୍ଣ୍ଣଯୌବନା ଯୁବତୀମାନଙ୍କୁ 'ବିଷକନ୍ୟା' କୁହାଯାଏ । ଏମାନଙ୍କୁ ଗୁପ୍ତଚର ବୃତ୍ତି ଶିକ୍ଷା ଦିଆଯିବା ସଙ୍ଗେ ସଙ୍ଗେ ପୁରୁଷମାନଙ୍କୁ ବଶ କରିବାପାଇଁ ନୃତ୍ୟ, ଆଲିଙ୍ଗନ ଓ ସଂଭାଷଣ କଳା ଆଦି ଶିକ୍ଷା ଦିଆଯାଏ । କେତେକ ପୁରାଣ କଥାରେ ଏଭଳି ବିଷକନ୍ୟାମାନଙ୍କର ବର୍ଣ୍ଣନା ଅଛି, ଯେଉଁମାନଙ୍କ ଦେହର ଝାଳ କିମ୍ବା ନିଃଶ୍ୱାସର ସ୍ପର୍ଶରେ ଆସି ପୁରୁଷମାନେ ମୃତ୍ୟୁମୁଖରେ ପଡ଼ିଥା'ନ୍ତି !

ଫ୍ରାନ୍ସର ପ୍ରସିଦ୍ଧ ଲେଖକ 'ଅର୍ଣ୍ଣେଷ୍ଟ ରେନ' (Ernest Renon)ଙ୍କ ଲିଖିତ ଏକ ପୁସ୍ତକରେ ଏଭଳି ଜଣେ ବିଷକନ୍ୟାର ବର୍ଣ୍ଣନା ରହିଛି । ପୁସ୍ତକ ଅନୁଯାୟୀ ଜଣେ ଭାରତୀୟ ରାଜାଙ୍କୁ ଜ୍ୟୋତିଷ ଭବିଷ୍ୟତବାଣୀ କରିଥିଲେ ଯେ ସେ ମହାବୀର ଆଲେକଜାଣ୍ଡାରଙ୍କ ହାତରେ ନିହତ ହେବେ । ରାଜା ବିବ୍ରତ ହୋଇପଡ଼ିଲେ ଓ ନିଜର ଜୀବନ ରକ୍ଷା ପାଇଁ ବିଭିନ୍ନ ଉପାୟ ଚିନ୍ତା କରିବାକୁ ଲାଗିଲେ । ଶେଷରେ ସେ ସ୍ଥିର କଲେ ଯେ, କଳେ ବଳେ କୌଶଳେ ଆଲେକଜାଣ୍ଡାରଙ୍କୁ ହତ୍ୟା କଲେ ନିଜ ଜୀବନ ରକ୍ଷା ହୋଇପାରିବ । ରାଜା ସେଥିପାଇଁ ଅନେକ ପ୍ରାପ୍ତବୟସ୍କା ବାଳିକାଙ୍କୁ ଏକତ୍ର କଲେ ଓ ବିଷକନ୍ୟା ତିଆରି କରିବା ପାଇଁ ଜଣେ ଅମାତ୍ୟଙ୍କୁ ଦାୟିତ୍ୱ ଦେଲେ । ଏହି ବାଳିକାମାନଙ୍କ ଉପରେ ତୀବ୍ର ବିଷ ପ୍ରୟୋଗ କରାଗଲା । ଗୋଟିଏ ନିର୍ଦ୍ଦିଷ୍ଟ ବୟସ ସୀମାର ଝିଅମାନଙ୍କ ମଧ୍ୟରୁ ଜଣକୁ ଛାଡ଼ି ସମସ୍ତେ ମରିଗଲେ । ବଞ୍ଚିଥିବା ଯୁବତୀଟି ଥିଲା ଅଫୁରନ୍ତ ଯୌବନା ଓ ଅପୂର୍ବ ସୁନ୍ଦରୀ । ତାକୁ ହିଁ ବିଷକନ୍ୟା ରୂପେ ପ୍ରସ୍ତୁତ କରାଗଲା ।

ସେତେବେଳେ ଆଲେକଜାଣ୍ଡାର ଭାରତ ସୀମା ଭିତରେ ପ୍ରବେଶ କରିସାରିଥିଲେ । ଭୟାର୍ତ୍ତ ରାଜା ବିଭିନ୍ନ ପ୍ରକାର ଉପଢ଼ୌକନ ସହ ଉକ୍ତ ଅପରୂପା ସୁନ୍ଦରୀ ଯୁବତୀଟିକୁ 'ଭେଟି' ହିସାବରେ ଆଲେକଜାଣ୍ଡରଙ୍କ ନିକଟକୁ ପଠାଇଦେଲେ । ବିନୟ ଓ ସମ୍ମାନର ସହ ଲେଖାଯାଇଥିବା ରାଜାଙ୍କର ବାର୍ତ୍ତା ଓ ଭୁବନମୋହିନୀ ସୁନ୍ଦରୀକୁ ଦେଖି ଆଲେକଜାଣ୍ଡାର ଅତିଶୟ ପ୍ରୀତହେଲେ ଏବଂ ଏହି ଲୋଭନୀୟ ଉପହାରଟିକୁ ସ୍ୱୀକାର କଲେ । ମାତ୍ର ତାଙ୍କର କୁଳଗୁରୁ 'ଅରସ୍ତୁ' ତାଙ୍କୁ ଏହା ଗ୍ରହଣ କରିବାପାଇଁ ବାରଣ କଲେ । ପ୍ରଥମରୁ ଉପଢ଼ୌକନ ସହ ଆସିଥିବା ଏହି ସୁନ୍ଦରୀ ନାରୀଟିକୁ ଦେଖି ଅରସ୍ତୁଙ୍କର ସନ୍ଦେହ ହୋଇଥିଲା । କାରଣ ପୂର୍ବରୁ ସେ ଅନେକ ପୋଥି ଓ ଧର୍ମଗ୍ରନ୍ଥରେ ବିପଦଜନକ ବିଷ କନ୍ୟାମାନଙ୍କ ସମ୍ବନ୍ଧରେ ଭଲଭାବରେ ପରିଚିତ ଥିଲେ । ସେଥିପାଇଁ ଭେଟି ସ୍ୱରୂପ ମିଳିଥିବା ରମଣୀଟିକୁ ଉପଯୁକ୍ତ ପରୀକ୍ଷା ନିରୀକ୍ଷା ନକରି ଗ୍ରହଣ କରିବାକୁ ସେ ବାରଣ କରିଥିଲେ । ମାତ୍ର ଆଲେକଜାଣ୍ଡର ଗୁରୁଙ୍କ କଥାରେ ଏହି ଲୋଭନୀୟ ଉପହାରଟିକୁ ହାତଛଡ଼ା କରିବାକୁ ଚାହୁଁନଥିଲେ । ଭେଟି ସ୍ୱୀକାର କଲେ ହେଁ ସେହି ଅପରୂପା ସୁନ୍ଦରୀଟିକୁ ସ୍ପର୍ଶ କରିବା ପାଇଁ ଅରସ୍ତୁ ବାରଣ କଲେ । ଗୁରୁଙ୍କ ଆଦେଶ ମାନି ସେ ତାକୁ ସ୍ପର୍ଶ କଲେ ନାହିଁ ।ମାତ୍ର ତାଙ୍କ ମନରୁ ସନ୍ଦେହ ଦୂର ହୋଇନଥିଲା । ଗୁରୁ ଅରସ୍ତୁ ବୁଝାଇ ଦେଲେ ଯେ ଶତ୍ରୁକୁ ହତ୍ୟା କରିବାପାଇଁ ଏହି ବିଷକନ୍ୟା ନାମକ ନାରୀଟି ଏକ ଅମୋଘ ଅସ୍ତ୍ର । ଏହାକୁ ସ୍ପର୍ଶମାତ୍ରେ ହେଁ ଜୀବନହାନି ସୁନିଶ୍ଚିତ । ତଥାପି ଆଲେକଜାଣ୍ଡରଙ୍କ ମନରୁ ସନ୍ଦେହ ଦୂର ହେଲାନାହିଁ । କାରଣ ସେ ଜାଣିଥିଲେ ଯେ ବିଷକନ୍ୟା ଏକ ଅତି ଅବାସ୍ତବ ପରିକଳ୍ପନା ମାତ୍ର । ଶେଷରେ ନିଜର ପ୍ରିୟ ଶିଷ୍ୟକୁ ରକ୍ଷା କରିବାପାଇଁ ଗୁରୁ ଅରସ୍ତୁ ବାଧ୍ୟହୋଇ ଦୁଇଜଣ ଭୃତ୍ୟଙ୍କୁ ଡକାଇ ଜଣକ ହାତରେ କିଛି ଫଳ ମଗାଇଲେ । ଏହି ଫଳଗୁଡ଼ିକୁ ସେହି ରୂପସୀ କନ୍ୟାକୁ ଚାଖିବାକୁ ଦେଲେ । ପରେ ତା'ର ଦାନ୍ତ ଲଗାଇଥିବା ଓ ଛାଡ଼ି ଯାଇଥିବା ଅଇଁଠା ଫଳଗୁଡ଼ିକୁ ଗୋଟାଇ ପଶୁଶାଳାରେ ପକାଇଦେବା ପାଇଁ ଆଦେଶ ଦେଲେ । ଅରସ୍ତୁଙ୍କର ଆଦେଶରେ ୨ୟ ଭୃତ୍ୟ ସମସ୍ତଙ୍କ ସମ୍ମୁଖରେ କନ୍ୟାଟିକୁ ଚୁମ୍ବନ ଦେଲା ଓ ପରମୁହୂର୍ତ୍ତରେ ବେହୋସ ହୋଇ ତଳେ ପଡ଼ିଗଲା । ତେଣେ ପଶୁଶାଳାରେ ଅଇଁଠା ଫଳ ଖାଇଥିବା ଘୋଡ଼ା ଓ କୁକୁର କେତୋଟି ମରି ଯାଇଥିବା ସମ୍ବାଦ ଆସିଲା । ସେତେବେଳକୁ ଅଚେତ ହୋଇପଡ଼ିଥିବା ଭୃତ୍ୟଟିର ମୃତ୍ୟୁ ହୋଇଯାଇଥିଲା । ଆଲେକଜାଣ୍ଡର ଏହି ସୁନ୍ଦରୀ ବିଷକନ୍ୟାଟିର ପରାଭବ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ସଙ୍ଗେ ସଙ୍ଗେ ଗୁରୁଙ୍କ ଆଦେଶରେ ମୃତଘୋଡ଼ା ଓ କୁକୁରମାନଙ୍କ ଶବକୁ ଜଳାଇ ଦିଆଯାଇଥିଲା । ବିଷକନ୍ୟାଟିର ଶିର ଛେଦନ କରି ତା'ର ମୁଣ୍ଡ ଓ ଗଣ୍ଡିକୁ ଅଲଗା ଅଲଗା କରି ଜଳାଇ ଦିଆଗଲା ଓ ଭୂମିରେ ପଡ଼ିଥିବା ପାଉଁଶକୁ ଗାତଖୋଳି ପୋତି ଦିଆଗଲା ।

ସପ୍ତମ ଶତାବ୍ଦୀରେ ଭାରତରେ ରଚିତ ସଂସ୍କୃତ ଗ୍ରନ୍ଥମାନଙ୍କରେ ମଧ୍ୟ ଏହାର ଉଲ୍ଲେଖ ଅଛି । ଚତୁର୍ଦ୍ଦଶ ଶତାବ୍ଦୀରେ ଲିଖିତ ପୁସ୍ତକ 'ଜେଷ୍ଟ ରୋମେନୋରମ' ନାମକ ପୁସ୍ତକରେ ଏହାର ବର୍ଣ୍ଣନା ରହିଛି । ବିଖ୍ୟାତ ଆମେରିକାନ କବି 'ନେଥୋନିୟା ହଥର୍ଣ୍ଣ'ଙ୍କ ଲିଖିତ 'ଡାକ୍ତର ଓ ରେପ୍ୟାସିନି' ନାମକ ଏକ ଦୀର୍ଘ କବିତାରେ ଜଣେ ଡାକ୍ତର ନିଜ କନ୍ୟାକୁ ଗୋଟିଏ 'ବିଷକନ୍ୟା' ରୂପରେ କିଭଳି ବିକଶିତ କରିଛନ୍ତି ଓ ପରେ ତା'ର ବିବାହ ଉତ୍ସବରେ କି କି ପ୍ରକାର ଅସୁବିଧା ହୋଇଛି ଏବଂ ମାଆ ଓ ଝିଅ ଏହାର କିଭଳି ସମ୍ମୁଖୀନ ହୋଇଛନ୍ତି, ବର୍ଣ୍ଣନା ରହିଛି । ଏହା ବ୍ୟତୀତ ଏଭଳି ବିଷକନ୍ୟାମାନଙ୍କ ସମ୍ବନ୍ଧରେ ଇଂରାଜୀ, ଇଟାଲୀ, ଲାଟିନ୍ ଓ ସଂସ୍କୃତ ସମେତ 'ଅନୱର-ଏ-ସୁହେଲୀ' ନାମକ ପାରସୀ ଗ୍ରନ୍ଥରେ ଉଲ୍ଲେଖ ରହିଛି । ଭାରତରେ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ମହାଜ୍ଞାନୀ ଚାଣକ୍ୟଙ୍କୁ ନେଇ ବିଶାଖାଦତ ରଚିତ ମହାନାଟକ 'ମୁଦ୍ରା ରାକ୍ଷସ'ରେ ବିଷକନ୍ୟାମାନଙ୍କ ବିଷୟରେ ସବିଶେଷ ବର୍ଣ୍ଣନା ଓ ପ୍ରମାଣ ରହିଛି । ପୁରାକାଳରେ ବିଷକନ୍ୟାମାନଙ୍କୁ ଖୁବ୍ ଯତ୍ନ ଓ ସାବଧାନତା ସହକାରେ କେବଳ ଦେଶରକ୍ଷା, ଗୁପ୍ତଚର ବୃତ୍ତି ଓ ଶତ୍ରୁ ନିଧନର ଅସ୍ତ୍ର ରୂପେ ବ୍ୟବହାର କରାଯାଉଥିଲା । ମୃତ୍ୟୁ ନିଶ୍ଚିତ ଜାଣି ମଧ୍ୟ ସେମାନେ ନିଜକୁ ଦେଶ ପାଇଁ ସଂପୂର୍ଣ୍ଣ ଉତ୍ସର୍ଗ କରିଦେଉଥିଲେ । ସେତେବେଳେ ହୁଏତ ଏମାନଙ୍କର ଆବଶ୍ୟକତା ଥିଲା । ଏବେ ଏମାନଙ୍କର କାହାଣୀ କେବଳ ଗବେଷଣାର ବିଷୟ ମାତ୍ର ।

ଶାଖା ସଂସାରରେ ବୈଶାଖୀବର୍ଷା

ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ- ୯୮୬୧୦୩୪୧୬୩

ପ୍ରକୃତିର ଆକସ୍ମିକ ତାଣ୍ଡବ, ଘୂର୍ଣ୍ଣିଝଡ, କାଳବୈଶାଖୀ ମାତ୍ର ୪୧ ମିନିଟ୍‌ରେ ୮୦ କିଲୋମିଟର ବେଗରେ ବହିଗଲା ଏଇ ୨୦୨୩ ମଇ ୧୫ ତାରିଖ ଓପରଓଳା । ବିନା ବର୍ଷାରେ ପବନ - ପୁଣି ପରେପରେ ସାମାନ୍ୟବର୍ଷା ଓ କୁଆପଥର ବୃଷ୍ଟି । ଝଡବର୍ଷା ହଠାତ୍ କମିଗଲା - ପୁଣି ଖରା । ଜଣାଗଲା ଯେ - ବହୁସ୍ଥାନରେ ପୁରୁଣାନୂଆ ଗଛ ସବୁ ଭାଙ୍ଗଯାଇଛି । ରାସ୍ତାରେ ପଡି ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଛି । ଖବର ମିଳିଲା କିଛି ଜୀବଜନ୍ତୁଙ୍କର ମଧ୍ୟ ଜୀବନ ଚାଲିଯାଇଛି ।

ପ୍ରତିମୁହୂର୍ତ୍ତରେ ପରିବର୍ତ୍ତନଶୀଳ ପ୍ରକୃତିର ନିୟମ ଅତ୍ୟନ୍ତ ବିସ୍ମୟ ତଥା ବିଚିତ୍ରମୟ - ଯାହାର ପ୍ରଭାବରେ ବିଶେଷ ବିଶେଷ ସମୟରେ ଓ ପରିସ୍ଥିତିରେ ପ୍ରାଣୀଜଗତ ଉପରେ ସୁଦୂରପ୍ରସାରୀ ପ୍ରଭାବ ମଧ୍ୟ ପଡିଥାଏ । ଆବର୍ତ୍ତନ ଓ ବିବର୍ତ୍ତନ ଦ୍ୱାରା ସମୟେ ସମୟେ ପ୍ରକୃତି ନିଜର ଭାରସାମ୍ୟକୁ ହରାଇବା ଦ୍ୱାରା ଏହା ଭୀଷଣ ରୂପ ଧାରଣ କରିଥାଏ । ପ୍ରଭାବସ୍ୱରୂପ ଯେତେବେଳେ ଶାନ୍ତସରଳ ନୀଳସମୁଦ୍ରରେ ଝଡବାତ୍ୟାର ରୂପ ନିଏ – କେବେ ବନ୍ୟା ଆଉ କେବେ ପ୍ରଚଣ୍ଡ ଝାଞ୍ଜି ପ୍ରଭାବରେ ଘୂର୍ଣ୍ଣିଝଡ ମଧ୍ୟ ଘଟିଥାଏ । ଏହା ନିମିଷକ ମଧ୍ୟରେ ପ୍ରବଳ ରୂପ ଧାରଣକରି ସବୁକିଛିକି ଧ୍ୱସ୍ତବିଧ୍ୱସ୍ତ କରିଦିଏ ।

ଏଇଭଳି ଏକ କରାଳ ରୂପ ଦେଖି ମୋ ଦେହରେ ଶିଥିଳତା ଆସିଯାଇଥିଲା । କିଛି ସମୟ ପାଇଁ ମୁଁ ହତବାକ୍ ହୋଇପଡିଥିଲି । ଅତ୍ୟନ୍ତ ଦୁଃଖ ମତେ ମ୍ରିୟମାଣ କରିଦେଇଥିଲା । ଏଇମାତ୍ର ୧୫ ତାରିଖ ସୋମବାରର କଥା । ମୋ ଘର ଆଗରେ ଏକ ବଗିଚା ଅଛି । ବହୁ ପ୍ରଜାତିର ଫୁଲ ଏବଂ ଫଳରେ ଭରପୂର । ପ୍ରତିଦିନ ସମୟ ପାଇଲେ ମୁଁ ବଗିଚାକୁ ଯାଇ ବୁଲିଆସେ । ହଠାତ୍ ଦେଖିଲି – ଚଢେଇଟିଏ ତା'ର କୁନି ଥଣ୍ଟରେ ଛୋଟଛୋଟ ଝଟା ଆଣି ମୋର ପ୍ରିୟ ଚମ୍ପାଗଛରେ ଏକ ବସା ବାନ୍ଧିଛି । ଏଇ ବସାରେ ସେ ଅଣ୍ଡାଦେଇ ଚାତକ ପରି ଚାହିଁରହିଛି – କେବେ ତା'ର ସନ୍ତାନ ଏ ଦୁନିଆରେ ସୂର୍ଯ୍ୟାଲୋକ ଦେଖିବ । ତା' ସ୍ୱପ୍ନର ଅନ୍ତ ଘଟିଛି । କିଛିଦିନ ପରେ ସେ ତିନୋଟି ଛୁଆର ମା' ହୋଇଛି । ଚଢେଇ ଛୁଆମାନଙ୍କ କେଁକଟର, ଚେଁଚାଁ ମଧୁର ଶବ୍ଦ ଶୁଣି ମୁଁ ତୃପ୍ତି ଅନୁଭବ କରୁଥିଲି । ଚଢେଇ ହେଲେବି ସେ ଗୋଟିଏ ମା' । ତା' ହୃଦୟରେ ସ୍ନେହମମତା, ଭଲପାଇବା, ମୋହମାୟାରେ ସେ ବନ୍ଧା । ମା' ଓ ଛୁଆର ନିବିଡ ସଂପର୍କ ତାକୁ ଅସ୍ତବ୍ୟସ୍ତ କରିଦିଏ । ଛୁଆମାନଙ୍କ ଉଦର ପୂରଣ ପାଇଁ ସେ ପ୍ରତ୍ୟେହ ବସାରେ ସେମାନଙ୍କୁ ଛାଡି ଖାଦ୍ୟ ଅନ୍ୱେଷଣରେ ବାହାରିଯାଏ । ଯାହା ପାଏ ତାହା ଅତ୍ୟନ୍ତ ସ୍ନେହମମତାର ସହ ତା'ର ଛୁଆମାନଙ୍କୁ ଖୁଆଇ ସେ ସନ୍ତୋଷ ପାଇଥାଏ । ସେଦିନ ବୈଶାଖୀ ଝଡରେ ମା' ତା ବସାକୁ ଫେରିପାରିନଥିଲା । ମଇ ୧୪ ତାରିଖରେ ବିଶ୍ୱ ମାତୃତ୍ୱଦିବସ ପାଳନ ଅବସରରେ ପନ୍ନୀ ଇନ୍ଦିରା ଏକ ସ୍କୁଲକୁ ଅତିଥି ହୋଇଯାଇଥିଲେ । ଦିନକ ପୂର୍ବରୁ ମାତୃଶକ୍ତି ବିଶ୍ୱରେ ମହାଶକ୍ତି । ମା' ବିନା ଏ ସଂସାର ଅସାର ସଂପର୍କରେ ଏକ ନିବନ୍ଧ ଲେଖି ମତେ ପଢାଇଥିଲେ ।

ସେଇ ୧୫ ତାରିଖ ଓପରଓଳି ପ୍ରାୟ ୫ଟା ହେବ – ହଠାତ୍ ଦେଖିଲି – ଘୂର୍ଣ୍ଣିଝଡ ପ୍ରଚଣ୍ଡବେଗରେ ମାଡିଆସୁଛି ଏବଂ ପ୍ରବଳବେଗରେ ପବନ ମଧ୍ୟ ବହୁଛି । ମୁଁ ଅସ୍ତବ୍ୟସ୍ତ ହୋଇ ଘରେ ବସିରହିଛି । କିଛି ସମୟପରେ ଝଡ ଚାଲିଗଲା ଝଡର ବାଟରେ - ପବନ ହୋଇଲା ଶାନ୍ତ । କିନ୍ତୁ ବାଇଚଢେଇବସାକୁ ଉଡେଇନେଇ ଗେଟ୍‌ପାଖରେ କଚାଡି ଦେଇଛି । ତିନୋଟି ନିଷ୍ପାପ ଶିଶୁ ଚଢେଇଙ୍କ କ୍ଷୁଦ୍ର ଜୀବନ ବାୟୁ ଉଡିଯାଇଛି । ସେମାନେ ଶବ ହୋଇ ପଡିରହିଛନ୍ତି । ପୁଅ ଆକାଶର ବ୍ୟକ୍ତିଗତ ସଚିବ ପ୍ରମୋଦ, ଡି.ଟି.ପି. ଅପରେଟର୍ ଆଦିତ୍ୟ, ଡ୍ରାଇଭର ସତ୍ୟ, ଲାଇବ୍ରେରୀଆନ୍ ପ୍ରଦୀପ, ପଛଘରେ ରହୁଥିବା ଗୋଲକ, ପନ୍ନୀ ଇନ୍ଦିରା, ସହାୟିକା ପୂଜା ସମସ୍ତେ ଥିଲେ । କାଳବୈଶାଖୀ ପରେ ଗୋଲକ ଆସି କହିଲା - ଆଜ୍ଞା ! ଚଢେଇଛୁଆ ତିନୋଟି ମରିପଡିଛନ୍ତି । କାଳବିଳମ୍ବ ନକରି ଅତ୍ୟନ୍ତ ଦୋଦୁଲ୍ୟମାନ ଅବସ୍ଥାରେ ସମ୍ଭାଳିନପାରି ବଗିଚାକୁ ଦୌଡିଗଲି । ସେଠାରେ ଯାହା ଦେଖିଲି – ଭାଷାରେ ବର୍ଣ୍ଣନା କରିପାରିବିନାହିଁ । ବଗିଚା ଧ୍ୱସ୍ତବିଧ୍ୱସ୍ତ ହୋଇ ତା'ର ସୌନ୍ଦର୍ଯ୍ୟକୁ ହରାଇବସିଛି । ଚମ୍ପାଗଛକୁ ଦେଖି ମୁଁ ହଠାତ୍ ହତବାକ୍ । କାନ୍ଦିବି ନା ଦୁଃଖକୁ କାହକୁ କହିବି । ଏଭଳି ସ୍ଥିତିରେ ନଥିଲି – ମୁଁ ଦେଖୁଛି – ମୋ ଆଖିଆଗରେ ଟିକି ଚଢେଇର ତିନୋଟି ନିରୀହ ସରଳ ଛୁଆରଜୀବନ ଚାଲିଯାଇଛି । ମୋ ହୃଦୟ ଆନ୍ଦୋଳିତ ହୋଇଗଲା । ହୃଦୟର ବ୍ୟଥାକୁ ହୃଦୟରେ ଚାପିରଖି ଫେରିଆସିଲି ମୋ ଲାଇବ୍ରେରୀକୁ । ଚଢେଇଛୁଆର କଥା ଭାବୁଭାବୁ ଏ ସାଂପ୍ରତିକ ସମାଜର ହଜାର ହଜାର ନିରୀହ ଦୁଃଖୀରଙ୍କି ମା'ମାନଙ

ଦୁଇଦିନ କଳାହାଣ୍ଡି ଗସ୍ତରେ '୫-ଟି' ସଚିବ

'ମା'ମାନଙ୍କ ବିକାଶରେ ହିଁ ଅଞ୍ଚଳର ବିକାଶ ସମ୍ଭବ'

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଦୁଇ ଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ୫ଟି ସଚିବ ଭି କାର୍ତ୍ତିକେୟନ ପାଣ୍ଡିଆନ କଳାହାଣ୍ଡି ଗସ୍ତରେ ଆସି ୧୯ତାରିଖ ଶୁକ୍ରବାର ଦିନ ଜିଲ୍ଲାର ସଦର ସବ୍ ଡିଭିଜନ ଅଞ୍ଚଳର ଗସ୍ତ କରିଥିଲେ। ପ୍ରଥମେ ଉକ୍ରେଲା ବିମାନ ବନ୍ଦରରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୫ଟି ସଚିବଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣା ଯାଇଥିଲା। ପରେ କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ଧବଳେଶ୍ୱର ଶିବ ମନ୍ଦିର ପରିଦର୍ଶନ କରିବା ସହିତ ଜନ ସାଧାରଣଙ୍କ ସହ ଆଲୋଚନା କରିଥିଲେ ୫ଟି ସଚିବ। ଏହାସହ ମନ୍ଦିର ପରିଦର୍ଶନ କରି ଆଗାମୀ ଦିନରେ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ନେଇ ମଧ୍ୟ ଆଲୋଚନା କରିଥିଲେ। ପରେ ନର୍ଲା ବ୍ଲକ୍ ଅନ୍ତର୍ଗତ ଡୁଟା ଗାଁରେ ନିର୍ମାଣାଧୀନ ସାନ୍ଦୁଲ ଜଳ ସେଚନ ପ୍ରକଳ୍ପକୁ ବୁଲି ପରିଦର୍ଶନ କରିବା ସହ ନିର୍ମାଣାଧୀନ କାର୍ଯ୍ୟର ସମୀକ୍ଷା କରିବା ସହ ନର୍ଲାଠାରେ ନିର୍ମାଣ ହୋଇଥିବା ମିଶନ ଶକ୍ତି କ୍ୟାଫେ ଓ ନର୍ଲା ୫ଟି ସ୍କୁଲ୍ ମଧ୍ୟ ପରିଦର୍ଶନ କରିଥିଲେ। ସେଠାରୁ ଫେରି ଭବାନୀପାଟଣାରେ ପହଞ୍ଚିବା ପରେ ପ୍ରଥମେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ ଓ ସେଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କୁଳପତି ପ୍ରଫେସର ସଞ୍ଜିବ କୁମାର ଶତପଥୀ ଫାଇଭ୍-ଟି ସଚିବଙ୍କୁ ଭେଟି ମହାବିଦ୍ୟାଳୟର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରି ମହାବିଦ୍ୟାଳୟର ସ୍ମାର୍ଟ କ୍ଲାସରୁମ୍, ଇ ଲାଇବ୍ରେରୀ, ଲାବୋରୋଟରୀ, ଖେଳ ପଡିଆ, ଓପନ୍ ଗ୍ୟାଲେରୀ ପାଇଁ ଦାବି ରଖିଥିଲେ। ଖୁବ ଶୀଘ୍ର ଦାବିଗୁଡିକ ପୂରଣ କରାଯିବ ବୋଲି ସଚିବ କହିଥିଲେ। ପରେପରେ ସେ ସହରରେ ଥିବା ପୋଲିସ ହାଇସ୍କୁଲ ପରିଦର୍ଶନ କରିଥିଲେ। ସେଠାରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା ପରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପରେପରେ ସ୍କୁଲ ପରସରରେ ମିଶନ ଶକ୍ତି ମହିଳାଙ୍କ ସହ ଆଲୋଚନା କରିଥିଲେ। ସହରର ଆଶା ସାଗର ପରିଦର୍ଶନ କରିଥିଲେ। ଦୀର୍ଘ ବର୍ଷରୁ ଆଶା ସାଗର ଉନ୍ନତି କରଣ ପାଇଁ ଦାବି ହୋଇ ଆସୁଥିଲା। ଏହାକୁ ପରିଦର୍ଶନ କରିବା ପରେ ଆସନ୍ତା ୧ ମାସ ମଧ୍ୟରେ ଜିଲ୍ଲାପାଳ ଡିପିଆର୍ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଭବାନୀପାଟଣା ବସ୍ ଟର୍ମିନାଲ, ଜୁନାଗଡ଼ ଲଙ୍କେଶ୍ୱରୀ ମନ୍ଦିର ପରିଦର୍ଶନ କରିବା ପରେ ଜୁନାଗଡ଼ ବିଜୁ ଷ୍ଟାଡିୟମ ପରିଦର୍ଶନ କରିବା ସହ ମିଶନ ଶକ୍ତି ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ପୁଣି ଭବାନୀପାଟଣା ଫେରି ନବ ନିର୍ମିତ କଳାହାଣ୍ଡି ମେଡ଼ିକାଲ କଲେଜଠାରେ ଉପସ୍ଥିତ ଜନ

ସାଧାରଣ, ଛାତ୍ରଛାତ୍ରୀ ଓ ସାମ୍ବାଦିକମାନଙ୍କ ସହ ମିଶି ଆଲୋଚନା କରିବାସହ ଲୋକଙ୍କ ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଚେଷ୍ଟିତ ଅଛନ୍ତି। ଚାଷ ଜମିକୁ ଜଳ ଯୋଗାଣ ଉପରେ ଅଗ୍ରାଧିକାର ଦିଆ ଯିବ ବୋଲି ଘୋଷଣା କରିଥିଲେ। ପରେପରେ ସଚିବ ଲାଞ୍ଜିଗଡର ଭଟାଙ୍ଗପଦର ପରିଦର୍ଶନରେ ଯାଇ ସେଠାରେ ଇକୋ ଟୁରିଜିମ୍ ବିଶ୍ରାମାଳୟରେ ରାତ୍ରିଯାପନ କରିଥିଲେ।

ଜୁନାଗଡ଼, ୫ଟି ସଚିବ କଳାହାଣ୍ଡି ଗସ୍ତ ନେଇ ଚଳ ଚଞ୍ଚଳ ହୋଇ ଉଠି ଥିବାବେଳେ ସ୍ଥାନୀୟ ଲଙ୍କେଶ୍ୱରୀ ମନ୍ଦିର ପାରିପାର୍ଶ୍ୱିକ ଉନ୍ନତି କରଣ ପାଇଁ ଅଢେଇ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ସେହିପରି ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ପରିଦର୍ଶନ କରି ଏହାର ଉନ୍ନତି କରଣ ପାଇଁ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୫ଟି ସଚିବ ଭି କେ ପାଣ୍ଡିଆନ୍

ତାଙ୍କର କଳାହାଣ୍ଡି ଗସ୍ତ ସିଡୁଲ ପ୍ରୋଗ୍ରାମ ମଧ୍ୟରେ ଜୁନାଗଡ ଲଙ୍କେଶ୍ୱରୀ ମନ୍ଦିର ପରିଦର୍ଶନ ଏବଂ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ପରିଦର୍ଶନ ରହିଥିଲା। ୫ଟି ସଚିବଙ୍କ ପରିଦର୍ଶନ ଏହି ନିର୍ଦ୍ଧାରିତ ସମୟକୁ ସାମାନ୍ୟ ପରିବର୍ତ୍ତନ କରାଯାଇଥିଲା। ସଚିବଙ୍କ ଗ୍ରସ୍ତ ପାଇଁ ପ୍ରଶାସନିକସ୍ତରରେ ବ୍ୟାପକ ପ୍ରସ୍ତୁତି ସହ ସବୁ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସଚିବଙ୍କ ଗ୍ରସ୍ତକୁ ନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ତାଙ୍କୁ ସ୍ୱାଗତ୍ କରିବା ପାଇଁ ସ୍ଥାନୀୟ ଲୋକ ବାଦ୍ୟ ଘୁମୁରା ଏବଂ ବଜା ସାଲ ଦ୍ୱାରା ଭବ୍ୟ ସ୍ୱାଗତ୍ କରାଯାଇଥିଲା। ୫ଟି ସଚିବ ଲଙ୍କେଶ୍ୱରୀ ମନ୍ଦିରଠାରେ ପହଞ୍ଚି ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଏହି ଐତିହାସିକ ମନ୍ଦିରର ଉନ୍ନତି କରଣ ପାଇଁ ଅଢେଇ କୋଟି ଟଙ୍କା ଅନୁମୋଦନ କରି ଏହାର ଡାଇଗ୍ରାମ ଦେଖିଥିଲେ। ଏହା ପରେ ସେଠାରୁ ହାଇ ସ୍କୁଲ ଖେଳ ପଡିଆଠାରେ ଯାଇ ସେଠାରେ ଲୋକଙ୍କ ସହିତ ଆଲୋଚନା କରି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥି ସହତି ବିଭିନ୍ନ ସଂଘଠନ ତରଫରୁ ଦିଆ ଯାଇଥିବା ଦାବି ପତ୍ରକୁ ଗ୍ରହଣ କରିଥିଲେ। ଏହା ପରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ପରିଦର୍ଶନ କରି ଚାଲି ଥିବା ଉନ୍ନତି କରଣ ଅନୁଧ୍ୟାନ କରିଥିଲେ ଏବଂ ପୁଅ ଝିଅ କ୍ରୀଡାବିତ୍‌ମାନଙ୍କୁ ଭେଟି ଉତ୍ସାହିତ କରିଥିଲେ। ଏଥିସହ ଏହାର ଉନ୍ନତି କରଣ ପାଇଁ ଆବଶ୍ୟକ ଫଣ୍ଡ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ବ୍ୟବସ୍ଥା କରିବା ପ୍ରତିଶ୍ରୁତି ଦେଇଥିଲେ। ସଚିବଙ୍କ କାର୍ଯ୍ୟକ୍ରମରେ ସ୍ପୋର୍ଟ୍ସ ସଚିବ ଭିନିଲ କ୍ରିଷ୍ଣା ଓ କଳାହାଣ୍ଡି ଜିଲ୍ଲା ପାଲ୍ ପି ଅନ୍ୱେଷା ରେଡୀ ଉପସ୍ଥିତ ରହିଥିଲେ। ୫ଟି ସଚିବଙ୍କ ସହିତ ଏହି ସବୁ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ଦଶ ହଜାର ଜନସାଧାରଣ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ରହିଥିଲେ। ଏପରିକି ବ୍ୟାରିକେଡ଼ ମଧ୍ୟରୁ ଲୋକଙ୍କ ସହ ସଚିବ ହାତ ମିଳେଇ ନିଜର ଆନ୍ତରିକତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଓ ବିଜେଡି ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ୍ ପ୍ରଣବ ପ୍ରକାଶ ଦାସ ସଫଳ କରିବା ପାଇଁ ପୂର୍ବରୁ ଅନୁଧ୍ୟାନ କରିଥିଲେ। ସେହିପରି ଉପଜିଲ୍ଲାପାଳ ବେଦ ଭୂଷଣ, ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ଏନଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ, ଏନ୍‌ଏସି ଉପାଧ୍ୟକ୍ଷା ହିଁ ମାଦ୍ରୀ ନାଏକ ପ୍ରମୂଖ ଉପସ୍ଥିତ ରହିଥିଲେ।

କେସିଙ୍ଗା, କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ବେଲଖଣ୍ଡି ଶୈବ ପୀଠର ସୌନ୍ଦର୍ଯ୍ୟକରଣ ଓ ଉନ୍ନତି ପାଇଁ ଶୁକ୍ରବାର ଦିନ ପରିଦର୍ଶନ କରିଛନ୍ତି ୫ଟି ସଚିବ ଭି କେ ପାଣ୍ଡିଆନ। ପ୍ରଥମେ ଆଜି ଭୁବନେଶ୍ୱରରୁ ବିମାନ ଯୋଗେ କେସିଙ୍ଗାର ଉକ୍ରେଲା ବିମାନ ବନ୍ଦରରେ ଓଲ୍ଲାଇ କାର ଯୋଗେ କେସିଙ୍ଗା ଦେଇ ବେଲଖଣ୍ଡି ଗ୍ରାମ ପଞ୍ଚାୟତର ଐତିହାସିକ ସପ୍ତମାତୃକା ଶୈବ ପୀଠରେ କାର୍ଯ୍ୟସୂଚୀ ଅନୁସାରେ ୧୧ ଟା ବେଳେ ପହଞ୍ଚିଥିଲେ। ପ୍ରଥମେ ୫ଟି ସଚିବ ବେଲଖଣ୍ଡି ପହଞ୍ଚିବା ପରେ ତାଙ୍କୁ ଫୁଲ ପକାଇ ହୁଳୁହୁଳି ପକାଇ ସ୍ୱାଗତ କରି ଧବଳେଶ୍ୱର ମନ୍ଦିର ଭିତରକୁ ପାଛୋଟି ନିଆଯାଇ ଥିଲା। ୧୦ ମିନିଟ ପର୍ଯ୍ୟନ୍ତ ମନ୍ଦିର ଭିତରେ ପୂଜାର୍ଚ୍ଚନା କରି ପେଣ୍ଡାଲକୁ ଆସିଥିଲେ। ସଚିବ ତାଙ୍କ ଭାଷଣରେ ଉପସ୍ଥିତ ଥିବା ସମସ୍ତ ମା'ମାନଙ୍କୁ ନମସ୍କାର କରି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଆପଣମାନଙ୍କ ସୁଖ ଦୁଃଖ ଓ ସମସ୍ୟା ବୁଝିବା

ପାଇଁ ପଠାଇଛନ୍ତି ବୋଲି କହି ମା'ମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ପଚାରି ବୁଝି ଥିଲେ। ଯେପରିକି ବିନା ସୁଧରେ ଲୋନ୍ ମିଳୁଛି କି ନାହିଁ। ବିଜୁ ସ୍ୱାସ୍ଥ୍ୟ କାଡ଼ର ସୁବିଧା ପାଉଛ କି ନାହିଁ ଓ ଅନ୍ୟାନ୍ୟ ରାଜ୍ୟ ସରକାରଙ୍କ ତରଫରୁ ମିଳୁଥିବା ସୁବିଧା ବିଷୟରେ ପଚାରି ବୁଝି ଥିଲେ। ପରେ ସେ ତାଙ୍କ ଅଭିଭାଷଣରେ ଚଣ୍ଡୀ ମନ୍ଦିର ଓ ଧବଳେଶ୍ୱର ମନ୍ଦିରର ଉନ୍ନତି କରଣ ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ମନ୍ଦିର କମିଟି ସହିତ କଥାବାର୍ତ୍ତା ହୋଇ ୧୫ ଦିନ ଭିତରେ ରିପୋର୍ଟ ତିଆରି କରି ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ପହଞ୍ଚିବା ପରେ ସାଙ୍ଗେସାଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ପଇସା ପଠାଯିବ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ସଚିବ ନିଜେ ଷ୍ଟେଜରୁ ତଳକୁ ଓହ୍ଲାଇ ସମସ୍ତ ମା'ମାନଙ୍କ ପାଖକୁ ଯାଇ ସୁଖ ଦୁଃଖ ବୁଝିଥିଲେ। ମା'ମାନେ ଏତେ ଖୁସି ହୋଇ ଯାଇଥିଲେ ଯେ ସଚିବଙ୍କ ସହିତ ସେଲଫି ମଧ୍ୟ ନେଇଥିବା ଦେଖା ଯାଇ ଥିଲା। ପରେ ୫ଟି ସଚିବ ମ.ରାମପୁର ଯିବା ପାଇଁ ବାହାରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ କେସିଙ୍ଗା ତାହସିଲଦାର ଯୋଗେଶ୍ୱର ସାହୁ କେସିଙ୍ଗା ବିଡ଼ିଓ ପ୍ରଫୁଲ୍ଲ କୁମାର ଓ ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ କେସିଙ୍ଗା ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ ସେନାପତି ଶାନ୍ତି ଶୃଙ୍ଖଳା ଦାୟୀତ୍ୱରେ ଥିବା କେସିଙ୍ଗା ଆଦର୍ଶ ଥାନା ଅଧିକାରୀ ସତ୍ୟକୁମାର ନନ୍ଦ ଉପସ୍ଥିତ ଥିଲେ।

ମ.ରାମପୁର, ଆଜି ୫ଟି ସଚିବ ଭି କେ ପାଣ୍ଡିଆନ କଳାହାଣ୍ଡି ଜିଲ୍ଲା ଗସ୍ତ କରିବା ଅବସରରେ ବେଲଖଣ୍ଡି ଶିବ ମନ୍ଦିରରୁ ସିଧା ମଧ୍ୟାହ୍ନ ୧୨ ଘଣ୍ଟା ସମୟରେ ଆସି ଆମ ହସ୍ପିଟାଲ ଯୋଜନାରେ ସାମିଲ ହୋଇଥିବା ନାର୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ତାଙ୍କୁ ଡାକ୍ତରଖାନା କର୍ମଚାରୀ ଏବଂ ସାଧାରଣ ଜନତା ତରଫରୁ ଫୁଲଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସେ ଡାକ୍ତରଖାନା ପରିସର, ଇନ୍‌ଡୋର, ଆଉଟ୍ ଡୋର ବୁଲି ରୋଗୀଙ୍କୁ ଭେଟିବା ସହିତ ଡାକ୍ତର ଓ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଆମ ହସ୍ପିଟାଲ୍ ଯୋଜନାର ଅଗ୍ରଗତି ଉପରେ ସମୀକ୍ଷା ମଧ୍ୟ କରିଥିଲେ। ତାଙ୍କ ଆସିବା ପୂର୍ବରୁ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆସି ଡାକ୍ତର ଓ କର୍ମଚାରୀଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ ଏବଂ ସମସ୍ତ ୱାର୍ଡ଼ ବୁଲି ଦେଖିଥିଲେ। ରୋଗୀଙ୍କୁ ଭେଟି ଭଲମନ୍ଦ ବୁଝିଥିଲେ। ୫ଟି ସଚିବ ପାଣ୍ଡିଆନ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକ୍ରମ ସାରି ସାଲେପାଲି ପଞ୍ଚାୟତର ଦୁଟା ନିକଟରେ ନିର୍ମାଣ ଚାଲିଥିବା ସାନ୍ଦୁଲ ଜଳ ସେଚନ ପ୍ରକଳ୍ପକୁ ପରିଦର୍ଶନରେ ଯାଇଥିଲେ। ସେଠି ମଧ୍ୟ କାର୍ଯ୍ୟକ୍ରମ ସାରି ଲୋକଙ୍କ ସହିତ ସାକ୍ଷାତ ଆଲୋଚନା କରି ନର୍ଲା ଅଭିମୁଖେ ବାହାରିଥିଲେ। ଏହି ଅବସରରେ ୫ଟି ସଚିବ ପାଣ୍ଡିଆନ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ଜାଗରଣ ମଞ୍ଚ ସଭାପତି ଚମରା ବଗର୍ତ୍ତୀ ଓ ସମ୍ପାଦକ ବିଭୂତି ଭୂଷଣ ମାହାଖୁଡକ ତରଫରୁ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଏବଂ ରୋଗ, ରୋଗୀ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରା ଯାଇଥିଲା। ସୂଚନା ଥାଉକି, ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷ ହେଲା ଜଣେ ବି ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀ ସେବା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ରୋଗୀ ସେବା ବଦଳେ କେବଳ ରେଫରାଲ କାମ ହିଁ ଚାଲିଛି। ଏଣୁ ୪ ଜଣ ସ୍ତ୍ରୀ ରୋଗ, ଶିଶୁ ରୋଗ, ଭେଷଜ ଓ ଶଲ୍ୟ ବିଶେଷଜ୍ଞ ଡାକ୍ତର ତୁରନ୍ତ ନିଯୁକ୍ତି ଦେବା ସହିତ କୁକୁର କାମୁଡ଼ା, ସାପ କାମୁଡା, ଜଳାତଙ୍କ ଆଦି ପ୍ରତିଷେଧକ ଇଞ୍ଜେକସନ, ସାଲାଇନ୍, ଔଷଧ ଯୋଗାଇ ଦେବା ପାଇଁ ଦାବିରେ ଉଲ୍ଲେଖ ରହିଛି।

ନର୍ଲା, କଳାହାଣ୍ଡି ଜିଲ୍ଲା ଗ୍ରସ୍ତ କାର୍ଯ୍ୟକ୍ରମ କରି ରାଜ୍ୟ ସରକାରଙ୍କ ୫ଟି ସଚିବ ଭିକେ ପାଣ୍ଡିଆନ ନର୍ଲାଠାରେ ମିଶନ ଶକ୍ତି ମହିଳାଙ୍କୁ ବିଶେଷ ପ୍ରଶଂସା କରିଛନ୍ତି। ପବିତ୍ର ସାବିତ୍ରୀ ଅମାବାସ୍ୟା ଦିବସରେ ହଜାର ହଜାର ସଂଖ୍ୟାରେ ମହିଳାମାନେ ନର୍ଲା ହାଇସ୍କୁଲ ପଡିଆଠାରେ ଉପସ୍ଥିତ ରହିଥିଲେ। ଉପସ୍ଥିତ ମହିଳାମାନଙ୍କ ସମ୍ମୁଖରେ ୫ଟି ସଚିବ ୨ ଗୋଟି ପ୍ରଶ୍ନ ପଚାରିଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ମହିଳାଙ୍କୁ ବିନା ସୁଧରେ କେତେ ଟଙ୍କାର ଋଣ ଦେଉଛନ୍ତି ଓ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ମହିଳାମାନଙ୍କୁ କେତେ ଟଙ୍କାର ସହାୟତା ଦିଆଯାଉଛି ବୋଲି ୫ଟି ସଚିବ ପ୍ରଶ୍ନ ଉତ୍ଥାପନ କରିବା ସହ ସଠିକ ଉତ୍ତର ପାଇ ମହିଳାମାନଙ୍କୁ ଧନ୍ୟବାଦ ଜଣାଇ ହଜାର ହଜାର ଟଙ୍କା ପ୍ରଦାନ କରୁଛନ୍ତି ଏହି ଟଙ୍କା ପହଞ୍ଚିବାରୁ ମା'ମାନେ ପରିବାର ଚଳାଇବା, ପିଲାମାନଙ୍କ ପାଠପଢ଼ା, ସ୍ୱାସ୍ଥ୍ୟରେ ବ୍ୟବହାର କରି ଉପକୃତ ହେଉଛନ୍ତି ବୋଲି ଜଣାଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଭି ଭିନେଲ କ୍ରିଷ୍ଣା, ପୋଲିସ ଡିଜି, ଏସପି, ନର୍ଲା ବ୍ଲକ ବିଡ଼ିଓ ବାସନ୍ତୀ ସେଠୀ, ବ୍ଲକ ଅଧକ୍ଷା ମନୋରମା ମହାନ୍ତି, ଉପାଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ନର୍ଲା ଆଇଆଇସି ଗଙ୍ଗାଧର ମେହେର, ନର୍ଲା ଜିଲ୍ଲା ପରିଷଦ ସଦସ୍ୟ, ସଦସ୍ୟା, ବିଭିନ୍ନ ପଞ୍ଚାୟତ ସରପଂଚ, ସମିତି ସଭ୍ୟ, ମିଶନ ଶକ୍ତି ମହିଳାଙ୍କ ସହ ବହୁ ସଂଖ୍ୟାରେ ଜନସାଧାରଣ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଉପସ୍ଥିତ ଥିଲେ। ଏହା ପରେ ସଚିବ ଭିକେ ପାଣ୍ଡିଆନ ନର୍ଲା ମହିଳା ମିଶନ ଶକ୍ତି କାଫେ ଗୃହ ପରିଦର୍ଶନ କରି ଭବାନୀପାଟଣା ଅଭିମୁଖେ ଯାତ୍ରା କରିଥିଲେ।

କର୍ଲାମୁଣ୍ଡା, କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ବେଲଖଣ୍ଡି ଶିବ ମନ୍ଦିରର ସୌନ୍ଦର୍ଯ୍ୟକରଣ ନେଇ ଶୁକ୍ରବାର ଦିନ ପରିଦର୍ଶନ କରିଛନ୍ତି ୫ଟି ସଚିବ ଭି.କେ ପାଣ୍ଡିଆନ। ଶୁକ୍ରବାର ଏବଂ ଶନିବାର ୨ଦିନ ୫ଟି ସଚିବ ଭି.କେ ପାଣ୍ଡିଆନ କଳାହାଣ୍ଡି ଗସ୍ତରେ ଆସିଛନ୍ତି। ପ୍ରଥମେ ଆଜି ଭୁବନେଶ୍ୱରରୁ ବିମାନ ଯୋଗେ ଆସି କେସିଙ୍ଗାର ଉକ୍ରେଲାରେ ଓଲ୍ଲାଇ ବ୍ଲକର ବେଲଖଣ୍ଡି ଗ୍ରାମ ପଞ୍ଚାୟତର ଐତିହାସିକ ସପ୍ତମାତୃକା ଶିବ ମନ୍ଦିରରେ କିପରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହେବ ତାହା ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହାପରେ ମଦନପୁର ରାମପୁର ବ୍ଲକଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ସେହିପରି କଳାହାଣ୍ଡି ଦୁଇ ଦିନିଆ ଗସ୍ତ ସମୟରେ ଜିଲ୍ଲାର ୧୩ଟି ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ ବୋଲି ସୂଚନା ମିଳିଛି।

ଟାଙ୍ଗିରି ପାହାଡ଼ରେ ଅଛି ବୃହତ ଓପନ୍ ରକ୍ ରେପ୍‌ଲିଙ୍ଗ୍ ସର୍‌ଫେସ୍

ନର୍ଲା, (ଭାସ୍କର ନ୍ୟୁଜ୍): ମଇ ମାସ ୧୯ ତାରିଖ। ଠିକ ଏହି ଦିନ ଅର୍ଥାତ ମେ ୧୯ ତାରିଖ ୨୦୧୧ ମସିହା ସକାଳ ୯ଟା ୨୫ ମିନିଟ ସମୟରେ ପଶ୍ଚିମ ଓଡିଶା ତଥା ଓଡିଶା ରାଜ୍ୟର ପ୍ରଥମ ଶିକ୍ଷକ ଭାବରେ କଳାହାଣ୍ଡି ଜିଲ୍ଲାର ନର୍ଲା ବ୍ଲକ୍ ଅନ୍ତର୍ଗତ ରୁପ୍ରା ଗ୍ରାମର ଯୋଗବ୍ୟାସ ଭୋଇ ବିଶ୍ୱର ଉଚ୍ଚତମ ଗିରିଶୃଙ୍ଗ ତଥା ଏସିଆ ମହାଦେଶର ଉଚ୍ଚତମ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟ (୮୮୪୮ ମିଟର / ୨୯,୦୮୪ ଫୁଟ୍) କୁ ସଫଳତାର ସହିତ ଆରୋହଣ କରି ସମଗ୍ର ଜିଲ୍ଲା, ପଶ୍ଚିମ ଓଡିଶା, ଭାରତ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଥିଲେ।

ନିଜ ଗାଁ ନିକଟ ଯେଉଁ ଟାଙ୍ଗିରି ପାହାଡରୁ ମାଉଣ୍ଟ ଏଭରେଷ୍ଟ ଯାତ୍ରା କରିଥିଲେ ସେହି ଟାଙ୍ଗିରି ପାହାଡର ୧୧୧୫ ଫୁଟ ଉଚ୍ଚତା ବିଶିଷ୍ଟ ଟାଙ୍ଗିରି ପାହାଡ-୭କୁ ତାଙ୍କର ଛାତ୍ର ସ୍ୱାଧ

ଜୟପୁର, (ଭାସ୍କର ନ୍ୟୁଜ୍): ଡିବିଟି ମାଧ୍ୟମରେ ଭତ୍ତା ପାଉଥିବା ଭତ୍ତା ହିତାଧିକାରୀଙ୍କ ଭତ୍ତା ଉଠାଣ ସମସ୍ୟା ଦୂର କରିବା ପାଇଁ ପେନସନ ହିତାଧିକାରୀଙ୍କ କାଗଜ ପତ୍ର ଯାଞ୍ଚ ଶନିବାର ଆରମ୍ଭ ହୋଇଛି। ପ୍ରତ୍ୟେକ ପଞ୍ଚାୟତରେ ଟିମ ଗଠନ କରାଯାଇ ସମସ୍ତ ହିତାଧିକାରୀଙ୍କ ଘରଘର ବୁଲି ଯାଞ୍ଚ କରାଯାଇଛି। ଆସନ୍ତା ଆଜି ଠାରୁ ୨୩ ତାରିଖ ଯାଞ୍ଚ କରାଯିବ। ହିତାଧିକାରୀଙ୍କ ଭତ୍ତା ଉଠାଣ ସମ୍ପର୍କରେ ସମସ୍ୟା ଗୁଡିକ ଲିପିବଦ୍ଧ କରି ସରକାରଙ୍କୁ ଆସନ୍ତା ୨୫.୫. ୨୩ ତାରିଖ ସୁଦ୍ଧା ରିପୋର୍ଟ ଦିଆଯିବ। ତା'ସହ ଏକ ସ୍ୱତନ୍ତ୍ର ଗ୍ରାମ ପଞ୍ଚାୟତସ୍ତରୀୟ ଯାଞ୍ଚ କମିଟି ଗ୍ରାମକୁ ଯାଇ ଭତ୍ତା ହିତାଧିକାରୀ ସହ ଯୋଗାଯୋଗ କରିବା ସହ ଡିବିଟି ମାଧ୍ୟମରେ ଭତ୍ତା ହିତାଧିକାରୀଙ୍କ ସୁବିଧାରେ ବ୍ୟାଙ୍କରୁ ଟଙ୍କା ଉଠାଣ, ଟଙ୍କା ପାଇବାରେ ଅନିୟମିତତା, କଣ ତ୍ରୁଟି ଯୋଗୁଁ ବ୍ୟାଙ୍କରୁ ଟଙ୍କା ଉଠାଇ ନପାରିବା, କୌଣସି କାରଣରୁ ଭତ୍ତା ତାଲିକାରୁ ନାମ ବାଦ ପଡିବା। ଆଧାର ଜରିଆରେ ବ୍ୟାଙ୍କ ଭତ୍ତା ପ୍ରଦାନ ସମୟରେ ଉକ୍ତ ହିତାଧିକାରୀଙ୍କ ଅନ୍ୟତ୍ରରେ ଥିବା ଏକାଉଣ୍ଟରେ ଯଦି ଭତ୍ତା ଟଙ୍କା ଜମା ହୋଇ ଥାଏ ଏଭଳି ସମସ୍ତ ତଥ୍ୟ ଅଭି ଯୋଗ କମିଟି ଦ୍ୱାରା ଲିପିବଦ୍ଧ କରାଯାଇ କିଭଳି ଡିପିଟି ପ୍ରଣାଳିକୁ ହିତାଧିକାରୀଙ୍କ ନିମନ୍ତେ ସହଜ ଓ ସରଳ କରାଯିବ ଏନେଇ ପଦପେକ୍ଷ ନିଆଯିବ। ଜୟପୁର ବ୍ଲକର ୨୨ଟି ପଞ୍ଚାୟତରେ ଯାଞ୍ଚ କମିଟିରେ ପିଇଓ, ଜିଆର୍‌ଏସ୍, ଯୋଗାଣ ସହାୟକ, ଏମ୍‌ବିକେ, ବ୍ୟାଙ୍କ ମିତ୍ର, ସିଆର୍‌ପି, ବିଏଫ୍‌ଟିର ସଦସ୍ୟମାନେ ଯାଞ୍ଚ କମିଟିରେ ରହି ଘର ଘର ବୁଲି ଯାଞ୍ଚ କରୁ ଥିବା ବିଡିଓ ରାଜୀବ ଦାସ, ବ୍ଲକ ସାମିଜିକ ସୁରକ୍ଷା ଅଧିକାରି କେ ଏସ୍ ନିସା ସୂଚନା ଦେଇଛନ୍ତି।

ଜଙ୍ଗଲରୁ ମିଳିଲା ମହିଳାଙ୍କ କଙ୍କାଳ

ପୋଲିସ ପହଞ୍ଚିବା ପୂର୍ବରୁ ଅନ୍ତିମ ସଂସ୍କାର

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଏହି ଥାନା ଅନ୍ତର୍ଗତ ଗୁଣ୍ଡୁରିବାଡି ପଞ୍ଚାୟତର ବାପାଙ୍ଗୀ ଜଙ୍ଗଲରେ ଶୁକ୍ରବାର ଜଣେ ମହିଳାଙ୍କ କଙ୍କାଳ ଅକ୍ଷତ ଅବସ୍ଥାରେ ପଡ଼ିଥିବା ନେଇ ପୁଲିସ ପାଖରେ ସୂଚନା ପହଞ୍ଚିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚବା ପୂର୍ବରୁ ପରିବାର ଲୋକମାନେ ଉକ୍ତ ମହିଳାଙ୍କ ଶବକୁ ଦାହ ସତ୍କାର କରିଦେଇଥିବା ଜଣାପଡିଛି। ଥାନା ଅଧିକାରୀ ଧୀରେଶ କୁମାର ଦାସଙ୍କ ସୂଚନା ପ୍ରକାରେ ଏହି ଥାନା ଅନ୍ତର୍ଗତ ଗୁଣ୍ଡୁରିବାଡି ଗ୍ରାମର ପାଣୁ ନାୟକ ଯିଏକି ବର୍ତ୍ତମାନ ହଳଦଖୋଳା ଗ୍ରାମରେ ରହି ଆସୁଛନ୍ତି ଦୀର୍ଘ ୩ ମାସ ତଳେ ତାଙ୍କ ପତ୍ନୀ ସୁବାସିନୀ ବେହେରାଙ୍କୁ ସାଥିରେ ନେଇ ବାପାଙ୍ଗୀ ଜଙ୍ଗଲକୁ ଯାଇଥିଲେ। ସେଠାରେ ତାଙ୍କର ପତ୍ନୀ ଜଙ୍ଗଲ ଭିତରେ ଥିବା ମା'ଙ୍କ ନିକଟରେ ନିଜର ମାନସିକ ପୂରଣ ପାଇଁ ଅଧିଆ ପଡିଥିଲେ। ଆଉ ପତ୍ନୀ ସେଠାରେ ଅଧିଆ ପଡିଥିବା ବେଳେ ସେ ଘରକୁ ଫେରି ଆସିଥିଲେ। ତେବେ ଦୀର୍ଘ ୩ ମାସ ପରେ ସେହି ଜଙ୍ଗଲ ଭିତରେ ଥିବା ଏକ ପାହାଡିଆ ଅଞ୍ଚଳରୁ ଜଣେ ମହିଳାଙ୍କ ଶବ କଙ୍କାଳସାର ଅବସ୍ଥାରେ ପଡ଼ିଥିବା ଦେଖି କିଛି ପତ୍ର ଗୋଟାଳି ଗାଁରେ ଖବର ଦେବା ପରେ ପରିବାର ଲୋକମାନେ ସେଠାରୁ କଙ୍କାଳଟିକୁ ଉଦ୍ଧାର କରି ଆଣି ତୁରନ୍ତ ଗ୍ରାମ ଶ୍ମଶାନରେ ଦାହ ସତ୍କାର କରିଦେଇଥିବା ଜଣାପଡିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ମହିଳାଙ୍କ ଶବ ସତ୍କାର ସରିଥିବା ଦେଖି ଫେରି ଆସିଥିବା ଥାନା ଅଧିକାରୀ ଦାସ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ପୋଲିସ ଖୁବ୍ ଶୀଘ୍ର ସଂପୃକ୍ତ ମହିଳାଙ୍କ ସ୍ୱାମୀ ପାଣୁ ନାୟକଙ୍କୁ ଥାନାକୁ ଡାକି ପଚରାଉଚରା କରିବ ବୋଲି ସେ ସ୍ପଷ୍ଟ ସୂଚନା ଦେଇଛନ୍ତି। ଅପରପକ୍ଷରେ ଦୀର୍ଘ ୩ ମାସ ଧରି ଜଣେ ମହିଳା ଜଙ୍ଗଲ ଭିତରେ ଏକାକୀ ଅଧିଆ ପଡିବା ଘଟଣାକୁ ଅଧିକ ରହସ୍ୟମୟ କରି କରିଛି। ପାଣୁ ନାୟକ ୩ ମାସ ଯାଏଁ ନିଜ ପତ୍ନୀ ସୁବାସିନୀକୁ ଜଙ୍ଗଲରେ ଛାଡି କିଭଳି ଘରେ ଆରାମରେ ରହିଥିଲେ। ଆଉ ଜଙ୍ଗଲରୁ କଙ୍କାଳ ମିଳିବା ପରେ ଏହା ତାଙ୍କର ପତ୍ନୀ ସୁବାସିନୀଙ୍କ ଶବ ବୋଲି ସେ କିପରି ଜାଣିପାରି ଅତ୍ୟନ୍ତ ତରବରିଆ ଭାବେ ପୁଲିସ ପହଞ୍ଚବା ପୂର୍ବରୁ ପୋଡି ଦେଲେ ତାହା ଏହି ଘଟଣାକୁ ଅଧିକ ରହସ୍ୟମୟ କରି ପକାଉଛି। ସେହିପରି ମିଳିଥିବା କଙ୍କାଳଟି ପାଣୁ ନାୟକଙ୍କ ପତ୍ନୀଙ୍କର ବୋଲି କିପରି ଜଣାପଡିବ। ଡିଏନ୍‌ଏ ଟେଷ୍ଟ ପୂର୍ବରୁ କଙ୍କାଳଟିକୁ ପୋଡି ଯାଇଥିବାରୁ ପୁଲିସ ଏହି ଘଟଣାରେ କିଭଳି ଆଗେଇବ ତାକୁ ନେଇ ଚିନ୍ତାରେ ପଡିଛି। ତେବେ ପାଣୁ ନାୟକଙ୍କୁ ପଚରାଉଚରା ପରେ ଘଟଣାର କିଛି ଖିଅ ମିଳିବ ଓ ପୁଲିସ ଏହି ଖିଅକୁ ନେଇ ତଦନ୍ତକୁ ଆଗକୁ ନେବ ବୋଲି ଆଶା ବାନ୍ଧି ବସିଛି। ଏହି ଘଟଣା ଏବେ ମୁଜାଗଡ ଅଞ୍ଚଳରେ ବେଶ ଆଲୋଡ଼ନ ସୃଷ୍ଟି କରିଛି।

ଓଭରବ୍ରିଜ ନିର୍ମାଣରେ ବିଳମ୍ବ କାହିଁକି ?

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ୧୯୬୨ ମସିହାରେ ପାରାଦୀପ ବନ୍ଦର ନିର୍ମାଣ ପାଇଁ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହାରଲାଲ ନେହେରୁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ୧୯୬୪ ମସିହାରେ ପାରାଦୀପ ବନ୍ଦର ନିର୍ମାଣ ହେଲା, ପରିବହନ କ୍ଷେତ୍ରରେ ଦେଶ ବିଦେଶରେ ସୁନାମ ଅର୍ଜନ କଲା। ଏହି ବନ୍ଦରକୁ ଭିତ୍ତିକରି ଏହାର ଚତଃପାର୍ଶ୍ୱରେ ସହ ସହ ସଂଖ୍ୟାରେ ସରକାରୀ ଓ ବେସରକାରୀ କଳ କାରଖାନା ଗଢି ଉଠିଲା। ଶିଳ୍ପ ଭିତ୍ତିକ ବନ୍ଦର ହୋଇଥିବାରୁ ଲୋକ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଲା। ୧୯୬୪ ମସିହାରେ ଯେଉଁ ଦଇତାରୀ - ପାରାଦୀପ ଜାତୀୟ ରାଜପଥ ୫ମ (କ) ଓ କଟକ-ପାରାଦୀପ ରାଜ୍ୟ ରାଜ ପଥ-୧୨ ନିର୍ମାଣ କରାଯାଇଥିଲା ତାହା ଦୋଛକି ପର୍ଯ୍ୟନ୍ତ ସାମାନ୍ୟ ଉନ୍ନତି କରଣ କରାଯାଇଛି। ଦୋଛକିଠାରୁ ଆଠାରବାଙ୍କି ପର୍ଯ୍ୟନ୍ତ ରାସ୍ତା ଯେମିତି ଥିଲା ସେମିତି ଅଛି। ଦୋଛାକି ଠାରୁ ଆଠାରବଙ୍କି ମଧ୍ୟରେ ପିପିଏଲେ, ଆର୍ସେଲର ମିତ୍ତଲ, ଇଫିକୋ, ଇଷ୍ଟି କୋଷ୍ଟ ଭାବରେଜ, ଅଏଲ ଟର୍ମିନାଲ ଓ ଅନ୍ୟାନ୍ୟ କଳ କାରଖାନା ମାନ ଥିବାରୁ ଦୈନ ଦିନ ହଜାର ହଜାର ସଂଖ୍ୟାରେ ଲୋକମାନେ ସାଇକଲ, ମଟର ସାଇକଲ ଓ ଚାରି ଚକିଆ ଗାଡ଼ିରେ ନିଜ ନିଜର କର୍ମ କ୍ଷେତ୍ରକୁ ଯିବା ଆସିବା କରନ୍ତି ଏବଂ ହଜାର ହଜାର ସଂଖ୍ୟାରେ ଲୁହାପଥର, କୋଇଲା ଓ ଅନ୍ୟାନ୍ୟ ମାଲ ପରିବହନ ଗାଡ଼ିଗୁଡ଼ିକ ଯିବା ଆସିବ କରନ୍ତି। ଯାହାଫଳରେ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ଧନ, ଜୀବନ ନଷ୍ଟ ହେଉଛି। ଆମେ ଦୀର୍ଘ ଦିନ ହେବ ଦୋଛକି ଠାରୁ ଆଠରବାଙ୍କି ପର୍ଯ୍ୟନ୍ତ ଓଭର ବ୍ରିଜ ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ୍ୟ ପାରାଦୀପ ବନ୍ଦର କତୃପକ୍ଷ କିମ୍ବା ରାଜ୍ୟ ଓ କେନ୍ଦ୍ର ସରକାର ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ବନ୍ଦର ନିର୍ମାଣ ପାଇଁ ଆମ ଅଞ୍ଚଳର ଜନସାଧାରଣ ଶାଗ, ମାଛ ମୂଲ୍ୟରେ ନିଜର ମୂଲ୍ୟମାନ ଘରଡ଼ିହ ଓ ଚାଷ ଜମି ଦାନ କଲେ। ପରିବେଶ ପଦୂଷଣ ଦ୍ୱାରା ଦୈନ ଦିନ ବିଭିନ୍ନ ଅସାଧ ରୋଗରେ ପଡି ଜୀବନ ହାରିଲେ। ଜୀବନ ଓ ଜୀବିକା ହରାଇବା ପରେ ଏବେ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ବରଣ କରୁଛନ୍ତି। କେବଳ ବାଣିଜ୍ୟ କାରବାରରେ ପାରାଦୀପ ବନ୍ଦର ଦେଶରେ ୧ ନମ୍ବର ମାନ୍ୟତା ପାଉଛି। ପୁରସ୍କାର ଉପରେ ପୁରସ୍କାର ପାଇ ଚାଲିଛି। ଅନ୍ୟପକ୍ଷରେ ଏପଟେ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଡି ପ୍ରଭାବିତ ଅଞ୍ଚଳରେ ବିନିଯୋଗ ହେଉନାହିଁ। ସବୁକ୍ଷେତ୍ରରେ ଦେଶର ଅନ୍ୟ ବନ୍ଦର ତୁଳନାରେ ବହୁ ପଛରେ। ଓଭର୍ ବ୍ରିଜ ନିର୍ମାଣ ପାଇଁ ବନ୍ଦର କର୍ତ୍ତୃପକ୍ଷ, ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଆଉ କେତେ ଲୋକ ମାରିବା ପରେ ଓଭର ବ୍ରିଜ ନିର୍ମାଣ ହେବ ? ଏଣୁ ଆଉ କାଳବିଳମ୍ବ ନକରି ଦୋଛକି ଠାରୁ ଆଠାରବାଙ୍କି ପର୍ଯ୍ୟନ୍ତ ଓଭର ବ୍ରିଜ ନିର୍ମାଣ କରିବାକୁ ଆମେ ଦାବି କରୁଛୁ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଓଲେଇବାକୁ ଅଞ୍ଚଳିକ ସୁରକ୍ଷା ସମିତି ଆବାହକ ସଞ୍ଜୟ କୁମାର ବେହେରା ଚେତାବନୀ ଦେଇଛନ୍ତି।

ଉଠା ଜଳସେଚନ ପ୍ରକଳ୍ପରୁ ଚାଷୀ ବାଦ୍ ପଡିଲେ କେମିତି ?

ଏରସମା, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକର ଚାଷୀ ଭୁଲ ତଥ୍ୟ ପାଇଁ ଉଠା ଜଳସେଚନ ପ୍ରକଳ୍ପରୁ ବଞ୍ଚିତ ହେଉଛନ୍ତି ବୋଲି ଚଟୁଆ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସଞ୍ଜୟ କୁମାର ମହାନ୍ତି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ସରକାରଙ୍କ ପକ୍ଷରୁ ବ୍ୟକ୍ତିଗତ ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହାର ସୁବିଧା ଜିଲ୍ଲାର ଅନ୍ୟ ବ୍ଲକ୍‌ର ଚାଷୀ ଉଠାଇ ଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ଭୁଲ ତଥ୍ୟ ପ୍ରଦାନ ଯୋଗୁଁ ଏରସମା ବ୍ଲକର ଚାଷୀମାନେ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଅଞ୍ଚଳର ଚାଷୀ ଏରସମା ବ୍ଲକ୍ କୃଷି ଅଧିକାରୀଙ୍କୁ ଅଭିଯୋଗ କରିଥିବା ବେଳେ ବ୍ଲକ୍‌ରେ ଭୂତଳ ଜଳ ଲୁଣିଆ ହୋଇଥିବା କାରଣରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ଏଠାରେ ବନ୍ଦ ରହିଛି। ତେଣୁ ଏହି ଯୋଜନାର ଲାଭ ଏଠାକାର ଚାଷୀ ପାଇପାରିବେ ନାହିଁ ବୋଲି କହିଥିଲେ। ଅପର ପକ୍ଷରେ ବ୍ଲକ୍‌ରେ ସରକାରୀସ୍ତରରେ ବ୍ୟକ୍ତିଗତ ଉଠା ଜଳସେଚନ ପ୍ରକଳ୍ପ ବନ୍ଦ କରାଯାଇଥିବା ବେଳେ ଚିଙ୍ଗୁଡ଼ି ଘେରିଚାଷରେ ଚିଙ୍ଗୁଡ଼ି ଚାଷୀମାନେ କିନ୍ତୁ ଲୁଣା ଓ ମିଠା ଦୁଇ ପ୍ରକାର ଭୂତଳ ଜଳ ବ୍ୟବହାର କରୁଛନ୍ତି। ବାସ୍ତବରେ ବ୍ଲକର ୨୫ ପଞ୍ଚାୟତ ମଧ୍ୟରୁ ଅଧାରୁ ଅଧିକ ପଞ୍ଚାୟତର ଭୂତଳ ଜଳ ଲୁଣିଆ ନୁହେଁ। ତେଣୁ ଲୁଣା ଅଞ୍ଚଳକୁ ବାଦ ଦେଇ ଅନ୍ୟ ପଞ୍ଚାୟତର ଚାଷୀ ଏହି ଯୋଜନାର ଲାଭ ଉଠାଇପାରିବେ। ଏ ସମ୍ପର୍କରେ ଜିଲ୍ଲାପାଳ ଓ କୃଷି ଅଧିକାରୀଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଚାଷୀମାନେ ସେମାନଙ୍କ ଜମିରେ ଖରାଦିନିଆ ଫସଲ କରି ଲାଭବାନ୍ ହୋଇପାରନ୍ତେ। ପ୍ରଶାସନିକ ସ୍ତରରେ ଭୁଲ ତଥ୍ୟ ଯୋଗୁଁ ହଜାର ହଜାର ଚାଷୀ ଏଥିରୁ ବଞ୍ଚିତ ଥିବା ଶ୍ରୀ ମହାନ୍ତି ଅଭିଯୋଗ କରିବା ସହ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଦୃଢ଼ ଦାବି କରିଛନ୍ତି।

ଖାଉଟି ଆଇନର ଖୋଲାଖୋଲି ଉଲ୍ଲଂଘନ

ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ବିକ୍ରି ହେଉଛି ବିଦେଶୀ ମଦ

କାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଏମ୍‌ଭି-୭୯ରେ ଥିବା ଲାଏଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନରେ ଚାଲିଛି ଲୁଟ୍‌ରାଜ। ଧାର୍ଯ୍ୟଦରଠାରୁ ଅଧିକ ଦରରେ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ଖୋଲା ଖୋଲି ଖାଉଟି ଆଇନର ଉଲଂଘନ ହେଉଥିବା ଅଭିଯୋଗ ହୋଇଛି। ଏଠାରେ ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ବିକ୍ରି ହେଉଛି ବିଦେଶୀ ମଦ। ସରକାରଙ୍କ ପ୍ରଣୟନ ଖାଉଟି ଆଇନ ଅନୁଯାୟୀ କୌଣସି ସାମଗ୍ରୀ ସେଥିରେ ଲେଖା ଥିବା ଦରଠାରୁ ଅଧିକ ଦରରେ ଦୋକାନୀ ବିକ୍ରି କରିପାରିବେ ନାହିଁ। ତେବେ ଏହି ନିୟମକୁ ଫୁ କରି ଉଡାଇ ଦେଇଛି ଏମ୍‌ଭି-୭୯ରେ ଥିବା ବିଦେଶୀ ମଦ ଦୋକାନ। ଏହି ଲାଏଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନରେ ଯଦି ମଦର ଧାର୍ଯ୍ୟ ଦର ୧୫୦ଟଙ୍କା ରହିଛି, ତେବେ ଏହା ଲୋକଙ୍କ ଠାରୁ ୧୭୦ଟଙ୍କା ନିଆ ଯାଉଛି। ଧାର୍ଯ୍ୟ ଦର ଠାରୁ ୨୦ ଟଙ୍କା ଅଧିକ ନିଆଯାଉଥିବା ବେଳେ ଏହାକୁ ବିରୋଧ କରିଲେ ଦୋକାନୀମାନେ ଲୋକଙ୍କୁ କୁଲିଙ୍ଗ ଚାର୍ଜ, ଇଚ୍ଛା ହେଲେ ନିଅ ନହେଲେ ନାହିଁ କହୁଥିବା ଦେଖିବା ପାଇଁ ମିଳୁଛି। ଏହାସହ ମଦ ଦୋକାନର ମାଲିକ ଅଧିକା ଦର ନେବା ପାଇଁ କହୁଛନ୍ତି ବୋଲି ମଧ୍ୟ ଦୋକାନରେ କାର୍ଯ୍ୟରତ ବ୍ୟକ୍ତିମାନେ କହିବା ସହ ଦର ଅଧିକ ନଦେଲେ ସାମଗ୍ରୀ ଦେଉନଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାହକ ଅସନ୍ତୁଷ୍ଟ ଦେଖିବା ପାଇଁ ମିଳୁଛି। ଲୋକେ ମଦ ଯେତେ ଚଢାଦର ହେଲେ ମଧ୍ୟ ବାଧ୍ୟ ହୋଇ ଅନ୍ୟ କୌଣସି ଉପାୟ ନପାଇ କିଣୁଛନ୍ତି। ମଦ ଏକ ଏପରି ସାମଗ୍ରୀ ଯାହାକି ରାଜ୍ୟ ରାଜକୋଷକୁ ଅଧିକ ଟିକସ ଦେଇଥାଏ। ତେବେ ଏଠି କିନ୍ତୁ ମଦ ଦୋକାନୀଙ୍କ ଏପରି ଆଇନ ଉଲଂଘନ କାର୍ଯ୍ୟ ତାଙ୍କ ପକେଟକୁ ଅଧିକ କଳା ଧାନ ଯୋଗଉଥିବା ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଏମ୍‌ଭି-୭୯ରେ ଲାଏଇସେନ୍ସ ପ୍ରାପ୍ତ ମଦ ଦୋକାନର ମାଲିକ ବୋଜି ସୋମେଶ ରାଓଙ୍କ ଅନୁମତି କ୍ରମେ ଏପରି ଅଧିକ ଦରରେ ମଦ ବିକ୍ରୀ କରୁଥିବା ମ୍ୟାନେଜର କହିଥିବା ବେଳେ ଏହାପ୍ରତି କିପରି ସ୍ଥାନୀୟ ଅବକାରୀ ବିଭାଗ ଦୃଷ୍ଟୀ ଦେଉନି ତାହାକୁ ନେଇ ସାଧାରଣରେ ବଡ ପ୍ରଶ୍ନ ଷୃଷ୍ଟି ହୋଇଛି। କେବଳ ଏତିକି ନୁହେଁ ଅଧିକ ଦରରେ ଜଦି ମଦ ବିକ୍ରି କରୁଛ ତେବେ ଗ୍ରାହକ ଏନେଇ ବିଲ ମାଡିଲେ ମଧ୍ୟ ଦୋକାନୀ ଦେଉନଥିବା ଅଭିଯୋଗ ହୋଇଥିବା ବେଳେ ବିଭାଗ ପକ୍ଷରୁ ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

ଏରସମାରେ ଏ-୧ ଗ୍ରେଡରେ ପାସ୍ କଲେ ୯ଜଣ ଛାତ୍ରଛାତ୍ରୀ, ରିତୁପର୍ଣ୍ଣା ଟପ୍ପର

ଏରସମା, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ରେଜଲ୍ଟ ବିଦ୍ଧିବଦ୍ଧ ଭାବେ ପ୍ରକାଶ ପାଇଛି। ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍‌ରେ ଚଳିତ ବର୍ଷ ୯ଜଣ ଏ-୧ ରେ ପାସ କରିଛନ୍ତି। ଚଟୁଆ ହାଇସ୍କୁଲ ରିତୁପର୍ଣ୍ଣା ମଲ୍ଲ ୫୬୭ ରଖି ବ୍ଲକର ଟପ୍ପର ହୋଇଥିବା ବେଳେ ଏରସମା ହାଇସ୍କୁଲର ସୋହାନି ସ୍ୱାଇଁ ୫୪୪, ସୌମ୍ୟ ରଂଜନ ଲେଙ୍କା ୫୪୨, ସାଇ ପ୍ରସାଦ ବେଉରା ୫୪୦, ଗ୍ରାମେଶ୍ୱର ହାଇସ୍କୁଲ ପଞ୍ଚପକ୍ଷୀର ପ୍ରିତିକାନ୍ତ ଜେନା ୫୪୦, ନୁଆଗାଁ ହାଇସ୍କୁଲର ଆର୍ଶିବାଦ ସାହୁ ୫୪୪, ଧୁଆସାଇଁ ସାରଳା ଉଚ୍ଚବିଦ୍ୟାଳୟର ହୃଷିକେସ ସ୍ୱାଇଁ ୫୪୩, ପଞ୍ଚାୟତ ହାଇସ୍କୁଲ ପୋଖରିଆପଡାର ଗୁରୁଦର୍ଶନ ସାହୁ ୫୪୦, ଗୋଡା ବୃନ୍ଦାବନ ହାଇସ୍କୁଲ ଆଦିତ୍ୟ ସାହୁ ୫୪୬ ନମ୍ବର ରଖିଛନ୍ତି। ଏହି ଖବର ପ୍ରଚାରିତ ହେଲାପରେ ଏରସମା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଅନ୍ୟପକ୍ଷରେ ପଞ୍ଚାୟତ ହାଇସ୍କୁଲ୍ ବାଲିଡୁଠ ଅବିଭାବକ ମହଲରେ ପ୍ରଧାନ ଶିକ୍ଷକଙ୍କ ଅପାରଗତା ବିଷୟରେ ତ୍ରିବ ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକ ପିଲାଙ୍କ ପାଠପଢାରେ ଗୁରୁତ୍ୱ ନଦେଇ ବିଦ୍ୟାଳୟରେ ଥିବା ଆକାସିଆ, ପଟାସ ଗଛ ଆଦି ବିକ୍ରୟ କରୁଥିବା ଅଭିଯୋଗ ହୋଇଛି। ବିକ୍ରି କରିଥିବା ଗଛ ଟଙ୍କାକୁ କେଉଁ ଆକାଉଣ୍ଟରେ ରଖିଛନ୍ତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅବିଭାବକ, ସାମାଜିକ କର୍ମୀ, ବୃଦ୍ଧିଜୀବୀମାନେ ପ୍ରଧାନ ଶିକ୍ଷକଙ୍କୁ ବହିଷ୍କାର କରିବା ପାଇଁ ଦାବି କରିଛନ୍ତି।

ଛାତ୍ରକୁ ମାଡମାରି ଜେଲ୍ ଗଲେ ୱାଡେନ୍

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ହାଟ ନିକଟରେ ଥିବା ନ୍ୟୁକ୍ଲିୟସ ମେସ୍‌ର ଜଣେ ଛାତ୍ରକୁ ୱାଡେନ୍ ନିର୍ଦ୍ଧୁମ୍ ମାଡମାରି ଲହୁ ଲୁହାଣ କରିଥିବା ଅଭିଯୋଗ ହୋଇଛି। ଆଦିବାସୀ ବହୁଳ ଶୁଳିଆପଦା ବ୍ଲକ୍‌ର ବିଭିନ୍ନ ଗ୍ରାମର ଛାତ୍ରଛାତ୍ରୀ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ତେବେ ଗ୍ରାମାଞ୍ଚଳରେ ଇଂରାଜୀ ମାଧ୍ୟମ ଟିଉସନ ମିଳୁ ନଥିବାରୁ ବାଧ୍ୟ ହୋଇ ଅଭିଭାବକମାନେ ଖର୍ଚ୍ଚାନ୍ତ ହୋଇ ଶୁଳିଆପଦା ମୁଖ୍ୟାଳୟରେ ଥିବା ମେସ୍‌ମାନଙ୍କରେ ୱାଡେନ୍, ମେସ୍ ମାଲିକ ପ୍ରଭୃତିଙ୍କ ଦାୟିତ୍ୱରେ ଛାଡୁଛନ୍ତି। ମାତ୍ର ମେସ୍ ୱାଡେନ୍ ଜଣେ ନାବାଳକ ଛାତ୍ରଙ୍କୁ ପିଟିପିଟି ଲହୁଲୁହାଣ କରିବା ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ସୂଚନା ମୁତାବକ ଶୁଳିଆପଦା ବ୍ଲକ୍ ମହାବିଲା ପଞ୍ଚାୟତ ଅଧିକ ପତରନେଶା ଗ୍ରାମର ଜଗନ୍ନାଥ ବେଶ୍ରାଙ୍କ ପୁଅ କୃଷ୍ଣ ଚନ୍ଦ୍ର ବେଶ୍ରା (୧୪) ସ୍ଥାନୀୟ ଭାଲିଆଶୋଳ ଆଦର୍ଶ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପାଠପଢ଼ନ୍ତି। ତେଣୁ ସେହି ବିଦ୍ୟାଳୟର କର୍ମଚାରୀ ପ୍ରଣବ ମହାନ୍ତଙ୍କ ଦ୍ୱାରା ପରିଚାଳିତ ମେସ୍‌ରେ ପୁଅ ଭଲ ପଢିବ ବୋଲି ଛାଡିଥିଲେ। ତେବେ କୌଣସି କାରଣରୁ ଉକ୍ତ ମେସର ୱାଡେନ୍

ପାରାଦୀପ, (ଭାସ୍କର ନ୍ୟୁଜ) : ପାରାଦୀପରେ ଏବେ ଉପକୂଳର ରକ୍ଷା କବଚ। ପ୍ରତିଦିନ ଉଜୁଡି ଯାଉଚି ଏହି ପ୍ରକୃତିର ଅନନ୍ୟ ବରଦାନ ହେନ୍ତାଳବଣ। ସମୁଦ୍ର ଉପକୂଳରେ ମାନବ ସମାଜକୁ ରକ୍ଷା କରୁଥିବା ଏହି ହେନ୍ତାଳ ବଣର ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି ଆହ୍ୱାନ କ୍ୟାଇନ୍ସ। ହେନ୍ତାଳ ବଣ, ଯାହା ଆମ ମାନବ ସଭ୍ୟତାକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବାରେ ବେଶ୍ ହୁଏ ସାହାରା। ବାତ୍ୟା, ସୁନାମି ଭଳି ମହା ବିପତ୍ତି ସମୟରେ ଉପକୂଳର ରକ୍ଷା କବଚ ସାଜିଥିବା ଏହି ହେନ୍ତାଳ ବଣ ଆଜି ବିପଦରେ। ଓଡିଶା ସମୁଦ୍ର ଉପକୂଳର ୨୫୯ କିଲୋମିଟର ରେ ଥିବା ହେନ୍ତାଳ ବଣ ଏବେ ଅସୁରକ୍ଷିତ। ଓଡିଶାରେ ଥିବା ସମୁଦାୟ ହେନ୍ତାଳ ବଣ ମଧ୍ୟରୁ ପ୍ରାୟ ୮୦ ଭାଗ ପାରାଦୀପ ସମୁଦ୍ର ଉପକୂଳ ଦେଇ ଜମ୍ବୁ, ସାତଭାୟା, ଭିତରକନିକା, ଚାନ୍ଦବାଲି ପର୍ଯ୍ୟନ୍ତ ପ୍ରର୍ଯ୍ୟାପ୍ତ। ହରକଞ୍ଚ, କାଳିଆଚୁନା, ବନି, ପିତାକେରୁଆଁ, ଗୁଆଁ, ସିଙ୍ଗାଳବନି, ରାଇ, ହରସି ସୁନ୍ଦରୀ ଆଦି ୩୦ ପ୍ରକାର ବୃକ୍ଷ ଲତାର ସମାହାରରେ ହେନ୍ତାଳ ବଣ ସୃଷ୍ଟି। ସୁନାମି ଓ ବାତ୍ୟାର କରାଳ ରୂପ ପ୍ରଥମେ ଏହି ବଣରେ ବାଜି ତାର ପ୍ରକୋପ କମୁଥିବା ଯୋଗୁ ଏହାକୁ ଉପକୂଳର ରକ୍ଷା କବଚ କୁହାଯାଏ। କିନ୍ତୁ ପ୍ଲାଷ୍ଟିକ୍ ବ୍ୟବହାର ଏବେ ଏହାକୁ କ୍ଷତି କରିବାକୁ ବସିଛି । ପାରାଦୀପର କିଛି ଯୁବପିଢ଼ି ଆହ୍ୱାନ କ୍ୟାଇନ୍ସ ନାମରେ ଏକତ୍ରୀତ ହୋଇ ପ୍ରତିଦିନ ଏହି ବଣକୁ ସୁରକ୍ଷା କରିବା ପାଇଁ ଆରମ୍ଭ କରିଛନ୍ତି ଭିନ୍ନ ପ୍ରୟାଶ। କର୍ମମୟ ଜୀବନରୁ ସମୟ କାଢି ଏମାନେ ଏହି ହେନ୍ତାଳ ବଣକୁ ପ୍ଲାଷ୍ଟିକ୍ ମୁକ୍ତ କରିବା, ଭାଙ୍ଗି ପଡ଼ିଥିବା ଗଛ ଲତାକୁ ପୁନଃ ଅବସ୍ଥାପିତ କରିବା ଏମାନଙ୍କ ନିତିଦିନିଆ କାର୍ଯ୍ୟ । ବାସ୍ତବିକ୍ ଏହି ସଂଗଠନ ସହ ପ୍ରଶାସନ ହାତ ମିଳାଇ ହେନ୍ତାଳ ବଣକୁ ସୁରକ୍ଷା ଯୋଗାଇବା ନିହାତି ଆବଶ୍ୟକ।

ବିଶିଷ୍ଟ ନାଟ୍ୟକାର ଗୌରୀ ଶଙ୍କର ଦାସଙ୍କ ନିଧନ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ବିଶିଷ୍ଟ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟାଭିନେତା ଗୌରୀ ଶଙ୍କର ଦାସଙ୍କ ଆଜି ସକାଳେ ୭୫ବର୍ଷ ବୟସରେ ତାଙ୍କ ପୈତୃକ ଗୃହରେ ନିଧନ ହୋଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ୬ ମାସରୁ ଉର୍ଦ୍ଧ୍ୱ ସମୟ ଧରି ପୀଡିତ ଥିଲେ।ତାଙ୍କ ନିଧନରେ କଳା ଜଗତରେ ଅପୂରଣୀୟ କ୍ଷତି ଘଟିଛି। ସେ ଜଣେ କଳାଜଗତର କିମ୍ବଦନ୍ତୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ଗୀତ ରଚନା,ମଞ୍ଚ ଅଭିନୟ,ମଞ୍ଚ ସାଜସଜ୍ଜା ଠାରୁ ଆରମ୍ଭ କରି ମଞ୍ଚ ପରିଚାଳନା, ନିର୍ଦ୍ଦେଶନାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତାଙ୍କର ଥିଲା। ଓଡିଶା ରେ ଚର୍ଚ୍ଚିତ ନାଟକ 'ଉଡିଗଲେ ଗେଣ୍ଡାଳିଆ, ଝାଡିଦେଲେ ପର','ମୁଠାଏ ମାଟି' ଏମିତି ବହୁ ନାଟକକୁ ନେଇ ଚହଳ ସୃଷ୍ଟି କରିଥିଲା, ତାଙ୍କର ବହୁ କଳାକାର ଛାତ୍ର ଆଜି ନାଟ୍ୟ ଜଗତରେ ସୁନାମ ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରେ ସ୍ୱର୍ଗତ ରାଇମୋହନ ପରିଡା, ସ୍ୱର୍ଗତ ସଲିଲ ମିତ୍ର, କାବୁ ଦାସ ଅଧିକାରୀ, ଭୁବନ ବିହାରୀ ସାହୁ, ଯୁଗଳ ପଟ୍ଟନାୟକ, ସ୍ୱରୂପ କୁମାର ପରିଜା, ନିତ୍ୟାନନ୍ଦ ଦାସ, ସଂଗୀତ ମହାବିଦ୍ୟାଳୟ ଅଧକ୍ଷ କରୁଣାକର ଦାଶ, ଲିପୁ ସାହୁ, ବିକାଶ ସାହୁ, ଗୌରୀ ଶଙ୍କର ସିହ୍ନା ଓ ବିବେକାନନ୍ଦ ଦାସ ଅନ୍ୟତମ। ସେ ୧୯୮୩ ମସିହା ରେ ତୃତୀୟ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ରାଜ୍ୟ ସରକାରଙ୍କ ଠାରୁ ଶ୍ରେଷ୍ଠ ନାଟ୍ୟକାର ଭାବେ ପୁରସ୍କୃତ ହୋଇଥିଲେ। ଉପଖଣ୍ଡ ପ୍ରଶାସନ ତଥା ଜାତୀୟ ଦିବସ ପାଳନ କମିଟି, କରଞ୍ଜିଆ ପକ୍ଷରୁ ସ୍ୱାଧୀନତା ଦିବସରେ ଶ୍ରେଷ୍ଠ ନାଟ୍ୟକାର ଭାବେ ପୁରସ୍କୃତ ହୋଇଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଓ ୪ କନ୍ୟା ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ସ୍ଥାନୀୟ ଦେଓ ନଦୀ କୂଳରେ ସତ୍କାର କରାଯାଇଛି। ତାଙ୍କ ନାତି ପଦ୍ମ ଲୋଚନ ଚକ୍ର ମୁଖାଗ୍ନି ଦେଇଛନ୍ତି। ତାଙ୍କ ମରଶରୀରକୁ ଶେଷ ଦର୍ଶନ ନିମନ୍ତେ କରଞ୍ଜିଆର ବରିଷ୍ଠ ନାଗରିକ ସଂଘ ସମ୍ପାଦକ ସର୍ବେଶ୍ୱର ମିଶ୍ର, ସଂଗୀତ କଲେଜର ଅଧକ୍ଷ କରୁଣା କର ଦାଶ, ଭୁବନ ବିହାରୀ ସାହୁ, ନାଟ୍ୟକାର ଉମାକାନ୍ତ ସାହା ତଥା ବହୁ ବରିଷ୍ଠ ନାଗରିକ, ସାମ୍ବାଦିକ, ପଲ୍ଲବୀ ନାଟ୍ୟ ସଂସ୍ଥା ସଦସ୍ୟ ଗଣ ତାଙ୍କ ବାସଭବନରେ ପହଁଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଗଭୀର ଶୋକ ବ୍ୟକ୍ତ କରିଥିଲେ।

ନୂତନ ନ୍ୟାୟାଧୀଶଙ୍କ କାର୍ଯ୍ୟଭାର ଗ୍ରହଣ

ରଘୁନାଥପୁର (ଭାସ୍କର ନ୍ୟୁଜ) : ଶନିବାର ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଗ୍ରାମ୍ୟ ନ୍ୟାୟାଳୟରେ ନୂତନ ନ୍ୟାୟାଧୀଶ ଭାବେ ତନ୍ମି ରଥ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଆଇନଜୀବୀ ଦୋଳଗୋବିନ୍ଦ ମହାପାତ୍ର, ଅନିଲ କୁମାର ଖଟୁଆ, ଅମୀୟ ମହାପାତ୍ର, ରମେଶ ଆଚାର୍ଯ୍ୟଙ୍କ ସହ କୋର୍ଟର କର୍ମଚାରୀମାନେ ନ୍ୟାୟାଧୀଶ ରଥଙ୍କୁ ସୌଜନମୂଳକ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ପୂର୍ବରୁ ଏଠାରେ ଅବସ୍ଥାପିତ ଥିବା ସୁମିତ୍ରା ବିଶ୍ୱାଳଙ୍କ ଭବାନୀପାଟଣା ବଦଳି ହୋଇଛି। ନ୍ୟାୟାଧୀଶ ଯୋଗଦେଲା ପରେ ଗ୍ରାମ୍ୟନ୍ୟାୟାଳୟର ପୋଲିସ କୋଟ ପରିଦର୍ଶନ କରିଥିଲେ ।

କାର୍ଯାଳୟ ଅଧୀକ୍ଷଣ ଅଭିୟଂତା,
ଲୋକ ନିର୍ମାଣ ବିଭାଗ, ରାୟପୁର ମଣ୍ଡଳ କ୍ରମାଂକ 2 (ଛତ୍ତୀସଗଢ଼)

ଈ–ପ୍ରୋକ୍ୟୁରମେଂଟ ନିବିଦା ସୂଚନା
(ଦ୍ୱିତୀୟ ଆମଂତ୍ରଣ)

ଦିନାଂକ 17.05.2023

ନିମ୍ନାଂକିତ କାର୍ଯ୍ୟ ହେତୁ ଅଁନଲାଇନ ନିବିଦା **"ଡି" ଶ୍ରେଣୀ ଏବଂ ଅଧିକ ଶ୍ରେଣୀ** କେ ଠେକେଦାରୋଁ ହେତୁ ନିବିଦା ଆମଂତ୍ରିତ କୀ ଜାତୀ ହୈ। ଅଁନଲାଇନ ନିବିଦା ଡାଉନଲୋଡ କରନେ କୀ **ଅଂତିମ ତିଥି 31.05.2023 ହୈ।**

ଏନ.ଆଇ.ଟି. କ୍ର /ନିବିଦା କ୍ର	କାର୍ଯ୍ୟ କା ନାମ	କାର୍ଯ୍ୟ କୀ ଅନୁମାନିତ ଲାଗତ (ଲାଖ ମେଁ)
NIT NO. 24 Tender No. 134452	ଭାଟାପାରା ଅନୁବିଭାଗ ଅଂତର୍ଗତ ଭାଟାପାରା–ଜରୌଦ–ସୁହେଲା–ହିରମୀ–ମୋହରା ମାର୍ଗ ଲଂ. 26/2 ସେ 29/8 = 3.80 କି.ମୀ. ବୀ.ଟି. ପେଁଚ ମରମ୍ମତ କାର୍ଯ୍ୟ।	ରୂ. 40.00 ଲାଖ
NIT NO. 25 Tender No. 134454	ଜିଲା ମହାସମୁନ୍ଦ କେ ବିକାସଖଂଡ ପିଥୌରା ଅଂତର୍ଗତ ହାୟର ସେକେଂଣ୍ଡ୍ରୀ ସ୍କୁଲ ଭବନ ସାଂକରା କା ନିର୍ମାଣ ବିଦ୍ୟୁତୀକରଣ ସହିତ କାର୍ଯ୍ୟ ।	ରୂ. 119.33 ଲାଖ

ଉପରୋକ୍ତ ନିର୍ମାଣ କାର୍ଯ୍ୟୋଁ କୀ ନିବିଦା କୀ ସାମାନ୍ୟ ଶର୍ତ୍ତେଁ, ଧରୋହର ରାଶି, ବିସ୍ତୃତ ନିବିଦା ବିଜ୍ଞପ୍ତି, ନିବିଦା ଦସ୍ତାବେଜ ବ ଅନ୍ୟ ଜାନକାରୀ ଈ–ପ୍ରୋକ୍ୟୋରମେଂଟ ବେବ ପୋର୍ଟଲ https://eproc.cgstate.gov.in ଅଥବା ବିଭାଗୀୟ ବେବସାଇଟ https://eproc.cgstate.gov.in ସେ ଡାଉନଲୋଡ କୀ ଜା ସକତୀ ହୈ। **(ରାଶି ରୂ. 100.00 କେ ନାନ ଜ୍ୟୁଡିଶିୟଲ ସ୍ଟାମ୍ପ ପର ନିର୍ଧାରିତ ପ୍ରପତ୍ର ମେଁ ଶପଥ ପତ୍ର ଏବଂ ନ୍ୟୁନତମ ରାଶି ରୂ. 10.00 କେ ନାନ ଜ୍ୟୁଡିଶିୟଲ ସ୍ଟାମ ପର ଏନେକ୍ସର–3 କା ଶପଥ ପତ୍ର ବିଡକେପେସୀଟୀ ଉପଲବ୍ଧତା ବାବତ୍ ଜାନକାରୀ ଏବଂ ଅନ୍ୟ ଜାନକାରୀ ଏନଆଇଟୀ କେ 2.10 ମେଁ ସଂଲଗ୍ନ ସଂଶୋଧିତ ପ୍ରପତ୍ରାନୁସାର ପ୍ରସ୍ତୁତ କରେଁ।)** ନିବିଦା ମେଁ ହୋନେ ବାଲେ ସମସ୍ତ ସଂଶୋଧନ କା ପ୍ରକାଶନ କେବଳ ଉପରୋକ୍ତ ବେବସାଇଟ ପର କିୟା ଜାୟେଗା, ପୃଥକ ସେ ସମାଚାର ପତ୍ରୋଁ ମେଁ ପ୍ରକାଶନ ନହୀଁ କିୟା ଜାବେଗା।

ଅଧୀକ୍ଷଣ ଅଭିୟଂତା,
G-01466/ 6 ଲୋ.ନି.ବି. ରାୟପୁର ମଣ୍ଡଳ କ୍ର. 2 (ଛ.ଗ.)

Credible Chhattisgarh ବିଶ୍ୱସନୀୟ ଛତ୍ତୀସଗଢ଼ — ଆପକୀ ଥୀ ଚାହ, ହମନେ ବନାଇ ରାହ

KVB Karur Vysya Bank — Smart way to bank

ଦ କରୁର୍ ବୈଶ୍ୟ ବ୍ୟାଙ୍କ ଲି.
ଆଷ୍ଟା ବ୍ରାଞ୍ଚ
ବିନାୟକ ବଜାର, ଶ୍ରୀ ଲୁଏଲର୍ସ ପାର୍ଶ୍ୱ
ଆଷ୍ଟା, ଓଡ଼ିଶା, ୭୬୧୧୧୦

ପଜେସନ୍ ନୋଟିସ୍
(ସ୍ଥାବର ସମ୍ପତ୍ତି ପାଇଁ)

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍, ୨୦୦୨ର ରୁଲ୍ ୮(୧) ଅଧିନରେ ଜାରି

ଯେହେତୁ
ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଦି କରୁର୍ ବୈଶ୍ୟ ବ୍ୟାଙ୍କ ଲିମିଟେଡ୍‌ର ଅଧିକୃତ ଅଧିକାରୀ ଅଟନ୍ତି। ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ (ଆକ୍ଟ ୫୪ ଅଫ୍ ୨୦୦୨) ଅଧିନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅନୁସାରେ କ୍ଷମତା ପ୍ରାପ୍ତ ହେତୁ ସେ **୨୭.୦୬.୨୦୨୨**ରେ ଡିମାଣ୍ଡ ନୋଟିସ୍ ଜାରି କରି **୧)ଶ୍ରୀ ସୁଶାନ୍ତ କୁମାର ନାହକ** (ଋଣ ଗ୍ରହୀତା)(ବୋବାନୀ ନାହକଙ୍କ ପୁତ୍ର)ରଘୁନାଥ ମୋଟର୍ସ,ସା/ପୋଷ୍ଟ-କଳାସନ୍ଧପୁର, ଥାନା-ଆଷ୍ଟା ,ଓଡିଶା-୭୬୧୧୧୧୫ ଗ୍ରାମ-ଘଟକୁରି ,ପୋଷ୍ଟ-ଖରିଆ,ଜିଲ୍ଲା-ଗଞ୍ଜାମ,ଓଡିଶା-୭୬୧୧୧୧ ୨) ବୋବିନି ନାହକ(ରୁଣ ଗ୍ରହୀତା)(ରଘୁନାଥ ନାହକଙ୍କ ପୁତ୍ର),ବଡ ସାହି,ଘଟକୁରି,ଖରିଆ,ଗଞ୍ଜାମ ଓଡିଶା-୭୬୧୧୧୧ ଓ ଗ୍ରାମ -ଘଟକୁରି,ପୋଷ୍ଟ-ଖରିଆ,ଜିଲ୍ଲା-ଗଞ୍ଜାମ,ଓଡିଶା-୭୬୧୧୧୧ ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୧୮,୮୦,୮୪୦.୩୬ (ଅଠର ଲକ୍ଷ ଅଶି ହଜାର ଆଠଶହ ଚାଳିଶ ଓ ଛତିଶ ପଇସା କେବଳ)** ସହ ଏହା ଉପରେ ଥିବା ସୁଧରାଶି ଏହି ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।
ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍, ୨୦୦୨ ରୁଲ୍ ୮ ଅନୁସାରେ **୧୬ ମଇ ୨୦୨୩** ରେ ନିମ୍ନ ସ୍ୱାକ୍ଷରିତ ଅଧିକୃତ ଅଧିକାରୀ ନିଜ ପଜେସନ୍‌କୁ ନେଇ ଯାଇଛନ୍ତି।
ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ। ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଦି କରୁର୍ ବୈଶ୍ୟ ବ୍ୟାଙ୍କ ଲିମିଟେଡ୍‌କୁ **ଟ. ୧୮,୮୦,୮୪୦.୩୬ (ଅଠର ଲକ୍ଷ ଅଶି ହଜାର ଆଠଶହ ଚାଳିଶ ଓ ଛତିଶ ପଇସା** କେବଳ) ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ।
ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ।

ସ୍ଥାବର ସମ୍ପତ୍ତିର ବିବରଣୀ

ଘରୋଇ ଜମି ଓ କୋଠାର ସମସ୍ତ ଅଂଶ ବିଶେଷ ଏରିଆ ଏକର.୦.୦୩୩ ଡିସିମିଲ ଅବସ୍ଥିତ ଖାତା ନଂ-୩୪୧/୧୮୩,ପ୍ଲଟ ନଂ-୧୯୯୬/୪୦୫୦.ମୌଜା-ଘଟକୁରି, ଏସଆରଓ -ଆଷ୍ଟା,ତହସିଲ-ଆଷ୍ଟା,ଥାନା-ଆଷ୍ଟା,ଜିଲ୍ଲା-ଗଞ୍ଜାବ ଓଡିଶା ଅଧିନରେ,ଶ୍ରୀ ଭୋବିନି ନାହକଙ୍କ ନାମରେ ଷାଣ୍ଡି ରହିଛି।
ଏହି ସମ୍ପତ୍ତିର ଚତୁଃପାର୍ଶ୍ୱରେ ରହିଛି
ଉତ୍ତର-ଅଭିମନ୍ୟୁ ପଣ୍ଡାଙ୍କ ଜମି — ଦକ୍ଷିଣ-ଭଗବାନ ପଣ୍ଡାଙ୍କ ଜମି
ପୂର୍ବ-ଅଭିମନ୍ୟୁ ପଣ୍ଡାଙ୍କ ଜମି — ପଶ୍ଚିମ-ସଡକ ଓ ବଣ୍ଡପାଣି ଲେଙ୍କାଙ୍କ ପୂର୍ବ ଜମି

ସ୍ଥାନ : ଆଷ୍ଟା — ଅଧିକୃତ ଅଧିକାରୀ
ତାରିଖ : ୧୬.୦୫.୨୦୨୩ — ଦ କରୁର୍ ବୈଶ୍ୟ ବ୍ୟାଙ୍କ ଲିମିଟେଡ୍

ଆମେରିକାର ଋଷିଆ ବିରୋଧୀ ନୀତି
ଓବାମାଙ୍କୁ ଋଷ ପ୍ରବେଶ ମନା

ନୂଆଦିଲ୍ଲୀ : ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ସହ ପ୍ରାୟ ୫୦୦ରୁ ଅଧିକ ଆମେରିକୀୟଙ୍କୁ ଋଷ ପ୍ରବେଶ ଉପରେ ବ୍ୟାନ୍ ଲଗାଯାଇଛି। ପୁଟିନ ସରକାରଙ୍କ ପକ୍ଷରୁ ଏହି ବ୍ୟାନ୍ ଲଗାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଋଷିଆ ବିରୋଧୀ ନୀତିକୁ ନେଇ ଏହି କଟକଣା ଲଗାଯାଇଥିବା ଋଷ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏନେଇ ଋଷିଆ ବୈଦେଶିକ ମନ୍ତ୍ରୀ ସୂଚନା ଦେବା ସହ କହିଛନ୍ତି ଯେ, ଆମେରିକା ଋଷିଆ ବିରୋଧରେ ସଦ୍ୟ ଲଗାଇଥିବା କଟକଣାକୁ ନେଇ ପୁଟିନ ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଗତ ମାସରେ ଋଷ ବୈଦେଶିକ ମନ୍ତ୍ରୀଙ୍କ ସହ ଗଣମାଧ୍ୟମ ପ୍ରତିନିଧି ମିଳିତ ଜାତିସଂଘ ଗସ୍ତ ପାଇଁ ସମସ୍ତ ପ୍ରସ୍ତୁତି ସାରିଥିବା ବେଳେ ସେମାନଙ୍କୁ ଆମେରିକା ପକ୍ଷରୁ ଭିସା ପ୍ରଦାନ କରାଯାଇନଥିଲା। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ବିବାଦ ବଢ଼ିଥିଲା। ଅନ୍ୟପକ୍ଷରେ ୟୁକ୍ରେନ ପ୍ରସଙ୍ଗ ନେଇ ଦୁଇ ଦେଶ ମଧ୍ୟରେ ସଂପର୍କ ବିଗିଡିବାରେ ଲାଗିଛି। ଏଭଳି ସ୍ଥିତିରେ ଓବାମାଙ୍କ ସମେତ ୫୦୦ରୁ ଅଧିକ ଆମେରିକୀୟଙ୍କୁ ଋଷିଆ ବ୍ୟାନ୍ କରିବା ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଛି। ଶୁକ୍ରବାର ଆମେରିକା ଋଷିଆର ୩୦୦ ନାଗରିକ ଓ କମ୍ପାନୀଙ୍କ ଉପରେ ବ୍ୟାନ୍ ଲଗାଇଥିଲା। ୟୁକ୍ରେନ୍‌ରେ ପୁଟିନ ସେନାର ବର୍ବର ଆକ୍ରମଣ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଆମେରିକା ପକ୍ଷରୁ ଟ୍ରେଜେରି ସଚିବ ଜେନେଟ ଏଲେନ କହିଥିଲେ। ଏହାକୁ ନେଇ ଉତ୍ତ୍ୟକ୍ତ ହୋଇପଡିଥିବା ରୁଷ ଏଭଳି ପାଲଟା ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି। ରୁଷ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ, ଆମେରିକା ମନେ ରଖିବା ଉଚିତ ଯେ ଆମ ବିରୁଦ୍ଧରେ ନିଆଯାଉଥିବା ସମସ୍ତ ପଦକ୍ଷେପକୁ ହାଲକା ଭାବେ ଗ୍ରହଣ କରାଯାଉନାହିଁ। ଏହାର କଡା ଜବାବ ଦେବା ପାଇଁ ରୁଷିଆ ସର୍ବଦା ପ୍ରସ୍ତୁତ ବୋଲି ଏଲେନ କହିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ମୁଖ୍ୟମନ୍ତ୍ରୀ ଭାବେ...

ଜି ପରମେଶ୍ୱର, କେଏଚ୍ ମୁନିୟାପ୍ପା, କେଜେ ଜର୍ଜ, ଏମ୍‌ବି ପାଟିଲ, ସତିଶ ଜାରକିହୋଲି, ପ୍ରିୟଙ୍କ ଖଡ୍‌ଗେ, ରାମଲିଙ୍ଗା ରେଡ୍ଡି ଓ ବିଜେ ଜମିର୍ ଅହମ୍ମଦଖାଁ। ଏହି ଶପଥ ଗ୍ରହଣ ଉତ୍ସବ ବେଙ୍ଗାଲୁରୁର କାନ୍ତେବରା ଷ୍ଟାଡିୟମ୍‌ରେ କଡା ସୁରକ୍ଷା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଶପଥ ଗ୍ରହଣ ଉତ୍ସବରେ କଂଗ୍ରେସର ହେଭିୱେଟମାନଙ୍କ ସହ ବହୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, ଏନ୍‌ସିପି ମୁଖ୍ୟ ଶରଦ ପାୱାର, ନେସ୍‌ନାଲ କନ୍‌ଫରେନ୍ସ ନେତା ଫାରୁକ ଅବଦୁଲ୍ଲା, ବିହାର ମୁଖ୍ୟମନ୍ତ୍ରୀ ନୀତିଶକୁମାର, ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍, ପିଡିବି ମୁଖ୍ୟ ମେହେବୁବା ମୁଫତି, ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥ, ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ପ୍ରମୁଖ ଏହି ଶପଥ ସମାରୋହରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ମୋଟ ୨୨୪ ଆସନ ମଧ୍ୟରୁ କଂଗ୍ରେସ ଏକାକି ୧୩୫ଟି ଆସନ ହାସଲ କରି ସରକାର ଗଠନ କରିବାକୁ ସକ୍ଷମ ହୋଇଥିଲା। ଏହି ଶପଥ ସମାରୋହରେ ବିରୋଧୀଦଳ ନେତାଙ୍କ ଉପସ୍ଥିତି ସେମାନଙ୍କ ଏକତାକୁ ଦର୍ଶାଉଛି ବୋଲି ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ଚାଲିଛି।

ପିପଳନଳା ଜଳସେଚନ...

ସାରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେଠାରେ ପ୍ରସ୍ତାବିତ ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟ ସଂପର୍କରେ ମଧ୍ୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ମା' ମାଣିକେଶ୍ୱରୀ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ସହ ମନ୍ଦିରର ଉନ୍ନତିକରଣ ପାଇଁ ସେବାୟତ ଓ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ କଲମପୁର ମିନି ଷ୍ଟାଡିୟମ, ମଙ୍ଗଳପୁର ବ୍ୟାରେଜ ନିକଟରେ ଇନ୍ଦ୍ରାବତୀ ପାର୍କ ଓ ମ୍ୟୁଜିୟମ ମଧ୍ୟ ପରିଦର୍ଶନ କରିଥିଲେ। ଏହାପରେ ସେ କଳାହାଣ୍ଡିର ପ୍ରସିଦ୍ଧ ବୁଢ଼ାରାଜ ମନ୍ଦିରକୁ ପରିଦର୍ଶନରେ ଯାଇଥିଲେ। ଏହି ମନ୍ଦିରର ରୂପରେଖ ବଦଳି ବୋଲି ସେ କହି

କଣାସ (ଭାସ୍କର ନ୍ୟୁଜ୍) ବିଳମ୍ବରେ ହେଲେ ମଧ୍ୟ ଆଜି ସରକାରାଙ୍କ ତରଫରୁ କଣାସରେ ପ୍ରତିଷ୍ଠିତ ମା' କୁଶ୍ୱେରୀ ସେବା ସମବାୟ ସମିତି ପକ୍ଷରୁ ସରକାରୀ ଧାନମଣ୍ଡି ଖୋଲାଯାଇଛି । ସେବା ସମବାୟ ସମିତିର ସଭାପତି ସୁକାନ୍ତ କିଶୋର ସାମନ୍ତରାୟ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ମଣ୍ଡି ଖୋଲିବା ସମୟରେ ସମିତିର ବୋର୍ଡସଭ୍ୟ ଅଭିମନ୍ୟୁ ଜୟସିଂହ, ଶ୍ରୀକାନ୍ତ କୁମାର ପଟ୍ଟଯୋଷୀ, ପ୍ରକାଶ କୁମାର ପ୍ରଧାନ, ରବିନ୍ଦ୍ର ବଳବନ୍ତରାୟ, ପ୍ରଭାକର ବଳିୟାରସିଂହ, ସୁମିତ୍ର ଭୋଳ, ତୁଳସୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ୭ଜଣ ଚାଷୀଙ୍କ ଠାରୁ ୨୬୦କ୍ୟୁଣ୍ଟାଲ୍ ୭୩କେଜି ଗୋପାଳ ଜି ରାସିମିଲ୍, ଅରିସଲ କ୍ରୟ କରିଥିଲେ । ସମିତି ସଂପାଦକ ଧିରେନ୍ଦ୍ର କୁମାର ମାନସିଂହ, ପ୍ରଦେଶେ ରାୟ, ତାପସ କୁମାର ପାଲଟାସିଂହ ପ୍ରମୁଖ ଉପସ୍ଥିତ ଥିଲେ । କୁଇଣ୍ଟାଲ ପିଛା ସରକାରୀ ଦର ୨୦୪୦ଟଙ୍କା ରଖାଯାଇଥିବା ବେଳେ ମିଲରମାନେ କୁଇଣଯଟାଲ ପିଛା ୬କେଜି ଧାନ କାଟୁଥିବାରୁ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି । କୌଣସି କାଟକୋଷର ନକରି ଆନ୍ଧ୍ରବେପାରୀମାନେ କୁଇଣ୍ଟାଲ୍ ପିଛା ୧୮୫୦ଟଙ୍କାରେ ଧାନ କ୍ରୟ କରୁଥିବାରୁ ଚାଷୀମାନେ ମଣ୍ଡିରେ ଧାନ ଦେବାପାଇଁ ଆଗ୍ରହ ପ୍ରକାଶ କରୁନଥିବା ଜଣାପଡିଛି ।

ମନରେଗା ଯୋଜନାରେ ବ୍ୟାପକ ଅର୍ଥ ହରିଲୁଟ ମସୁଧା

ନିମାପଡା, (ଭାସ୍କର ନ୍ୟୁଜ) : ନିମାପଡା ବ୍ଲକ ଅଞ୍ଚଳରେ ମନେରଗା ଯୋଜନା ମହାମାରୀରେ ପରିଣତ ହୋଇଛି । ସାମାନ୍ୟ କାର୍ଯ୍ୟ କରାଯାଇ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଚଳୁ କରାଯାଉଥିବା ବେଳେ ପ୍ରଶାସନ ଆଖିବୁଜି ଦେଇଛି । କାହା ନିର୍ଦ୍ଦେଶରେ ମନରେଗା ଯୋଜନାରେ ଜବ୍ କାର୍ଡଧାରୀମାନଙ୍କୁ ଉପେକ୍ଷା କରାଯାଇ ମେସିନ କାର୍ଯ୍ୟ କରୁଛି ତାହା ଶ୍ରମିକଙ୍କ ପାଇଁ ଚିନ୍ତା ପ୍ରକଟ କରିଛି । ଶ୍ରମିକମାନଙ୍କ ଘରେ ଚୁଲି ଜଳୁନଥିବା ବେଳେ କୁଜିନେତା ମାଲମାଲ ହେଉଛନ୍ତି । ଅନେକ ଶ୍ରମିକ ମଜୁରୀ ନପାଇବାରୁ ଗୁଜୁରାଟ ସୁରାଟ ମୁହାଁ ହେଉଛନ୍ତି । କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ନିଜ ନାମରେ ଜବ କାର୍ଡ କରି ସେହି ମାଧ୍ୟମରେ ବ୍ଲକରୁ ଟଙ୍କା ଲୁଟିବା ଏକ ମାଧ୍ୟମ ପାଲଟିଛି । ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଏହି ଖବର ବାଜୁଥିବା ବେଳେ ପ୍ରଶାସନ ନୀରବ ରହିବା ପଛରେ କେଉଁଠି ନା କେଉଁଠି ପ୍ରଶାସନର ଦୁର୍ବଳତା ରହିଥିବା କିମ୍ବା ନେତାଙ୍କ ଚାପରେ ଗାଦି ହଲିଯିବା ଭୟ ଥିବାରୁ ପଦକ୍ଷେପ ନନେବା ସୂଚାଇ ଦେଉଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଅଞ୍ଚଳରେ ମନରେଗା ଯୋଜନା ମାଧ୍ୟମରେ ବ୍ୟାପକ ଅର୍ଥ ହରିଲୁଟ ହେଉଛି । ତେରୁଣ୍ଡିଆ ପଞ୍ଚାୟତ ଅରିଷଣ୍ଡ ବାହରଣା ତୁଳସୀପୁର ରଟିଲୋ ଆଦି ପଞ୍ଚାୟତ ମାନଙ୍କରେ ମନେରଗା ଯୋଜନା କାର୍ଯ୍ୟ ମେସିନ କରୁଛି । ମାତ୍ର କାଗଜପତ୍ରରେ ଦର୍ଶାଯାଉଛି ଜବ କାର୍ଡଧାରୀମାନେ କାର୍ଯ୍ୟ କରୁଛନ୍ତି ବୋଲି । ପୋଖରୀର ଚାରିପାଖ ଛଞ୍ଚାଯାଇ ଲକ୍ଷ ଲକ୍ଷ ଟଙ୍କା ବିଲ୍ କରାଯାଉଛି । କେତେକ ଦଳୀୟ ନେତାଙ୍କ ପୁଷମାସ ପାଲଟିଥିବା ବେଳେ ସରକାରଙ୍କ ସର୍ବନାଶ ହେଉଛି । କିଛି ମାଟି ପକାଇ ବ୍ୟାପକ ଅର୍ଥ ବିଲ୍ କରାଯାଉଥିବା ବେଳେ ପଞ୍ଚାୟତର ଜନସାଧାରଣ ଏ ସଂପର୍କରେ ବିଡିଓ ନିମାପଡା ଜିଲ୍ଲାପାଳ ପୁରୀଙ୍କୁ ଅବଗତ କରାଇଛନ୍ତି । ମାତ୍ର ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ପ୍ରଶାସନର ପରିବାପଣିଆ ପଦାରେ ପଡିଛି । ଅରିଷଣ୍ଡ ପଞ୍ଚାୟତରେ ପୋଖରୀ ଖୋଳା ଠାରୁ ଆରମ୍ଭ କରି ସରକାରୀପ୍ଲଟରୁ ମାଟିଚୋରୀ କରି ମନେରଗା ଯୋଜନାରେ କାର୍ଯ୍ୟ କରିବା କେଉଁ ଆଇନରେ ଅଛି ବୋଲି ଜନସାଧାରଣ ବ୍ଲକ ପଅଶାସନକୁ ପ୍ରଶ୍ନ କରିଛନ୍ତି । ପ୍ରଶାସନ ଜାଣିଶୁଣି କୌଣସି ପଦକ୍ଷେପ ନନେବା ପଛରେ ଉଦ୍ଦେଶ୍ୟ ରହିଅଛି । ମେଳନପଡିଆ ଗୋଚର ଜମିରୁ ରାତାରାତି ଜେସିବି ମେସିନ ଟ୍ରାକ୍ଟର ସାହାଯ୍ୟରେ ମାଟି ତଡାଯାଇ ବାମଦେଈପୁର ମୌଜାରେ ଏକ ରାସ୍ତା ନିର୍ମାଣ କରାଯାଇଥିବା ବେଳେ କେଉଁ କନିଷ୍ଠ ଯନ୍ତ୍ରୀ ଏହାକୁ ତଦାରଖ କରୁଛନ୍ତି, ବିଡିଓ ସହକାରୀ ଯନ୍ତ୍ରୀ, କଣ କରୁଛନ୍ତି ବୋଲି ଲୋକମାନେ ମଧ୍ୟ ପ୍ରଶ୍ନ କରିଛନ୍ତି ।

କାର-ବାଇକ ଧକ୍କା ଜଣେ ଗୁରୁତର

ବେଗୁନିଆ (ଭାସ୍କର ନ୍ୟୁଜ୍) : ବେଗୁନିଆ ଥାନା ଅନ୍ତର୍ଗତ ଚକାପଦା ଠାରେ ଆଜି ଅପରାହ୍ନରେ ଏକ କାର ସହିତ ଏକ ବାଇକର ମୁହାଁ ମୁହିଁ ଧକ୍କା ହେବାରୁ ବାଇକ ଚାଳକ ଚକାପଦା ଗ୍ରାମର କୈଳାଶ ଚନ୍ଦ୍ର ପାଣିଗ୍ରାହୀ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କୁ ସଙ୍ଗେ ସଙ୍ଗେ ଖୋର୍ଦ୍ଧା

ଡାକ୍ତରଖାନାକୁ ନିଆଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଶ୍ରୀ ପାଣିଗ୍ରାହୀ ତାଙ୍କ ବାଇକ ଟିକୁ ଧରି ଚକାପଦା ଷ୍ଟାଣ୍ଡରେ ଠିଆ ହୋଇଥିବାବେଳେ ନୟାଗଡ଼ ଅଭିମୁଖେ ଯାଉଥିବା କାରଟି ତାଙ୍କୁ ଧକ୍କା ଦେଇଥିଲା ।

ବିଦ୍ୟୁତ ଆଘାତରେ ଦୁଇ ଗାଈ ମୃତ

କ୍ଷତିପୂରଣ ନିମନ୍ତେ ଦାବି

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ଟାଟା ପାୱାରର ଦାୟୀତ୍ୱ ହିନତା ଓ କର୍ତ୍ତବ୍ୟରେ ଚରମ ଅବହେଳା ହେତୁ ଆଜି ସ୍ପଷ୍ଟ ଦିବା ଲୋକରେ ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ଗ୍ରାମପଞ୍ଚାୟତ ପଶ୍ଚିମଖଣ୍ଡ ଭୋଳ ଗ୍ରାମରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୁଇଟି ଗାଈ ଅକାଳରେ ମୃତ୍ୟୁ ବରଣ କରିବା ଘଟଣାଟି ସାଧାରଣରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି । ଆଜି ସକାଳେ ସ୍ଥାନୀୟ ପଶ୍ଚିମଖଣ୍ଡଭୋଳ ଗ୍ରାମର ସେକ ମୁସ୍ତାଙ୍କ ପତ୍ନୀ ଖଚିତା ବିବି ଓ ସେକ ରସିଦଙ୍କ ପତ୍ନୀ ଗୌରୀ ବିବି ତାଙ୍କର ଦୁଇଟି ଗାଈକୁ ନେଇ ଚରିବା ଉଦ୍ଦେଶ୍ୟରେ ସ୍ଥାନୀୟ ବିଲରେ ବାନ୍ଧିଥିଲେ । ଏହି ସମୟରେ ଅସୁରେଶ୍ୱର ଟାଟା ପାୱାରର କର୍ମଚାରୀମାନେ ଖୁଣ୍ଟରେ ଚଢି ବିଦ୍ୟୁତ ମରାମତି କାର୍ଯ୍ୟ କରୁଥିଲେ । ତେବେ ଆକସ୍ମିକ ଭାବେ ବିଦ୍ୟୁତ ତାର ଛିଣ୍ଡି ପଡିବା କାରଣରୁ ଏହି ଗାଈ ଦୁଇଟି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଅକାଳରେ ମୃତ୍ୟୁବରଣ କରିଛନ୍ତି । ତେବେ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଅମାନବିକ କରୁଣ ଚିତ୍କାର କରୁଥିବା ଗାଈ ଦୁଇଟିଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ଘଟଣାସ୍ଥଳରୁ ଖସି ପଳାଇଯାଇଥିଲେ । ତେବେ ଏହି ଘଟଣା ପ୍ରଚାରିତ ହେବା କ୍ଷଣି ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ସମ୍ପୃକ୍ତ ମହିଳା ଦ୍ୱୟ ଲିଖିତ ଅଭିଯୋଗ କରିଛନ୍ତି । ରିପୋର୍ଟ ଲେଖା ହେଲା ବେଳୁ ଏସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବାର ଜଣାଯାଇଛି । ଟାଟା ପାୱାର ତରଫରୁ ତୁରନ୍ତ କ୍ଷତିଗ୍ରସ୍ତ ପରିବାର ଦ୍ୱୟଙ୍କୁ କ୍ଷତିପୁରଣ ଦିଆଯିବା ନିମନ୍ତେ ସ୍ଥାନୀୟ ଲୋକେ ଦୃଢ ଦାବି କରିଛନ୍ତି ।

ମରଣାନ୍ତକ ଆକ୍ରମଣ : ଅଭିଯୁକ୍ତ କୋର୍ଟ ଚାଲାଣ

ବାଲିପାଟଣା (ଭାସ୍କର ନ୍ୟୁଜ୍): ଶୁକ୍ରବାର ଦିନ ଦା' ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତ ଗିରଫ୍ ହୋଇ କୋର୍ଟ ଚାଲାଣ ହୋଇଥିବା ଥାନାରୁ ସୂଚନା ମିଳିଛି । ଅଭିଯୁକ୍ତ ଜଣଙ୍କ ବାଲିପାଟଣା ଥାନା ଅନ୍ତର୍ଗତ ସୁମୁଦି ଗ୍ରାମର କାଶିନାଥ ସେନାପତି (୫୧) । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସକାଳ ସମୟରେ ବାଲିପାଟଣା ଥାନା ଅନ୍ତର୍ଗତ ସୁମୁଦି ଗ୍ରାମର ରମାକାନ୍ତ ମହାନ୍ତି ତାଙ୍କ ବିଲ ବିଛା ଯାଇଥିବା ଜାଲକୁ କାଶିନାଥ କାଟୁଥିବା ଦେଖି ତାକୁ ବିରୋଧ କରିବାରୁ ଅଭିଯୁକ୍ତ କାଶିନାଥ ଠେଙ୍ଗାରେ ଆକ୍ରମଣ କରିବା ସହିତ ଦା' ଦ୍ୱାରା ମୁଣ୍ଡରେ ଆଘାତ କରିଥିଲେ । ଆକ୍ରମଣରେ ଗୁରୁତର ରମାକାନ୍ତକୁ ତାଙ୍କ ପରିବାର ଲୋକେ ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ତଦନ୍ତ କରି ଆଜି ଅଭିଯୁକ୍ତ କାଶିନାଥକୁ ଗିରଫ୍ କରାଯାଇ ଦଫା ୩୪୧/୩୨୩/୩୨୪/୩୦୭ ଏବଂ କେଶ୍ ନମ୍ବର ୧୭୨/୨୩ ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବାଲିପାଟଣା ଥାନା ଏଏସ୍‌ଆଇ ଘନଶ୍ୟାମ ସାହୁ ସୂଚନା ଦେଇଛନ୍ତି ।

ଡାକ୍ତର ବୈଦ୍ୟନାଥ ମିଶ୍ରଙ୍କ ପରଲୋକ

ବାଲିପାଟଣା (ଭାସ୍କର ନ୍ୟୁଜ୍): ପ୍ରତି ସପ୍ତାହର ଶନିବାର ଓ ରବିବାର ଦିନ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦେଉଥିବା ବାଲିପାଟଣା ବ୍ଲକ ଅନ୍ତର୍ଗତ ତୁରିନ୍ତିରା ଗ୍ରାମର ଜଣାଶୁଣା ପ୍ରଫେସର ଡାକ୍ତର ବୈଦ୍ୟନାଥ ମିଶ୍ରଙ୍କ ୮୮ ବର୍ଷ ବୟସରେ ଆଜି ସକାଳେ ପରଲୋକ ଘଟିଛି । କଟକ ବଜ୍ରକବାଟି କେନାଲ ରୋଡ଼ସ୍ଥିତ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ସୂଚନା ମିଳିଛି । ଶେଷ ସମୟରେ ନିକଟରେ ପରିବାର ସଦସ୍ୟ, ବନ୍ଧୁ, ପ୍ରିୟଜନ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । ସୂଚନା ଅନୁସାରେ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ତୁରିନ୍ତିରା ଗ୍ରାମର ସ୍ୱର୍ଗତ ବ୍ରହ୍ମାନନ୍ଦ ମିଶ୍ରଙ୍କ ୩ ପୁଅଙ୍କ ମଧ୍ୟରେ ବଡ଼ ଥିଲେ ବୈଦ୍ୟନାଥ ମିଶ୍ର । ୧୯୩୫ ମସିହା ଜୁନ ୧୪ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ । ପରିବାରର ଆର୍ଥିକ ଦୂରାବସ୍ଥା ସତ୍ତ୍ୱେ କଠିନ ପରିଶ୍ରମ ବଳରେ ସେ ଡାକ୍ତର ହୋଇ ପାରିଥିଲେ । କଟକ ବଡ଼ଡାକ୍ତରଖାନାରେ ସେ ପ୍ରଫେସର ଥିଲେ । ସ୍ୱର୍ଗତ ମିଶ୍ର ଅବସର ପରେ ପ୍ରତ୍ୟେକ ଶନିବାର ଏବଂ ରବିବାର ଗାଁରେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିଲେ । ଗାଁର ଗ୍ରାମଦେବତାଙ୍କ ପୀଠର ପୁନରୁଦ୍ଧାର ପାଇଁ ପ୍ରୟାସ କରି ସମ୍ପୂର୍ଣ୍ଣ କରିଥିଲେ । ସେ ଜଣେ ମିଷ୍ଟ ଭାଷି, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଦେହାନ୍ତ ଖବର ଶୁଣି ମର୍ମାହତ ହେବା ସହ ଅମର ଆତ୍ମାଙ୍କ ସଦଗତି କାମନା କରିଛନ୍ତି ।

ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ନିଆଳୀ(ଭାସ୍କର ନ୍ୟୁଜ୍) : ନିଆଳୀ ଥାନା ଅନ୍ତର୍ଗତ ମାଧବ ପଞ୍ଚାୟତ ତାମ୍ପଦା ଗ୍ରାମ ନିକଟରେ ଗୋଟିଏ ଗଛରୁ ଗ୍ରାମର ଯୁବକ ଜୀବନ ସେଠାଙ୍କର ମୃତ ଦେହ ଉଦ୍ଧାର ହୋଇଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଯୋର ଧରିବା ସହ ପରିବାର ଲୋକ ଏହାକୁ ହତ୍ୟା ଅଭିଯୋଗ କରିଛନ୍ତି । ନିଆଳୀ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ତଦନ୍ତ ଜାରୀ ରଖିଛି । ନିଆଳୀ ଥାନାରେ ମୃତକ ଜୀବନଙ୍କ ଦାଦା ସୁକାନ୍ତ ସେଠୀ କରିଥିବା ଅଭିଯୋଗ ଅନୁଯାୟୀ ଗତକାଲି ଜୀବନଙ୍କ ପରିବାର ଓ ପଡୋଶୀଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା ଯାହାକୁ ନେଇ ପଡୋଶୀଙ୍କ ପରିବାର ମାରଣାସ୍ତ୍ର ଦେଖାଇ ଜୀବନକୁ ମାରିଦେବାକୁ ଧମକ ଦେଇଥିଲେ । ପରେ ସନ୍ଧ୍ୟା ୭ ଟାରୁ ଜୀବନ ନିଖୋଜ ହୋଇଯାଇଥିବାବେଳେ ତା'ର ମୃତ ଦେହ ଦୁଇଘଣ୍ଟା ପରେ ଗ୍ରାମ ନିକଟ ତାମ୍ପଦା ମାଧବ ରାସ୍ତାର ଏକ ଗଛରେ ଝୁଲୁଥିବାର ଖବର ପାଇଥିଲେ । ଯାହାକି ତାର ମୃତଦେହ ଏକ ରଶିରେ ଝୁଲୁଥିବାବେଳେ ତାର ଗୋଡ ଆଣ୍ଠୁ ପର୍ଯ୍ୟନ୍ତ ମାଟିରେ ଲାଗିଥିଲା । ଶରୀରର କେତେକ ସ୍ଥାନରେ କ୍ଷତ ଚିହ୍ନ ହୋଇଛି । ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ମୃତ ଜୀବନର ପରିବାର ଦାବୀ କରିଛନ୍ତି । ଶବ ବ୍ୟବଚ୍ଛେଦ ପରେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚିତ ହେବ ବୋଲି ଆଶା କରାଯାଉଛି । ପୋଲିସ୍ ଏହି ଘଟଣାରେ କେସ୍ ନଂ -୧୮୮/୨୩ ରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରୀ ରଖିଛି । ସେହିପରି ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି । ଗ୍ରାମରେ ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିବାରୁ ଏହା ଉପରେ ତିକ୍ଷ୍ଣ ନଜର ରଖାଯାଇଥିବା ନିଆଳୀ ଥାନାଧିକାରୀ ବିଜୟ କୁମାର ମଲ୍ଲିକ୍ କହିଛନ୍ତି । ଏହି ଘଟଣାରେ କହାରିକୁ ଗିରଫ କରାଯାଇ ନଥିବା ଜଣାପଡିଛି ।

ଯୁବକକୁ ପିଟି ପିଟି ହତ୍ୟା, ଅଭିଯୁକ୍ତ ଗିରଫ

ଗ୍ରାମରେ ଉତ୍ତେଜନା

ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଡେଙ୍ଗବୋରେଇ ଗ୍ରାମରେ ଚୋରିକୁ କେନ୍ଦ୍ର କରି ଯୁବକକୁ ଟେକିନେଇ ପିଟିପିଟି ହତ୍ୟା କରାଯାଇଥିବାର ଅଭିଯୋଗ ହୋଇଛି । ମୃତ ଯୁବକ ଜଣକ ହେଲେ ଅକ୍ଷୟ ପଣ୍ଡା ୩୦ ବର୍ଷ । ଗତ ଏକ ମାସ ତଳେ ଡେଙ୍ଗବୋରେଲ ଗ୍ରାମର ହେମନ୍ତ ରାଉତଙ୍କ ଫାର୍ମରୁ ପାଣି ପମ୍ପ ସହ କିଛି ସାମଗ୍ରୀ ଚୋରି ହେଇଥିଲା ବୋଲି ଅକ୍ଷୟଙ୍କ ନାମର ଅଭିଯୋଗ ହୋଇଥିଲା । ଚୋରୀରେ ସଂପୃକ୍ତ ଥିବା କହି ଶୁକ୍ରବାର ରାତିରେ ହେମନ୍ତ ରାଉତ ଏବଂ ତାଙ୍କର ସହଯୋଗୀ ମାନେ ମିଶି ଅକ୍ଷୟ ଓ ଅନ୍ୟ ଜଣେ ଯୁବକ ଲିଟୁନୁ ଟେକି ନେଇ ମାଡ ମାରି ଉଭୟଙ୍କୁ ଗୁରୁତର ଅବସ୍ଥାରେ କରି ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅକ୍ଷର ମୃତ୍ୟୁ ଜାଣିବା ପରେ ଅଭିଯୁକ୍ତ ମାନେ ଛାଡ଼ି ପଳାଇ ଥିଲେ । ଲିପୁ ଗୁରୁତର ହୋଇ କଟକ ବଡ଼ ଡାକ୍ତର ଖାନାକୁ ରେଫର ହୋଇ ଚିକିତ୍ସାଧିନ ଅଛନ୍ତି । ଏହି ଘଟଣାର ସଦର ପୋଲିସ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ହେମନ୍ତକୁ ଗିରଫ କରିଥିବାବେଳେ ଅନ୍ୟମାନେ ଫେରାର ଅଛନ୍ତି । ତଦନ୍ତ ପାଇଁ ଗ୍ରାମକୁ ପୋଲିସ ଗାଡି ଯାଉଥିବା ବେଳେ କିଛି ସମୟ ଉତ୍ୟକ୍ତ ଗ୍ରାମବାସୀ ପୋଲିସ ଗଡିକୁ ଘେରି ଯାଇ ଅଟକ ରଖିଥିଲେ । ଗ୍ରାମର ଉତ୍ତେଜନା ଦେଖା ଦେଇଥିଲା । ଚୋରୀ ଘଟଣାରେ ପୂର୍ବରୁ ପମ୍ପ ହାଉସ ଚୋରୀ ଘଟଣାକୁ ନେଇ ହେମନ୍ତ ରାଉତ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନାରେ କୌଣସି ସମାଧାନ ନହେବା ଶୁକ୍ରବାର ରାତିରେ ହେମନ୍ତ ଗ୍ରାମରେ କିଛି ଲୋକଙ୍କୁ ନେଇ ବୈଠକ ଡାକି ୨ ଦିନ ଭିତରେ ଚୋରୀ ସାମଗ୍ରୀ ଫେରାର ଦେବାକୁ ନିଷ୍ପତି ହୋଇଥିଲେ ମଧ୍ୟ ମୃତ ଅକ୍ଷୟ ସେ ଚୋରୀ କରି ନଥିବା ମାନି ନଥିଲେ । ପରେ ତାକୁ ଓ ତାର ସାଥିକୁ ହେମନ୍ତ ଓ କିଛି ସମ୍ପର୍କୀୟ ଟେକିନେଇ ମାଡମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି । ଏହି ଆକ୍ରମଣରେ ଲିଟୁନୁ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛି । ଏବେବି ଗ୍ରାମରେ ଉତେଜନା ଲାଗି ରହିଛି ।

ନୂତନ ସବ୍ ଜଜ୍ କୋର୍ଟ ଉଦଘାଟିତ

କଣ୍ଢାମାଲ (ଭାସ୍କର ନ୍ୟୁଜ) : ବୌଦ୍ଧ ଜିଲ୍ଲା କଣ୍ଢାମାଳ କୋର୍ଟ ପରିସରରେ ଶନିବାର ନୂତନ ସବ୍-ଜଜ୍ ତଥା ଆସିଷ୍ଟାଣ୍ଟ ସେଶ୍ନନ ଜଜ କୋର୍ଟକୁ ଭିଡିଓ କନଫରେନ୍ସ ଯୋଗେ ଆଜି ହାଇକୋର୍ଟ ମୁଖ୍ୟ ବିଚାରପତି ଡକ୍ଟର ଏସ.ମୂରଲୀଧର ଏହି ନୂତନ ସବ୍ ଜଜ୍ କୋର୍ଟ ତଥା ଆସିଷ୍ଟାଣ୍ଟ ସେଶ୍ନନ ଜଜ୍ କୋର୍ଟକୁ ଭିଡିଓ କନଫରେନ୍ସ ଯୋଗେ ଉଦଘାଟନ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଥିଲେ । ଆଜି ନୂତନ କୋର୍ଟ ଉଦ୍‌ଘାଟନ ପରେ ସରକାରୀ ଓକିଲ ସୁରେଶ ଚନ୍ଦ୍ର ରଣାଙ୍କ ଉପସ୍ଥିତିରେ କଣ୍ଢାମାଳ ସେସନ୍ସ ଜଜ ତଥା ବରିଷ୍ଠ ଦେୱାନୀ ବିଚାରପତି ତପନ କୁମାର ବେହେରାଙ୍କ ଦ୍ୱାରା ପ୍ରଥମ କରି କୋର୍ଟ କାର୍ଯ୍ୟ ଆରମ୍ଭ ହୋଇଥଲା । ବିଚାରପତି ଶ୍ରୀ ବେହେରା ଦୁଇଟି କେସର ବିଚାର କରିଥିବା ଜଣାପଡ଼ିଛି । ଏହି ଅବସରରେ କଣ୍ଢାମାଳ ବରିଷ୍ଠ ଦେୱାନି ବିଚାରପତି ତପନ କୁମାର ବେହେରାଙ୍କ ସମେତ ଅନ୍ୟ ବିଚାରପତି ଏବଂ ସରକାରୀ ଓକିଲ ସୁରେଶ ଚନ୍ଦ୍ର ରଣା, କଣ୍ଢାମାଳ ଓକିଲ ସଂଘ ସଭାପତି ଦୃତିଆ ଚରଣ ସାହୁ, ଆଇନଜୀବୀ କୈଳାସ ଚନ୍ଦ୍ର ବାରିକ, ସରକାରୀ ଓକିଲ ରାଧାବଲ୍ଲଭ ପ୍ରଧାନ, ନରୋତ୍ତମ ମେହେର, ପ୍ରତାପ ସାହୁ, କଣ୍ଢାମାଳ ଥାନାଧିକାରୀ ଆଇ.ଆଇ.ସି ନଳିନୀକାନ୍ତ ଦାସ, କଣ୍ଢାମାଳ ବଣିକ ସଂଘ ସଭାପତି ବଜରଙ୍ଗ ଲାଲ ଅଗ୍ରୱାଲ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଦିବ୍ୟ ଶଙ୍କର ରାଉତ ସମେତ ଅଞ୍ଚଳର ଜନସାଧାରଣ, ସମାଜସେବୀ, ଜନପ୍ରତିନିଧି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କଣ୍ଢାମାଳ କୋର୍ଟ ମଧ୍ୟରେ ବହୁ ପ୍ରତିକ୍ଷୀତ ଏହି ସବ୍ ଜଜ୍ କୋର୍ଟ ସ୍ଥାପନ ହୋଇପାରିଥିବାରୁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ କଣ୍ଢାମାଳ କୋର୍ଟର ସମସ୍ତ ଆଇନଜୀବୀ ତଥା ସ୍ଥାନୀୟ ଜନସାଧାରଣ କୃତଜ୍ଞତା ଜଣାଇଛନ୍ତି ।

ଅବହେଳାରୁ କେବେ ନିସ୍ତାର ପାଇବ

ଜାତୀୟ ଓ ଅନ୍ତର୍ଜାତୀୟ

ଟୋକିଓ: ଜାପାନରେ ଚାଲିଥିବା ଜି-୭ ଶିଖର ସମ୍ମିଳନୀରେ ୭ ସଦସ୍ୟ ବିଶିଷ୍ଟ ରାଷ୍ଟ୍ର ୟୁକ୍ରେନ ବିରୁଦ୍ଧରେ ଯୁଦ୍ଧ ବନ୍ଦ କରିବାକୁ ରଷ୍ ଉପରେ ଚାପ ପକାଇବାକୁ ଚୀନ୍‌କୁ ଅନୁରୋଧ କରିଛି। ଶନିବାର ଦିନ ମିଳିତ ବିବୃତ୍ତିରେ ଜି-୭ ନେତାମାନେ କହିଛନ୍ତି ଯେ ସେମାନେ ଚୀନ୍‌ର କ୍ଷତି ଚାହୁଁ ନାହାଁନ୍ତି, କିନ୍ତୁ ବେଜିଂ ସହିତ ଏକ ଗଠନମୂଳକ ଏବଂ ସ୍ଥିର ସମ୍ପର୍କ ଚାହୁଁଛନ୍ତି। ଏହି ଗୋଷ୍ଠୀ କହିଛି ଯେ ଆମେ ସାମରିକ ଆକ୍ରୋଶକୁ ରୋକିବା ପାଇଁ ରଷ ଉପରେ ଚାପ ପ୍ରୟୋଗ କରିବାକୁ ଏବଂ ତୁରନ୍ତ ସମସ୍ତ ସୈନ୍ୟଙ୍କୁ ୟୁକ୍ରେନରୁ ସମ୍ପୂର୍ଣ୍ଣ ଏବଂ ବିନା ସର୍ତ୍ତରେ ପ୍ରତ୍ୟାହାର କରିବାକୁ ଚୀନ୍‌କୁ ଅହ୍ୱାନ କରିବାକୁ ଚାହୁଁଛୁ। ଜି-୭ ଗୋଷ୍ଠୀ ବିବୃତ୍ତିରେ କହିଛନ୍ତି ଯେ ଆଞ୍ଚଳିକ ଅଖଣ୍ଡତା ଏବଂ ମିଳିତ ଜାତିସଂଘ ଚାର୍ଟର ନୀତି ତଥା ବ୍ୟାପକ, ନ୍ୟାୟ ଏବଂ ନିରନ୍ତର ଶାନ୍ତି ପାଇଁ ଆମେ ଚୀନ୍‌କୁ ଉତ୍ସାହିତ କରୁଛୁ। ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା, ଏବଂ ଅର୍ଥନୈତିକ ସ୍ଥିରତା ଭଳି ପ୍ରସଙ୍ଗ ଉପରେ ମିଳିତ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇ ଏହି ଗୋଷ୍ଠୀ କହିଛି ଯେ ଏହାର ବିଶ୍ୱସ୍ତରୀୟ ଭୂମିକା ଏବଂ ଅର୍ଥନୈତିକ ଆକାରକୁ ଦୃଷ୍ଟିରେ ରଖି ଚୀନ୍ ସହ ସହଯୋଗ ଆବଶ୍ୟକ।

ଜଗଦୀଶ ଟାଇଟଲରଙ୍କ ବିରୋଧରେ ସିବିଆଇର ଚାର୍ଜସିଟ୍ ଦାଖଲ

ନୂଆଦିଲ୍ଲୀ: ୧୯୮୪ ମସିହାରେ ଶିଖ ବିରୋଧୀ ଦଙ୍ଗା ମାମଲାରେ କଂଗ୍ରେସ ନେତା ଜଗଦୀଶ ଟାଇଟଲରଙ୍କ ବିରୋଧରେ ସିବିଆଇ ଏକ ଚାର୍ଜସିଟ ଦାଖଲ କରିଛି। ଅଭିଯୋଗ ହୋଇଛି ଯେ ଜଗଦୀଶ ଟାଇଟଲର ଜନତାଙ୍କୁ ଉତ୍ତେଜିତ କରିଥିଲେ, ଦଙ୍ଗା ସୃଷ୍ଟି କରିଥିଲେ, ଏହି ଜନତା ପୁଲ ବଙ୍ଗଶ୍ ଗୁରୁଦ୍ୱାରରେ ନିଆଁ ଲଗାଇ ଦେଇଥିଲେ ଯେଉଁଥିରେ ତିନି ଶିଖଙ୍କୁ ପୋଡି ଦିଆଯାଇଥିଲା। ସିବିଆଇ ଧାରା ୧୪୭, ୧୪୮, ୧୪୯, ୧୫୩ (ଏ), ୧୮୮ ଆଇପିସି ଏବଂ ୧୦୯, ୩୦୨, ୨୯୫, ଏବଂ ୪୩୬ ଦଫା ସହିତ ଏହି ଚାର୍ଜସିଟ୍ ଦାଖଲ କରିଛି । ଗତ ଏପ୍ରିଲରେ ଜଗଦୀଶ ଟାଇଟଲର ଦିଲ୍ଲୀରେ ସିବିଆଇ ସମ୍ମୁଖରେ ହାଜର

ହୋଇଥିଲେ ଏବଂ ୧୯୮୪ ମସିହାରେ ଦିଲ୍ଲୀରେ ଶିଖ୍ ବିରୋଧୀ ଦଙ୍ଗା ସହ ଜଡିତ ପୁଲ ବଙ୍ଗଶ୍ ଗୁରୁଦ୍ୱାର ମାମଲାରେ ତାଙ୍କ ସ୍ୱର ନମୁନା ଦେଇଥିଲେ। କେନ୍ଦ୍ରୀୟ ଫୋରେନସିକ୍ ସାଇନ୍ସ ଲାବୋରେଟୋରୀ ସ୍ୱର ନମୁନା ଯାଞ୍ଚ କରିବ। ଲାବୋରେଟୋରୀରୁ ବାହାରକୁ ଆସି ଟାଇଟଲର କହିଥିଲେ ଯେ ଯଦି ମୋ ବିରୁଦ୍ଧରେ ଗୋଟିଏ ବି ପ୍ରମାଣ ଅଛି, ତେବେ ମୁଁ ଫାଶୀରେ ଚଢ଼ିବାକୁ ପ୍ରସ୍ତୁତ ଅଛି। ଏହି ମାମଲାରେ କଂଗ୍ରେସ ନେତାଙ୍କୁ ସିବିଆଇ ଏକ ସ୍ୱଚ୍ଛତା ପ୍ରଦାନ କରିଥିଲା, କିନ୍ତୁ ଡିସେମ୍ବର ୪, ୨୦୧୫ରେ ପୁନଃ ଯାଞ୍ଚ ଆରମ୍ଭ କରିଥିଲା। ଜଗଦୀଶ ଟାଇଟଲର ୨୦୦୪ ରେ ମନମୋହନ ସିଂ ସରକାରରେ ଜଣେ ମନ୍ତ୍ରୀ ଥିଲେ, କିନ୍ତୁ ବିରୋଧ ପରେ ତାଙ୍କୁ ଇସ୍ତଫା ଦେବାକୁ ପଡିଥିଲା।

ପୁଣି ଦିଲ୍ଲୀରେ କ୍ଷମତା ଲଢ଼େଇ

ବଦଳି ଓ ନିଯୁକ୍ତିରେ କେଜ୍ରିୱାଲ ନୁହେଁ, ଦିଲ୍ଲୀ ଉପରାଜ୍ୟପାଳ ନେବେ ନିଷ୍ପତ୍ତି: କେନ୍ଦ୍ର

ନୂଆଦିଲ୍ଲୀ: ପୁଣିଥରେ ଦିଲ୍ଲୀରେ ଦେଖାଦେଇଛି କ୍ଷମତା ଲଢ଼େଇ। କିଛି ଦିନ ପୂର୍ବେ କେନ୍ଦ୍ର ଓ ଦିଲ୍ଲୀ ସରକାର ମଧ୍ୟରେ ହୋଇଥିବା କ୍ଷମତା ଲଢ଼େଇରେ ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତିରେ ଜିତି ଯାଇଥିଲେ କେଜ୍ରିୱାଲ। ହେଲେ ଏହାକୁ ସହଜେ ଗ୍ରହଣ କରି ପାରି ନ ଥିବା କେନ୍ଦ୍ର ସରକାର ପୁଣି ଥରେ ନିଜ ବଡ଼ ଭାଇ ପଣିଆ ଜାହିର କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଦିଲ୍ଲୀର ପ୍ରଶାସନିକ କ୍ଷମତା ନିର୍ବାଚିତ ସରକାରଙ୍କ ହାତରେ ରହିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିବା ବେଳେ ଅଧିକାରୀଙ୍କ ବଦଳି ଓ ନିଯୁକ୍ତିରେ ଉପରାଜ୍ୟପାଳ ହସ୍ତକ୍ଷେପ କରି ପାରିବେନି ବୋଲି ରାୟ ପ୍ରକାଶ କରିଥିଲେ। ମାତ୍ର ଏହା ଉପରେ ଅଧ୍ୟାଦେଶ ଆଣି ଉପରାଜ୍ୟପାଳଙ୍କୁ ତାଙ୍କ କ୍ଷମତା ଫେରାଇଛନ୍ତି କେନ୍ଦ୍ର ସରକାର। ଅଧିକାରୀଙ୍କ ଟ୍ରାନ୍ସଫର ଓ ପୋଷ୍ଟିଂ ପାଇଁ କେନ୍ଦ୍ର ସରକାର ନ୍ୟାଶନାଲ କ୍ୟାପିଟାଲ ସିଭିଲ ସର୍ଭିସ ଅଥରିଟି ନାମକ ଏକ

ଅଥରିଟି ଗଠନ କରିଛନ୍ତି। ଏଥିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ, ଦିଲ୍ଲୀର ଚିଫ ସେକ୍ରେଟାରୀ ଓ ଗୃହ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ସଦସ୍ୟ ରଖାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏହି ଅଥରିଟିର ଅଧ୍ୟକ୍ଷ ରହିବେ। ଅଧିକାରୀଙ୍କ ବଦଳିକୁ ନେଇ କୌଣସି ବିବାଦ ଦେଖାଦେଲେ ଏହି ଅଥରିଟି ସଦସ୍ୟଙ୍କ ମଧ୍ୟରେ ଭୋଟ ଗ୍ରହଣ କରାଯିବ । ଏଥିରେ ବି ବିବାଦର ସମାଧାନ ନ ହେଲେ ଶେଷ ନିଷ୍ପତ୍ତି ଉପରାଜ୍ୟପାଳ ନେବେ ବୋଲି ଏହି ଅଧ୍ୟାଦେଶରେ ଉଲ୍ଲେଖ ଅଛି। ଅଧିକାରୀଙ୍କ ଟ୍ରାନ୍ସଫର ତଥା ବଦଳି ତଥା ଭିଜିଲାନ୍ସ ଚଢ଼ାଉ ସମ୍ପର୍କରେ ବି ଏହି ଅଥରିଟି ନିଷ୍ପତ୍ତି ନେବ ବୋଲି ଉଲ୍ଲେଖ ଅଛି। ଏହି କମିଟିରେ ଦିଲ୍ଲୀର ଚିଫ ସେକ୍ରେଟାରୀ ଓ ଗୃହ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ବହୁମତ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ଅଳ୍ପମତ ହେବେ । ଫଳରେ ଅଧିକାରୀଙ୍କ ଟ୍ରାନ୍ସଫର ଓ ପୋଷ୍ଟିଂରେ କେନ୍ଦ୍ର ସରକାରଙ୍କ ରାଜୁତି ଚାଲିବ ବୋଲି ଜଳଜଳ ଦିଶୁଛି । ସୁପ୍ରିମକୋର୍ଟ ନିଜ ରାୟରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ଉପରାଜ୍ୟପାଳ କାମ କରିବେ ବୋଲି କହିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ହିଁ ମୁଖ୍ୟ ପାୱାର ସେଣ୍ଟର ବୋଲି ଅଭିହିତ କରିଥିଲେ । ମାତ୍ର କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶରେ ଏହି ନିୟମକୁ ପୂରା ଓଲଟପାଲଟ କରାଯାଇଛି। ଅର୍ଥାତ କେନ୍ଦ୍ର ସରକାର କେଜ୍ରିୱାଲଙ୍କ କ୍ଷମତାକୁ କାଟି ଉପରାଜ୍ୟପାଳଙ୍କୁ ପାୱାରଫୁଲ କରିବାକୁ ଚେଷ୍ଟା ଚଳାଇଥିବା ସ୍ପଷ୍ଟ ପ୍ରତୀୟମାନ ହେଉଛି। ଏହା ସୁପ୍ରିମକୋର୍ଟଙ୍କ ଆଦେଶର ଅବମାନନା ବୋଲି ଦିଲ୍ଲୀ ସରକାରଙ୍କ ପକ୍ଷରୁ କୁହାଯାଇଛି। ପ୍ରତିଶୋଧର ନିଆଁରେ ଜଳୁଥିବା କେନ୍ଦ୍ର ସରକାର ଏପରି ପଦକ୍ଷେପ ନେଇଥିବା ବେଳେ ଏହା ସୁପ୍ରିମକୋର୍ଟଙ୍କ ଉଲ୍ଲଙ୍ଘନ ବୋଲି କଂଗ୍ରେସର ବରିଷ୍ଠ ନେତା ଅଭିଷେକ ମନୁ ସିଂଘବୀ କହିଛନ୍ତି।

ସିବିଆଇ ନିକଟରେ ହାଜର ହେଲେ ଅଭିଷେକ ବାନାର୍ଜୀ

କୋଲକାତା: ଶିକ୍ଷକ ନିଯୁକ୍ତିରେ ଅନିୟମିତତା ମାମଲାରେ ଆଜି ସିବିଆଇରେ ହାଜର ହୋଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ । ସିବିଆଇର କୋଲକୋତା ନିଜାମ ପ୍ୟାଲେସ୍‌ସ୍ଥିତ କାର୍ଯ୍ୟାଳୟରେ ହାଜର ହୋଇଥିଲେ ଅଭିଷେକ । ସେଠାରେ ସେ ଘନ ଘନ ଜେରାର ସମ୍ମୁଖୀନ ହୋଇଥିଲେ। ନିଜ ପୁତୁରାକୁ ସିବିଆଇ ପଚରାଉଚରା କରିବା ଘଟଣାକୁ ମମତା ବାନାର୍ଜୀ ସହଜେ ହଜମ କରି ନ ପାରି କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଛନ୍ତି । ଗତ ୨୫ ତାରିଖରୁ ନିଜ ଜନ ସମ୍ପର୍କ ଯାତ୍ରାରେ ବ୍ୟସ୍ତ ଥିବା ଅଭିଷେକ ସିବିଆଇକୁ ଟାର୍ଗେଟ କରି ଯଦି ପ୍ରମାଣ ଅଛି ତାକୁ ଗିରଫ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ନିଜ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବା ସତ୍ତ୍ୱେ ସିବିଆଇ କାର୍ଯ୍ୟାଳୟରେ ଠିକ୍ ସମୟରେ ହାଜର ହେବେ ବୋଲି ଘୋଷଣା କରିଥିଲେ। ଏହାପରେ ଆସନ୍ତା ୨୨ ତାରିଖରୁ ଯେଉଁଠୁ ଜନ ସମ୍ପର୍କ ଯାତ୍ରା ଛାଡ଼ିଥିବେ ସେଠୁ ପୁଣି ଆରମ୍ଭ କରିବେ ବୋଲି ନିଜ ସମର୍ଥକଙ୍କୁ କହିଛନ୍ତି ଅଭିଷେକ। ବିଗତ କିଛି ବର୍ଷ ଧରି ସିବିଆଇ ପଶ୍ଚିମବଙ୍ଗର ବିଭିନ୍ନ ମାମଲାର ଯାଞ୍ଚ କରି ଅଯଥାରେ ତାଙ୍କୁ ଓ ତାଙ୍କ ପରିବାରକୁ ହଇରାଣ କରୁଥିବା କହିଛନ୍ତି ଅଭିଷେକ। ଏହି ମାମଲାରେ ସିବିଆଇ ଯାଞ୍ଚରୁ ବର୍ତ୍ତିବାକୁ ଗତ ୧୮ ତାରିଖରେ ଅଭିଷେକ କୋଲକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମାତ୍ର ସେଠାରୁ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଶିକ୍ଷକ ନିଯୁକ୍ତି ଘୋଟାଲାରେ ସିବିଆଇ, ଇଡି ପରି ଏଜେନ୍ସି ତାଙ୍କୁ ପଚରାଉଚରା କରି ପାରିବେ ବୋଲି ଅନୁମତି ଦେଇଥିଲେ ହାଇକୋର୍ଟ । ଏହାପରେ ଆଜି ତାଙ୍କୁ ହାଜର ହେବାକୁ ନୋଟିସ ଜାରି କରାଯାଇଥିଲା। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ କୁନ୍ତଲ ଘୋଷ କହିଥିଲେ, ଶିକ୍ଷକ ନିଯୁକ୍ତି ଘୋଟାଲାରେ ଅଭିଷେକଙ୍କ ନାଁ ନେବାକୁ ସିବିଆଇ ତାଙ୍କ ଉପରେ ଚାପ ପକାଉଛି। ଏହା ରାଜ୍ୟ ରାଜନୀତିରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା। ଅପରପକ୍ଷେ, ସିବିଆଇର ଏପରି ଘନ ଘନ ଜେରାକୁ ନାପସନ୍ଦ କରିଛନ୍ତି ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ। ବିଜେପି ନିଜ ଯାଞ୍ଚ ଏଜେନ୍ସିର ଦୁରୁପଯୋଗୀ କରି ତାଙ୍କ ଦଳ ତଥା ପରିବାର ସଦସ୍ୟଙ୍କୁ ହଇରାଣ କରୁଥିବା ଅଭିଯୋଗ ଆଣିଛନ୍ତି ମମତା। ଅଭିଷେକ ନିଜ ଜନ ସମ୍ପର୍କ ଯାତ୍ରାରେ ବ୍ୟସ୍ତ ରହୁଥିବାରୁ ତାଙ୍କୁ ଆଉ କିଛି ଅଧିକ ସମୟ ଦେବାର ଆବଶ୍ୟକତା ଥିଲା। ହେଲେ ସିବିଆଇ ନିଜ ମନମୁଖୀ କାମ କରୁଛି। କେନ୍ଦ୍ରରୁ ବିଜେପି ନ ହଟିବା ଯାଏ ଆମର ଲଢ଼େଇ ଜାରି ରହିବ ବୋଲି ଶୁଣାଇ ଦେଇଛନ୍ତି ମମତା।

କଶ୍ମୀରରେ ଜି-୨୦ ବୈଠକକୁ ଚୀନ୍‌ର ବିରୋଧ

ନୂଆଦିଲ୍ଲୀ: ପାକିସ୍ତାନର ପରମ ମିତ୍ର ଚାଇନା କଶ୍ମୀରରେ ହେବାକୁ ଥିବା ଜି-୨୦ ବୈଠକକୁ ବିରୋଧ କରିଛି। ସେହିପରି ତୁର୍କୀ ଓ ସାଉଦି ଆରବ ଶ୍ରୀନଗରରେ ହେବାକୁ ଥିବା ବୈଠକ ପାଇଁ ଏଯାଏ ପଞ୍ଜିକରଣ କରି ନାହାନ୍ତି। ଶୁକ୍ରବାର ଚାଇନା ବୈଦେକ ମନ୍ତ୍ରଣାଳୟର ମୁଖପାତ୍ର ୱାଙ୍ଗ ୱେନବିନ କହିଥିଲେ ଯେ "ଯେକୌଣସି ବିବାଦୀୟ ଅଞ୍ଚଳରେ ଜି-୨୦ର ବୈଠକକୁ ଚାଇନା ବିରୋଧ କରୁଛି। ଏପରି ବୈଠକ ଗୁଡ଼ିକରେ ଚାଇନା ଯୋଗଦେବ ନାହିଁ। ଏହାକୁ ଭାରତ କଡ଼ା ସ୍ୱରରେ କାଉଣ୍ଟର କରିବା ସହ ନିଜ ଅଞ୍ଚଳର ଯେକୌଣସି ସ୍ଥାନରେ ମୁକ୍ତ ଭାବେ ବୈଠକ କରିବାକୁ ଅଧିକାର ରଖୁଛି। ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ଏଠାରେ ଜି-୨୦ ବୈଠକ କରାଯିବ। ସୀମାରେ ଶାନ୍ତି ଓ ସ୍ଥିରତା ଉପରେ ଚାଇନା ସହ ସମ୍ପର୍କ ନିର୍ଭର କରେ ବୋଲି ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି। କଡ଼ା ସୁରକ୍ଷା ମଧ୍ୟରେ ଆସନ୍ତା ୨୨ରୁ ୨୪ ତାରିଖ ଯାଏ ଶ୍ରୀନଗରରେ ତୃତୀୟ ଜି-୨୦ ଟୁରିଜିମ ୱାର୍କିଂ ଗ୍ରୁପ୍‌ର ବୈଠକ ହେବ। ଧାରା ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀର ଦୁଇ ଭାଗ ହେବା ପରେ ପ୍ରଥମଥର ପାଇଁ ଉପତ୍ୟକାରେ କୌଣସି ବଡ଼ ଅନ୍ତର୍ଜାତୀୟ ସମ୍ମିଳନୀ ହେବାକୁ ଯାଉଛି। ଜି-୨୦ ଦେଶର ପ୍ରାୟ ୬୦ ପ୍ରତିନିଧି ବୈଠକରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପୂରା ଉପତ୍ୟକାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଦେଶର ମୂଳଦୁଆକୁ ମଜବୁତ କରିବାରେ ରାଜୀବ ଜୀଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ: ବାଘେଲ

ରାୟପୁର: ମୁଖ୍ୟମନ୍ତ୍ରୀ ଶ୍ରୀ ଭୁପେଶ ବାଘେଲ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତଃ ରାଜୀବ ଗାନ୍ଧୀଙ୍କ ପୂଣ୍ୟ ତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶ୍ରୀ ବାଘେଲ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ସ୍ୱର୍ଗତଃ ରାଜୀବ ଗାନ୍ଧୀ ଦେଶର ବିକାଶ ତଥା ନବସୃଜନ କ୍ଷେତ୍ରରେ ବିଶେଷ ଅବଦାନ ରଖିଛନ୍ତି। ରାଜୀବ ଜୀ ଜଣେ ଯୁବ ପ୍ରଧାନମନ୍ତ୍ରୀ ଭାବରେ ଦେଶର ଆଭିମୁଖ୍ୟ ଗ୍ରହଣ କରିଥିଲେ। ତାଙ୍କର ଅଭିନବ ତଥା ଦୂରଦୃଷ୍ଟିସମ୍ପନ୍ନ ଯୁବ

ଚିନ୍ତାଧାରା ହେତୁ ଭାରତରେ ସୂଚନା ବିପ୍ଳବ ଆସିଥିଲା ଯାହା ଦେଶକୁ ଏକ ନୂତନ ଗତି ଏବଂ ଦିଗ ଦେଇଥିଲା। ତାଙ୍କର ଏହି ପଦକ୍ଷେପର ପ୍ରଭାବ ଭାବରେ ଆଜି ଆମେ ସରକାରୀ କାର୍ଯ୍ୟରେ ଇ-ଶାସନ ଏବଂ ସ୍ୱଚ୍ଛତାର ରୂପ ଦେଖିବାକୁ ସକ୍ଷମ ଅଟୁ। ରାଜୀବ ଜୀଙ୍କ କାର୍ଯ୍ୟକାଳ ମଧ୍ୟରେ ଡିଜିଟାଲ ଇଣ୍ଡିଆର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପଞ୍ଚାୟତ ରାଜ ଅନୁଷ୍ଠାନ ତଥା ସହରାଞ୍ଚଳ ସଂସ୍ଥାକୁ ସଶକ୍ତ କରି ଦେଶର ମୂଳଦୁଆକୁ ମଜବୁତ କରିବାରେ ରାଜୀବ ଜୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେ ଭୋଟ୍ ବୟସକୁ ୨୧ରୁ ୧୮ କୁ ହ୍ରାସ କରି ଯୁବକମାନଙ୍କୁ ଭୋଟ୍ ଦେବାର ଅଧିକାର ଦେଇଥିଲେ। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରି ସେ ଦେଶର ଶିଳ୍ପ ପାଇଁ ନୂତନ ରାସ୍ତା ଖୋଲିଥିଲେ। ବାସ୍ତବରେ ରାଜୀବ ଜୀ ଆଧୁନିକ ଭାରତର ସ୍ୱପ୍ନ ଦେଖୁଥିଲେ। ସେ କହିଛନ୍ତି ଯେ ରାଜୀବ ଜୀଙ୍କର ଛତିଶଗଡ ସହିତ ଗଭୀର ସମ୍ପର୍କ ଥିଲା । ସେ ଏଠାରେ ଆଦିବାସୀ ସଂସ୍କୃତି ଏବଂ ବାସିନ୍ଦାଙ୍କୁ ଅତି ନିକଟରୁ ନଜର ରଖିଥିଲେ, ସେମାନଙ୍କ ବିକାଶ ପାଇଁ ଜାଣିଥିଲେ ଏବଂ କାର୍ଯ୍ୟ କରିଥିଲେ।

ବାଣିଜ୍ୟ

ମୁମ୍ବାଇ: ଖୁବ୍‌ଶୀଘ୍ର ଆଇପିଓ ଏବଂ ସେୟାର ତାଲିକାରେ ଏକ ବଡ ପରିବର୍ତ୍ତନ ଦେଖିବାକୁ ମିଳିବ। ମାର୍କେଟ ନିୟାମକ ଆଇପିଓ ପରେ ସେୟାର ତାଲିକା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରୁଛି। ଏଥିପାଇଁ ଆଇପିଓ ବନ୍ଦ ହେବା ପରେ ତାଲିକାଭୁକ୍ତ ସମୟ ହ୍ରାସ କରିବାକୁ ସେବି ନିକଟରେ ଏକ ପ୍ରସ୍ତାବ ଦେଇଛି। ମାର୍କେଟ ରେଗୁଲେଟର ସେବି ଆଇପିଓ ବନ୍ଦ ହେବା ପରେ କମ୍ପାନୀର ସେୟାର ତାଲିକାଭୁକ୍ତ କରିବାକୁ ନିଆଯାଇଥିବା ସମୟ ହ୍ରାସ କରିବାକୁ ପ୍ରସ୍ତାବ ଦେଇଛି। ଏହି ସମୟସୀମାକୁ ଛଅ ଦିନରୁ ତିନି ଦିନକୁ ହ୍ରାସ କରିବାକୁ ସେବି କହିଛି। ସେବି କହିଛି ଯେ ସମୟସୀମା ମଧ୍ୟରେ ପ୍ରସ୍ତାବିତ ହ୍ରାସ ଉଭୟ ଆଇପିଓ ଆଣିଥିବା କମ୍ପାନୀ ଏବଂ ଏଥିରେ ଗ୍ରାହକ ନିବେଶକମାନେ ଉପକୃତ ହେବେ। ସେବି ମଧ୍ୟ ଏ ସମ୍ପର୍କରେ ଲୋକଙ୍କଠାରୁ ପରାମର୍ଶ ଲୋଡିଛି। ଏଥିପାଇଁ ବ୍ୟାଙ୍କ, ଜମାକାରୀ, ରେଜିଷ୍ଟାର, ଘଟଉଓ ଏବଂ ଷ୍ଟକ୍ ଏକ୍ସଚେଞ୍ଜ ସମେତ ସମସ୍ତ ସମ୍ପୃକ୍ତ ପକ୍ଷଙ୍କ ସହ ବ୍ୟାପକ ଆଲୋଚନା ହୋଇଛି।

ନିଜର ଏସ୍‌ଏମଇ ଫାଇନାନ୍ସ ବ୍ୟବସାୟ ୫୦ରୁ ଊର୍ଦ୍ଧ୍ୱ ସହରକୁ ସମ୍ପ୍ରସାରିତ କରିବ ଏଲ୍ ଆଣ୍ଡ ଟି ଫାଇନାନ୍ସ

ମୁମ୍ବଇ: ଦେଶର ଅନ୍ୟତମ ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ ଅର୍ଥଲଗାଣକାରୀ (ଫାଇନାନ୍ସିଆଲ) କମ୍ପାନୀ ଏଲ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ (ଏଲଟିଏଫ୍) ୨୦୨୩ ଜୁନ୍ ୩୦ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ସହରରେ ନିଜର ଏସଏମ୍‌ଇ ଫାଇନାନ୍ସ ବ୍ୟବସାୟ ସମ୍ପ୍ରସାରିତ କରିବା ଯୋଜନା କରିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ମୁମ୍ବଇ ଏବଂ ପୁନେରେ ପାଇଲଟ ପ୍ରକଳ୍ପ ଭାବରେ କାର୍ଯ୍ୟକାରୀ କରାଯାଇଥିବା ଏସଏମ୍‌ଇ ଫାଇନାନ୍ସ ବ୍ୟବସାୟରେ ଗତ ଆର୍ଥିକ ବର୍ଷରେ କ୍ରମାଗତ ଅଭିବୃଦ୍ଧି ଘଟିଥିବା ପରିଲକ୍ଷିତ ହୋଇଛି। ଏହି ବ୍ୟବସାୟ ଆତ୍ମନିଯୁକ୍ତ ବୃତ୍ତିଧାରୀ ଏବଂ ବ୍ୟବସାୟ ପ୍ରତିଷ୍ଠାନଗୁଡିକର କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା ପୂରଣ ଦିଗରେ ଦୃଷ୍ଟିଦେଉଛି ଏବଂ ଏଲ୍ ଆଣ୍ଡ ଟି ଫାଇନାନ୍ସକୁ ଏକ ଶୀର୍ଷ ଶ୍ରେଣୀର ଡିଜିଟାଲ ସମର୍ଥିତ ରିଟେଲ ଫାଇନାନ୍ସ କମ୍ପାନୀ ଭାବରେ ଗଢିତୋଳିବାକୁ ଲକ୍ଷ୍ୟ ୨୦୨୬ରେ ଧାର୍ଯ୍ୟ ଲକ୍ଷ୍ୟକୁ ଆଗେଇ ନେଉଛି। ସମ୍ପ୍ରତି ନିଜର ରହିଥିବା ମଜଭୁତ ଡିଜିଟାଲ ଏବଂ ଡାଟା ଆନାଲିଟିକସ୍ ସାମର୍ଥ୍ୟ ବଳରେ ବଜାରରେ ପ୍ରଚଳିତ ଧାରାର ବିପରୀତରେ ଏହି କମ୍ପାନୀ ନିଜର ଉତ୍ପାଦଗୁଡିକୁ ସମ୍ପୂର୍ଣ୍ଣ ଭାବରେ କାଗଜବିହୀନ ପ୍ରକ୍ରିୟାରେ ଉପସ୍ଥାପନ କରୁଛି। ଏତଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକ ନଗଦ ଅର୍ଥ ପ୍ରବାହ ନେଇ ଅନୁମାନ କରିହେବା ଭଳି ଏକ ସମୟ ଚାହୁଁଥିବା ବଜାରରେ ଏଲ ଆଣ୍ଡ ଟି ଫାଇନାନ୍ସ ଋଣ ଆବେଦନ ଉପରେ ତୁର' ଏକ ଅନୁମୋଦନ ପ୍ରଦାନ ଅଥବା ଖାରଜ କରିବା ସମ୍ପର୍କିତ ତାଜା ସୂଚନା ଯୋଗାଇବାକୁ ସମର୍ଥ ହେଉଛି। ପ୍ରାରମ୍ଭରୁ ଶେଷ ପର୍ଯ୍ୟ' ଡିଜିଟାଲ ପଦ୍ଧତି ମଧ୍ୟ କମ୍ପାନୀକୁ ତାହାର ଗ୍ରାହକମାନଙ୍କୁ ସମୁଦାୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ସମୟ ସୀମା ଯୋଗାଇଦେବା ବ୍ୟତୀତ ଆବଣ୍ଟନ ଚାନେଲର ଦ୍ରୁତତର ସମ୍ପ୍ରସାରଣ ପାଇଁ ସହାୟତା କର

ଖେଳ ଖବର

ସାଂଘାଇ: ଭାରତର ବିସ୍ମୟ ତୀରନ୍ଦାଜ ପ୍ରଥମେଶ ଜାଓ୍ୱକର ଏଠାରେ ଚାଲିଥିବା ବିଶ୍ୱକପ ତିରନ୍ଦାଜୀରେ ବଡ ବିପର୍ଯ୍ୟୟ ଘଟାଇ ଜିତିଛନ୍ତି ଜୀବନର ପ୍ରଥମ ସ୍ୱର୍ଣ୍ଣ ପଦକ। ଶନିବାର ଅନୁଷ୍ଠିତ ପୁରୁଷ ଇଣ୍ଡିଭିଜୁଆଲ କମ୍ପାଉଣ୍ଡ ବିଭାଗ ଫାଇନାଲରେ ବିଶ୍ୱ ମାନ୍ୟତାର ଏକ ନମ୍ବର ତାରକା ନେଦରଲାଣ୍ଡର ମାଇକ ଷ୍ଟୋଲେସେରଙ୍କୁ ଶକ୍ତ ଝଟକା ଦେଇ ଏହି ପଦକ ହାସଲ କରିଛନ୍ତି। ଆଗାମୀ ଅଲିମ୍ପିକ କ୍ରୀଡାରେ ସ୍ଥାନ ପାଇ ନ ଥିବା ଦୁଇ ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଛି। ପ୍ରଥମେଶ ଙ୍କ ସଫଳତା ପୂର୍ବରୁ କମ୍ପାଉଣ୍ଡ ସେକ୍ସନର ମିକ୍ସଡ ଟିମ ଇଭେଣ୍ଟରେ ଓଜାସ ଦେଓତେଲେ ଓ ଜ୍ୟୋତି ସୁରେଖା ଭେନମ ମଧ୍ୟ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରତ ପାଇଁ ଏହି ଇଭେଣ୍ଟରେ ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ଗତ ମାସରେ ଅନୁଷ୍ଠିତ ଅନ୍ୟ ବିଶ୍ୱକପରେ ମଧ୍ୟ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ସଫଳ ହୋଇଥିଲା। ତେବେ ଭାରତର ୧୯ ବର୍ଷୀୟ ଯୁବ ତୀରନ୍ଦାଜ ପ୍ରଥମେଶଙ୍କ ସଫଳତା ସବୁଠାରୁ ଚର୍ଚ୍ଚାର ବିଷୟ ହୋଇଛି। କାରଣ ଫାଇନାଲରେ ପ୍ରବେଶ ପୂର୍ବରୁ ସେ ଏକାଧିକ ଶୀର୍ଷ ମାନ୍ୟତା ତୀରନ୍ଦାଜଙ୍କୁ ହରାଇବାରେ ସଫଳ ହୋଇଥିଲେ। ଫାଇନାଲରେ ବିଶ୍ୱ ମାନ୍ୟତାର ନମ୍ବର ୱାନ୍ ଓ ଦୁଇଥର ବିଶ୍ୱ ଚାମ୍ପିଅନ ନେଦରଲାଣ୍ଡ ତାରକା ମାଇକଙ୍କୁ ହରାଇବା ବଡ ସଫଳତା ଭାବେ ପରିଗଣିତ ହୋଇଛି।

ୱାର୍ଣ୍ଣରଙ୍କ ଲଢୁଆ ଅର୍ଦ୍ଧଶତକ ବୃଥା: ପରାଜୟ ସହିତ ଦିଲ୍ଲୀର ଆଇପିଏଲ୍ ଅଭିଯାନ ଶେଷ

ଦ୍ୱିତୀୟ ଦଳ ଭାବେ ପ୍ଲେଅଫ୍‌ରେ ଚେନ୍ନାଇ ସୁପର କିଙ୍ଗସ୍

ନୂଆଦିଲ୍ଲୀ: ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱାଧୀନ ଚାରିଥର ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗସ ଦ୍ୱିତୀୟ ଦଳ ଭାବେ ଚଳିତ ସିଜିନର ଆଇପିଏଲ ପ୍ଲେଅଫ୍ ମ୍ୟାଚ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛି। ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଲିଗ ପର୍ଯ୍ୟାୟର ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଦିଲ୍ଲୀକୁ ୭୭ ରନରେ ପରାସ୍ତ କରି ଶେଷ ପର୍ଯ୍ୟାୟ ଲଢ଼େଇ ପାଇଁ ସୁଯୋଗ ସୃଷ୍ଟି କରିଛି ଚେନ୍ନାଇ ସୁପର କିଙ୍ଗସ। ଚେନ୍ନାଇ ଧାର୍ଯ୍ୟ କରିଥିବା ୨୨୪ ରନର ପିଛା କରି ଦିଲ୍ଲୀ ୯ ୱିକେଟ ହରାଇ କରିଥିଲା ୧୪୬ ରନ। ଦିଲ୍ଲୀ ୧୪ ଲିଗ ମ୍ୟାଚ ଖେଳି ୫ ବିଜୟ ଓ ୯ ପରାଜୟ ସହିତ କେବଳ ୧୦ ପଏଣ୍ଟ ପାଇ ଥିବା ବେଳେ ଆଇପିଏଲରୁ ବିଦା ହୋଇଛି। ସେହିପରି ଚେନ୍ନାଇ ଲିଗ ପର୍ଯ୍ୟାୟ ଶେଷ କରି ୧୪ ମ୍ୟାଚରୁ ୮ ବିଜୟ ଓ ଗୋଟିଏ ବାତିଲ ମ୍ୟାଚରୁ ୧ ପଏଣ୍ଟ ସହିତ ମୋଟ ୧୭ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ଗତ ବର୍ଷର ଚାମ୍ପିଅନ ଗୁଜରାଟ ଟାଇଟନ୍ସ ୧୩ ମ୍ୟାଚରୁ ୯ ବିଜୟ ସହିତ ସର୍ବାଧିକ ୧୮ ପଏଣ୍ଟ ହାସଲ କରିବା ସଙ୍ଗେସଙ୍ଗେ ପ୍ରଥମ ଦଳ ଭାବେ ପ୍ଲେଅଫ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଥିଲା। ପ୍ଲେଅଫର ଅନ୍ୟ ଦୁଇ ସ୍ଥାନ ପାଇଁ ଯୋଗ୍ୟତା ହାସଲ କରିବାକୁ ଏକାଧିକ ଦଳ ମଧ୍ୟରେ ଲଢ଼େଇ ଜାରି ରହିଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨୦ ଓଭରରେ ୩ ୱିକେଟ ହରାଇ କରିଥିଲା ୨୨୩ ରନ। ଦିଲ୍ଲୀ କ୍ୟାପିଟାଲ୍ସର ଦୂର୍ବଳ ବୋଲିଂର ସୁଯୋଗ ନେଇ ଚେନ୍ନାଇର ଦୁଇ ସପନର ଋତୁରାଜ ଗାଏକ୍ୱାଡ ଓ ଡେଭନ କନୱେ ପ୍ରଥମ ୱିକେଟ ଯୋଡିରେ ୧୪୧ ରନ ଯୋଗ କରିଥିଲେ। ଗାଏକ୍ୱାଡ୍ ୫୦ ବଲରୁ ୭୯ ଓ କନୱେ ୫୨ ବଲରୁ ୮୭ ରନ ଯୋଗ କରିଥିଲେ। ସେହିପରି ଶିଭମ ଦୁବେ ୯ ବଲରୁ ୨୨ ଓ ରବିନ୍ଦ୍ର ଜାଡେଜା ୭ ବଲରୁ ଅପରାଜିତ ୨୦ ରନ କରିବା ଫଳରେ ଚେନ୍ନାଇ ଏକ ବିଶାଳ ସ୍କୋର କରିବାରେ ସଫଳ ହୋଇଥିଲା। ଦିଲ୍ଲୀର ସମସ୍ତ ବୋଲର ବିଫଳ ହୋଇଥିବା ବେଳେ ଖଲିଲ ଅହମ୍ମଦ, ଆନରିକ ନୋରତେ ଓ ଚେତନ ସାକାରିୟା ପ୍ରତ୍ୟେକ ଗୋଟିଏ ଲେଖାଏଁ ସଫଳତା ପାଇଥିଲେ। ପଛରେ ବ୍ୟାଟିଂ ଦିଲ୍ଲୀ କ୍ୟାପିଟାଲ୍ସ ଏହି ବୃହତ ସ୍କୋରକୁ ଅତିକ୍ରମ କରିବା ସମ୍ଭବ ହୋଇ ନ ଥିଲା। ଚେନ୍ନାଇ ବୋଲରୂ ମାନେ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ଜାହିର କରି ଦିଲ୍ଲୀ ବ୍ୟାଟରଙ୍କ ଉପରେ ପ୍ରବଳ ଚାପ ସୃଷ୍ଟି କରିଥିଲେ। କେବଳ ଅଧିନାୟକ ଡେଭିଡ ୱାର୍ଣ୍ଣର ଏକାକୀ ଲଢ଼େଇ ଜାରି ରଖି ୫୮ ବଲରୁ ୮୬ ରନ କରିଥିବା ବେଳେ ଦ୍ୱିତୀୟ ସର୍ବାଧିକ ସ୍କୋରର ଭାବେ ଅକ୍ଷର ପଟେଲ ୧୫ ଓ ୟାଶ ଧୂଲ ୧୩ ରନ କରିଥିଲେ। ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ବିଶିଷ୍ଟ ସ୍କୋରରେ ପହଞ୍ଚିବା ସମ୍ଭବ ହୋଇ ପାରି ନ ଥିଲା। ଫଳରେ ଦିଲ୍ଲୀ ୨୦ ଓଭରରେ ୯ ୱିକେଟ ହରାଇ ୧୪୬ ରନ କରିବା ସହିତ ୭୭ ରନରେ ହାରିଥିଲା। ଚେନ୍ନାଇ ପକ୍ଷରୁ ଦୀପକ ଚହର ୩, ମାହିଶା ଥିକସାନା ଓ ମାହିଶା ପାଥିରାନା ପ୍ରତ୍ୟେକ ୨ ଲେଖାଏଁ ଏବଂ ତୁଷାର ଦେଶପାଣ୍ଡେ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

୧ ରନ୍‌ରେ ପରାସ୍ତ ସହ କୋଲକାତା ନାଇଟ୍ ରାଇଡର୍ସ ବିଦା

ରୋମାଞ୍ଚକର ବିଜୟ ସହ ପ୍ଲେଅଫ୍‌ରେ ଲକ୍ଷ୍ନୌ

କୋଲକାତା : ରୋମାଞ୍ଚକର ବିଜୟ ସହ ଚଳିତ ଆଇପିଏଲ୍‌ର ପ୍ଲେଅଫ୍ ମ୍ୟାଚ୍ ଖେଳିବା ପାଇଁ ଯୋଗ୍ୟତା ହାସଲ କଲା ଲକ୍ଷ୍ନୌ ସୁପର ଜିଆଣ୍ଟସ। ସ୍ଥାନୀୟ ଇଡେନ ଗାର୍ଡେନରେ ଶନିବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡର୍ସକୁ ୧ ରନ୍‌ରେ ପରାସ୍ତ କରିଛି ଲକ୍ଷ୍ନୌ ସୁପର ଜିଆଣ୍ଟସ। ଏହି ବିଜୟ ସହିତ ଲକ୍ଷ୍ନୌ ୧୪ମ୍ୟାଚ୍‌ରୁ ୧୭ପଏଣ୍ଟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଏକଦା ୭୩ରନ୍‌ରେ ୫ୱିକେଟ ହରାଇଥିବା ଲକ୍ଷ୍ନୌ ନିକଲାସ ପୂରନଙ୍କ ୫୮ (୩୦ବଲ, ୫ଛକା, ୪ଚୌକା) ଫଳରେ ୮ ୱିକେଟ ହରାଇ କରିଥିଲା ୧୭୬ରନ୍। କୋଲକାତା ନାଇଟ୍ ରାଇଡର୍ସ ପକ୍ଷରେ ବ୍ୟାଟିଂ କରି ବିଜୟ ନିକଟତର ହୋଇଥିବା ବେଳେ ୨୦ଓଭରରେ ୭ୱିକେଟ ହରାଇ ୧୭୫ରନ୍ କରିବା ପାଇଁ ସମର୍ଥ ହୋଇଥିଲା। ସଫଳ ବ୍ୟାଟର ରିଙ୍କୁ ସିଂ ଏକାକି ଲଢ଼େଇ କରି ୪ଛକ, ୬ଚୌକା ବଳରେ ୩୩ ବଲରୁ ଅପରାଜିତ ୬୭ ରନ୍ କରିଥିଲେ ହେଁ ୧ ରନ୍ ପାଇଁ ବିଜୟରୁ ବଞ୍ଚିତ ହୋଇ କୋଲକାତା ଦୁଃଖଦ ବିଦାୟ ନେଇଛି। କୋଲକାତା ୧୪ ଲିଗ୍ ମ୍ୟାଚ୍ ଖେଳି ୧୨ ପଏଣ୍ଟ ସହ ପ୍ଲେଅଫ୍‌ରୁ ବାଦ ପଡିଲା।

କାର୍ଯ୍ୟାଳୟ କାର୍ଯ୍ୟପାଳନ ଅଭିୟନ୍ତା
ଲୋକ ସ୍ୱାସ୍ଥ୍ୟ ଯାନ୍ତ୍ରିକୀ ବିଭାଗ, ଖଣ୍ଡ ବଲରାମପୁର (ଛ.ଗ.)
E-mail : eebalram-phe-cg@nic.in

ନିବିଦା କ୍ରଂ./14/ଲେ. ଶା. / ଜ. ଜୀ. ମି. / କା.ଅ. / ଲୋ.ସ୍ୱା. ଯାଂ.ବି. / 2023 — ବଲରାମପୁର, ଦିନାଂକ 16.05.2023

// ऑन लाईन प्रथम निविदा आमंत्रण //

छत्तीसगढ़ के राज्यपाल की ओर से जल जीवन मिशन अंतर्गत नल जल प्रदाय योजना के विभिन्न कार्यों के लिए प्रतिशत दर फार्म "अ" में निम्नानुसार निविदा आमंत्रित की जाती है :-

सि.नि.क्र.	कार्य की अनुमानित लागत (रू. लाख में)	सि.नि.क्र.	कार्य की अनुमानित लागत (रू. लाख में)
134245	161.82	134266	442.56
134248	112.60	134268	204.61
134249	170.08	134269	414.42
134250	181.47	134270	272.56
134251	231.14	134271	185.86
134252	124.71	134272	302.84
134253	130.27	134273	298.60
134255	289.63	134274	126.46
134256	152.60	134275	261.12
134257	417.55	134276	86.74
134258	126.46	134277	75.02
134259	169.55	134278	77.81
134262	41.05	134279	345.51
134263	167.66	134280	268.89
134264	124.56	134281	37.56
134265	182.98	134282	36.60

निविदा एवं कार्य का विस्तृत विवरण यथा धरोहर राशि, बिड वैद्यता की तिथि, कार्य की अवधि, निविदाकार की श्रेणी, एवं कार्यों तथा स्थल संबंधी जानकारी ऑन लाईन ई-प्रोक्युरमेंट https://eproc.cgstate.gov.in पर दिनांक 26.05.2023 से देखी जा सकती है तथा निविदा दिनांक 13. 06.2023 तक बिड डाली जा सकती है। निविदा में आगामी संशोधन पृथक से समाचार पत्रों में प्रकाशित नहीं किए जावेंगे। अतः निविदाकार ऑन लाईन निविदा प्रक्रिया में सतत संपर्क में रहें। अन्य विवरण कार्यालयीन समय पर लोक स्वास्थ्य यांत्रिकी विभाग, खण्ड बलरामपुर में देखे जा सकते है।

कार्यपालन अभियंता
लोक स्वास्थ्य यांत्रिकी विभाग
खण्ड - बलरामपुर (छ.ग.)

G-01368/ 7

ବାହାରିନ୍ ବ୍ୟାଡ୍‌ମିଣ୍ଟନ ପ୍ରମୋଦଙ୍କ ବିଜୟ ଜାରି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡ଼ିଶାର ପ୍ରମୋଦ ଭଗତ ଓ ଦିଲେଶ୍ୱର ରାଓ ବାହାରିନର ମାନମାରେ ଚାଲିଥିବା ବାହାରିନ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିଜୟ ଧାରାରେ ରହିଛନ୍ତି। ଉଭୟେ ତୃତୀୟ ଦିବସରେ ନିଜ ନିଜର ମୁକାବିଲା ଜିତି ଏକକ ବର୍ଗ ପ୍ରିକ୍ୱାର୍ଟର ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରିଛନ୍ତି। ବାହାରିନ୍‌ର ହୁସେନ ଅବ୍‌ଦୁଲ ରହମାନ୍‌ଙ୍କୁ ୨୧-୮ ଓ ୨୧-୪ରେ ପରାସ୍ତ କରି ଲଗାତାର ତୃତୀୟ ବିଜୟ ସହ ପ୍ରମୋଦ ଏକକ ପ୍ରିକ୍ୱାର୍ଟରରେ ପହଞ୍ଚିଛନ୍ତି। କ୍ୱାର୍ଟର ଫାଇନାଲ୍‌ରେ ସ୍ଥାନ ପକ୍କା କରିବା ପାଇଁ ଇଣ୍ଡୋନେସିଆର ଦ୍ୱିୟୋକୋଙ୍କ ସହ ମୁକାବିଲା କରିବେ ପ୍ରମୋଦ। ଅନ୍ୟପକ୍ଷରେ ପ୍ରମୋଦ ଯୁଗଳ ଏବଂ ମିଶ୍ରିତ ଯୁଗଳରେ ମଧ୍ୟ ଶୁକ୍ରବାର ବିଜୟ ହାସଲ କରିଛନ୍ତି। ସୁକାନ୍ତ କଦମଙ୍କ ସହ ଯୁଗଳରେ କାମେରୁନ୍ ଯୋଡ଼ି ଏମାନୁଏଲ ପିନୋଚେଟ୍ ଅମୋଗୁଲ ଓ ଇଡିନେ ସୋଙ୍ଗା ବିଜୋକାଙ୍କୁ ୨୧-୭, ୨୧-୮ରେ ଏବଂ ମନୀଷା ରାମଦାସଙ୍କ ସହ ମିଶ୍ରିତ ଯୁଗଳରେ ଫ୍ରାନ୍ସ ଯୋଡ଼ି ମାଥିଉ ଥୋମାସ ଓ ମଉଦ ଲିଫୋର୍ଟଙ୍କୁ ୨୧-୧୮, ୨୧-୧୨ରେ ପରାସ୍ତ କରିଛନ୍ତି।

KVB Karur Vysya Bank — Smart way to bank

ଦ କରୁର୍ ବୈଶ୍ୟ ବ୍ୟାଙ୍କ ଲି.
କଟକ ବ୍ରାଞ୍ଚ
ପ୍ଲଟ୍ ନଂ. ୧୨୫୪ପି, ବଲୁକବାଟି ରୋଡ୍,
ବୋର୍ଡ ସ୍କୁଲ୍ ନିକଟରେ, କଟକ ଓଡ଼ିଶା-୭୫୩୦୦୧

ପଜେସନ୍ ନୋଟିସ୍ (ସ୍ଥାବର ସମ୍ପତ୍ତି ପାଇଁ)

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍, ୨୦୦୨ର ରୁଲ୍ ୮(୧) ଅଧିନରେ ଜାରି

ଯେହେତୁ
ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି **ଦି କରୁର୍ ବୈଶ୍ୟ ବ୍ୟାଙ୍କ ଲିମିଟେଡ୍‌ର** ଅଧିକୃତ ଅଧିକାରୀ ଅଟନ୍ତି। ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ (ଆକ୍ଟ ୫୪ ଅଫ୍ ୨୦୦୨) ଅଧିନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅନୁସାରେ କ୍ଷମତା ପ୍ରାପ୍ତ ହେତୁ ସେ **୨୭.୦୬.୨୦୨୨**ରେ ଡିମାଣ୍ଡ ନୋଟିସ୍ ଜାରି କରି **୧)ମେସର୍ସ ରଘୁନାଥ ମୋଟର୍ସ** (ଋଣ ଗ୍ରହୀତା), ପ୍ରୋପାଇଟର- **ଶ୍ରୀ ସୁଶାନ୍ତ କୁମାର ନାହାକ,** ସା-କଳାସନ୍ଧପୁର, ପୋଷ୍ଟ-କଳାସନ୍ଧପୁର, ୱାର୍ଡ ନଂ-୭, ଥାନା-ଆସ୍କା, ଜିଲ୍ଲା- ଗଞ୍ଜାମ, ଓଡିଶା-୭୬୧୧୧ **୨)ଶ୍ରୀମତୀ କଲ୍ୟାଣୀ ନାହାକ** (ଗ୍ୟାରେଣ୍ଟର), ସ୍ୱାମୀ- ସୁଶାନ୍ତ କୁମାର ନାହାକ, ସା-ଘଟଖୁରି, ଖରିଆ, ଆସ୍କା, ଜିଲ୍ଲା- ଗଞ୍ଜାମ, ଓଡିଶା-୭୬୧୧୧ । ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୨୫,୧୨,୦୮୪.୮୩ (ପଚିଶ ଲକ୍ଷ ବାର ହଜାର ଚଉରାଅଶୀ ଓ ଚେୟାଅଶୀ ପଇସା କେବଳ)** ସହ ଏହା ଉପରେ ଥିବା ସୁଧରାଶି ଏହି ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।
ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୧୬ ମଇ ୨୦୨୩** ରେ ନିମ୍ନ ସ୍ୱାକ୍ଷରିତ ଅଧିକୃତ ଅଧିକାରୀ ନିଜ ପଜେସନ୍‌କୁ ନେଇ ଯାଇଛନ୍ତି।
ଋଣଗ୍ରହୀତା/ ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ। ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଦି କରୁର୍ ବୈଶ୍ୟ ବ୍ୟାଙ୍କ ଲିମିଟେଡ୍‌କୁ **ଟ.୨୫,୧୨,୦୮୪.୮୩ (ପଚିଶ ଲକ୍ଷ ବାର ହଜାର ଚଉରାଅଶୀ ଓ ଚେୟାଅଶୀ ପଇସା କେବଳ)** ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ।
ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ।

ସ୍ଥାବର ସମ୍ପତ୍ତିର ବିବରଣୀ

ଘରୋଇ ଜମିର ସମସ୍ତ ସମ୍ପତ୍ତିର ଅଂଶବିଶେଷ ମେଜରିଂ ଏକର ୦.୫୧୬ (୨୨୪୭୬.୯୬ ସ୍କୋୟାରଫୁଟ), ଅବସ୍ଥିତ: ସା-ପୁରୁଣା ପଟ୍ଟା ନଂ-୩୩୭, ପୁରୁଣା ସର୍ଭେ ନଂ-୫୧୩୬ ଓ ୫୧୩୭, ନୂଆ ଖାତା ନଂ-୭୦୨/୧୭୧, ନୂଆ ପ୍ଲଟ ନଂ-୫୧୩୬ ଓ ୫୧୩୭, ମୌଜା- ଖରିଆ, ଗ୍ରାମ- ଖରିଆ, ପୋଷ୍ଟ- ଖରିଆ, ଥାନା ଆସ୍କା, ଜିଲ୍ଲା ଗଞ୍ଜାମ, ଓଡ଼ିଶା । ସୁଶାନ୍ତ କୁମାର ନାହାକଙ୍କ ନାମରେ ଏହା ଷ୍ଟାଣ୍ଡିଂ ରହିଛି ।
ଏହି ଜମିର ଚତୁଃପାର୍ଶ୍ୱରେ ରହିଛି
ଉତ୍ତର-ସଡ଼କ ଓ ବୃନ୍ଦାବନ ଜେନାଙ୍କ ଜମି — ଦକ୍ଷିଣ-ହାଡୁବନ୍ଧୁ ସ୍ୱାଇଁଙ୍କ ଜମି
ପୂର୍ବ-ଦଣ୍ଡାସୀ ଗୌଡାଙ୍କ ଜମି — ପଶ୍ଚିମ-ତ୍ରିନାଥ ଜେନାଙ୍କ ଜମି

ସ୍ଥାନ : ଆସ୍କା — **ଅଧିକୃତ ଅଧିକାରୀ**
ତାରିଖ : ୧୬.୦୫.୨୦୨୩ — **ଦ କରୁର୍ ବୈଶ୍ୟ ବ୍ୟାଙ୍କ ଲିମିଟେଡ୍**

KVB Karur Vysya Bank — Smart way to bank

ଦ କରୁର୍ ବୈଶ୍ୟ ବ୍ୟାଙ୍କ ଲି.
ବ୍ରହ୍ମପୁର ଶାଖା
ହାଉସ ନଂ:୨୧୪-୫, ବିରାକା ଷ୍ଟ୍ରିଟ୍, ଭେଙ୍କେଟେଶ୍ୱର ସାମୀ ମନ୍ଦିର ନିକଟ, ବ୍ରହ୍ମପୁର, ଓଡ଼ିଶା, ୭୬୧୧୧୨

ପଜେସନ୍ ନୋଟିସ୍ (ସ୍ଥାବର ସମ୍ପତ୍ତି ପାଇଁ)

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍, ୨୦୦୨ର ରୁଲ୍ ୮(୧) ଅଧିନରେ ଜାରି

ଯେହେତୁ
ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି **ଦି କରୁର୍ ବୈଶ୍ୟ ବ୍ୟାଙ୍କ ଲିମିଟେଡ୍‌ର** ଅଧିକୃତ ଅଧିକାରୀ ଅଟନ୍ତି। ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ (ଆକ୍ଟ ୫୪ ଅଫ୍ ୨୦୦୨) ଅଧିନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅନୁସାରେ କ୍ଷମତା ପ୍ରାପ୍ତ ହେତୁ ସେ **୧୬.୧୨.୨୦୨୨**ରେ ଡିମାଣ୍ଡ ନୋଟିସ୍ ଜାରି କରି **୧)ମେସର୍ସ ସେଣ୍ଟର ଫର୍ ଆଡଭାନ୍ସ କମ୍ପ୍ୟୁଟିଂ** (ଋଣ ଗ୍ରହୀତା) ପ୍ରୋପାଇଟର: ଶ୍ରୀ ଦେବାଶିଷ ରଥ, ଅଫଷ୍ଟେୟାର ଏସବିଆଇ ଏଟିଏମ୍, ମେନ୍‌ରୋଡ୍, ଗାନ୍ଧୀନଗର, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୧, ଓ ଶ୍ରୀ ଦେବାଶିଷ ରଥ, ହାଉସ ନଂ-୩୯, ଅରବିନ୍ଦନଗର ତୃତୀୟ ଲେନ୍, ବ୍ରହ୍ମପୁର, ଓଡ଼ିଶା- ୭୬୦୦୦୧ **୨)ଶ୍ରୀମତୀ ମାନସୀ ରଥ** (ଗ୍ୟାରେଣ୍ଟର) (ସ୍ୱାମୀ-ଦେବାଶିଷ ରଥ) ହାଉସ ନଂ-୩୯, ଅରବିନ୍ଦିନଗର ତୃତୀୟ ଲେନ୍, ବ୍ରହ୍ମପୁର, ଓଡ଼ିଶା- ୭୬୦୦୦୧ । ଅର୍ଥରାଶି **ଟ.୯, ୫୩,୬୨୪.୬୮** (ନଅ ଲକ୍ଷ ତେପନ ହଜାର ଛଅଶହ ଚବିଶି ଓ ଅଠଷଠୀ ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି ଏହି ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।
ଋଣଗ୍ରହୀତା/ ଗ୍ୟାରେଣ୍ଟର ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୧୬ ମଇ ୨୦୨୩** ରେ ନିମ୍ନ ସ୍ୱାକ୍ଷରିତ ଅଧିକୃତ ଅଧିକାରୀ ନିଜ ପଜେସନ୍‌କୁ ନେଇ ଯାଇଛନ୍ତି।
ଋଣଗ୍ରହୀତା/ ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ



ଗାନ୍ଧୀ ସଭିଙ୍କ ବାପୁ

ଦୁଃଖୀ ସେବକ ସାହୁ

ଗାନ୍ଧୀ ସଭିଙ୍କ ବାପୁ ଆଉ
ନେହେରୁ ଆମ ଚାଚା,
ଭାରତମାତାର ଯୋଗ୍ୟ ସନ୍ତାନ
କାମ ତାଙ୍କର ସଚ୍ଚା ।
ସୁରେନ୍ଦ୍ର ଭଳି ବୀର କାହିଁ
ସୁଭାଷ ତ ନେତାଜୀ,
ନିଜ ଶିଙ୍ଗରେ ଲଢେଇ କଲେ
ସାଜି ଗରିଲା ଫଉଜୀ ।
ସର୍ଦ୍ଦାର ପଟେଲ ଲୌହମାନବ
ଖାଁ ଅବଦୁଲ ଗାଫର ଖାଁ,
ସୀମାନ୍ତ ଗାନ୍ଧୀ କାନ୍ଥୁ ଥିଲେ
ଅପରପକ୍ଷେ ପାକିସ୍ତାନ ।
କସ୍ତୁରବା ଆମ ମାଆ ପରି
ପାର୍ବତୀ ଗିରି ନାନୀ
ସରୋଜିନୀ ଆମ ବୁଲବୁଲ ପରା
ଇନ୍ଦିରା ପ୍ରିୟଦର୍ଶିନୀ ।
ଲାଲ୍ ,ବାଲ୍ ପାଲ୍ ଜାଣୁ
ଲଛପତ, ଗଙ୍ଗା,ବିପିନ୍
ଫିରିଙ୍ଗି ବାଲା ଫେରିଗଲେ
ଦେଶ ହେଲା ସ୍ୱାଧୀନ ।

ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼

ତୁଟୁକା

ସୁଚରିତା ମହାନ୍ତି

ଚିନ୍ମୟୀଙ୍କ ମନରେ ଯେତେ ସବୁ ଅନ୍ଧବିଶ୍ୱାସ ବସା ବାନ୍ଧି ରହିଥାଏ । ଦିଅଁ ଦେବତା ପୂଜା କରିବା, ମାନସିକ କରିବାରେ ସେ ବେଶ୍ ଧୁରନ୍ଧର । ପୂଜା ନକଲେ କାଳେ କ'ଣ ଅଶୁଭ ହେବ ସେଥିପାଇଁ ମନ ଭିତରେ ଭୟ, ଆଶଙ୍କା ଢେଉ ଭାଙ୍ଗୁଥାନ୍ତି । ଘର କଥା ତ ନୀତି ଦିନିଆ, ବାଟରେ ଘାଟରେ ଯେଉଁଠି ପଥର ଦେହରେ ସିନ୍ଦୂର ଲାଗିଥିବାର ଦେଖିଲେ କି ଛୋଟ ବଡ଼ ମନ୍ଦିର ଦେଖିବା କ୍ଷଣି ସଙ୍ଗେ ସଙ୍ଗେ ହାତ ଯୋଡ଼ି ପ୍ରଣାମ କରି ପକାନ୍ତି । ଠାକୁରଙ୍କ ନିକଟରେ କେତେ କ'ଣ ଗୁହାରି ଭକ୍ତି ନୈବେଦ୍ୟ ଅର୍ପଣ କରନ୍ତି ତା'ର ହିସାବ ନଥାଏ । ଦିଅଁ ଦେବତାଙ୍କ କଥା ଛାଡ଼ ଓସ୍ତ,ବର ଗଛ,ଲିମ୍ବ, ସାହାଡ଼ା ଗଛକୁ ମୁଣ୍ଡିଆ ନମାରିଲେ ତାଙ୍କୁ ଭଲ ଲାଗେ ନାହିଁ । ଦୁଇ ହାତରେ ଶଙ୍ଖା ଚୁଡ଼ି ଭର୍ତ୍ତି ତା ସହିତ କପାଳ ସିନ୍ଥିରେ ସିନ୍ଦୂର ଦାଉ ଦାଉ ହୋଇ ଦିଶୁଥାଏ । ମୁଣ୍ଡରୁ କେବେ ଲୁଗା ଖସିବାର କେହି ଦେଖି ନାହାନ୍ତି । ଆଜି କାଲିର ଝିଅ ବୋହୂଙ୍କ ହାତ ମୁଣ୍ଡକୁ ଦେଖିଲେ ରାଗ ତାଙ୍କର ପଞ୍ଚମକୁ ଉଠେ । କହନ୍ତି,ଆଲୋ ସ୍ୱାମୀ ଥାଉଁ ଥାଉଁ ଏମିତି ରାଣ୍ଡି ଭଳି କାହିଁକି ହଉଚଲ । ସ୍ୱାମୀ କେଉଁ ଦେବତାଙ୍କ ଠାରୁକମ୍ କି ? ଛି ଛି ଅଲକ୍ଷଣୀଗୁଡାକ । କି ଯୁଗ ହେଲା ଯେ ମଣିଷ ଏଇସବୁ ଦେଖିଲା । ପୁରୁଣା କାଳିଆ ରୀତିନୀତିରେ ଚିନ୍ମୟୀ ବଡ଼ ହୋଇଛନ୍ତି ତାଙ୍କୁ ଏସବୁ ପସନ୍ଦ ନୁହେଁ ।

କିଏ କାହିଁକି ତାଙ୍କ କଥା ଶୁଣିବାକୁ ଯିବ ବରଂ ଖତେଇ ହୋଇ କହନ୍ତି, ଆଉ ସ୍ୱାମୀ ଦେବତା ନା ଆଉ କ'ଣ । ତୁମେ ତୁମର ମାନୁଥାଅ, ଆମେ ଏତେ ମାନିପାରିବୁନି । 'ଆଲୋ ସଖୀ ଆପଣା ମହତ ଆପେ ରଖି' ଚିନ୍ମୟୀ ଚୁପ୍ ରହନ୍ତି । ଚିନ୍ମୟୀଙ୍କର ଗୋଟିଏ ଭାରି ଭଲ ଗୁଣ ଥାଏ । ଗାଁ ରେ କେଉଁଠି ଯଦି ପୂଜା ମଉଛୁକ ହୁଏ କିମ୍ବା କେହି ଅସୁବିଧାରେ ଥାଏ ସେ ଡେରି ନକରି ତାଙ୍କ କ୍ଷମତା ଅନୁସାରେ ସାହାଯ୍ୟର ହାତ ବଢ଼େଇ ଥାନ୍ତି । ସେଥିପାଇଁ ଲୋକମାନେ ତାଙ୍କୁ ଭାରି ଆଦର କରିବା ସହିତ ଭଲମନ୍ଦରେ ତାଙ୍କ ପରାମର୍ଶ ଲୋଡ଼ିଥାନ୍ତି । ଚିନ୍ମୟୀ ସେମିତି ବହୁତ ବଡ଼ ଧନୀ ନୁହନ୍ତି ଯେତିକି ଅର୍ଥ ତାଙ୍କ ସ୍ୱାମୀ ରୋଜଗାର କରନ୍ତି ସେତିକିରେ ସେ ସବୁ କାମ କରନ୍ତି । ପରିବାର ଚଳାନ୍ତି । ଅନେକ କିଛି କରିବାକୁ ଇଚ୍ଛା ଥିଲେ ବି ତାଙ୍କ ଆଶା ଆଶାରେ ହିଁ ମରିଯାଏ । ତେଣୁ ଅର୍ଥ ପ୍ରାପ୍ତି ନିମନ୍ତେ ତାଙ୍କୁ ଯିଏ ଯାହା କରିବା ପାଇଁ କହେ ଅଥବା କେଉଁଠୁ କ'ଣ ଶୁଣି ପକାନ୍ତି ଅମୁକ କଲେ ଧନ ଲାଭ ହେବ କି ସମୁକ କଲେ ଧନ ଲାଭ ହେବ ସେ ଆଉ ବିଳମ୍ବ ନକରି ତତ୍‌କ୍ଷଣାତ୍ ସେ କାର୍ଯ୍ୟ କରିପକାନ୍ତି ।

ଚିନ୍ମୟୀଙ୍କ ଘରେ ଗୋଟିଏ ପୁରୁଣା ସିନ୍ଦୁକ କେଉଁ କାଳରୁ ଥିଲା । ତାଙ୍କ ଶାଶୂ ମରିବା ଆଗରୁ ସିନ୍ଦୁକଟି ଚିନ୍ମୟୀଙ୍କୁ ସାଇତି ରଖିବା ପାଇଁ କହିଥିଲେ । ସେ ସିନ୍ଦୁକ ଭିତରେ ଦାମୀ ଦାମୀ କଂସା ବାସନ, ରୂପାର ମୂଲ୍ୟବାନ ଗହଣା ଇତ୍ୟାଦି ରହିଥିଲା । ଆଗକାଳରେ ପ୍ରାୟ ଲୋକଙ୍କ ଘରେ ଗୋଟେ ଯୋଡ଼େ କାଠ ରେ ନିର୍ମିତ ସିନ୍ଦୁକ ରହୁଥାଏ । ଯେଉଁଥିରେ ସେମାନେ ଅଳଙ୍କାର,ବାସନ ଏବଂ ବସ୍ତ୍ରକୁ ସାଇତି ରଖୁଥିଲେ । 'କଥାରେ ଅଛି ଅଳପ ଧନ ବିକଳ ମନ' । ଯେତେବେଳେ ମଣିଷ କିଛି ଆଶା କରି ନିରାଶ ହୋଇଯାଏ, ସେତେବେଳେ ସେ ଏମିତି ସବୁ ପନ୍ଥା ଅବଲମ୍ବନ କରିଥାଏ ଯାହାକି ଫଳପ୍ରଦ ହୋଇପାରେ ନାହିଁ ବରଂ ସମୟ ନଷ୍ଟ ଏବଂ ମାନସିକ ଅଶାନ୍ତିରେ କାଳାତିପାତ କରେ । ସ୍ୱଳ୍ପ ଅର୍ଥ ଭିତରେ ଚିନ୍ମୟୀ ଘର ପରିବାର ତଥା ସମାଜ ପାଇଁ ଯେତିକି କାର୍ଯ୍ୟ କରିବାକୁ ସ୍ଥିର କରନ୍ତି ତାହା ସମ୍ଭବ ହୋଇପାରେନି ବୋଲି ତାଙ୍କର

ମନରେ ସବୁ ସମୟରେ ନୈରାଶ୍ୟର ବାଦଲ ଢାଙ୍କି ହୋଇଥାଏ । ଗାଁରେ ରହୁଥିବାରୁ ତାଙ୍କୁ ଯିଏ ଯେମିତି ତୁଟୁକା ବତାନ୍ତି ସେ ସେମିତି କରନ୍ତି । କେବେ ଟିଭିରୁ କ'ଣ ନାଇଁ କ'ଣ ଦେଖନ୍ତି ସେ ସବୁ କରନ୍ତି । ସମସ୍ତଙ୍କ ଅଜାଣତରେ ବିଭିନ୍ନ ପ୍ରକାରର ଚେର,ମାଟି, ହଳଦୀ, ସିନ୍ଦୂର, ରଙ୍ଗବେରଙ୍ଗର କନା, ପାରା ପର, ଓସ୍ତ ପତ୍ର, ଅରୁଆ ଚାଉଳ, ଲବଙ୍ଗ, ଖୁଚୁରା ପଇସା, ଲୁହା କଣ୍ଟା, କଉଡ଼ି, ଘୋଡ଼ା ବାଳ ଏମିତି କେତେ କ'ଣ ନିଇତି କେଉଁଠୁ ନା କେଉଁଠୁ ଆଣି ତାକୁ ସାଇତି ରଖନ୍ତି ଅର୍ଥ ଉପାର୍ଜନ ହେବ ବୋଲି । ହେଲେ ଅର୍ଥ ଆସିବ କେଉଁଠୁ । ଘରେ ତ ମାତ୍ର ଜଣେ, ରୋଜଗାରକ୍ଷମ । ଏମିତି କଲେ କ'ଣ କେଉଁଠୁ ଧନ ଖସି ପଡ଼ିବ କି ? ମନ ତାଙ୍କର ମାନେନି । ବୟସ ବଢ଼ିବା ସହିତ ସେ କିଛି ନା କିଛି କରି ଚାଲିଥାନ୍ତି । ସମସ୍ତେ କିପରି ଭାବରେ ଭଲରେ ଚଳିବେ ଭଲରେ ରହିବେ ଏଇ କଥା ତାଙ୍କୁ ଘାରୁଥାଏ । ଘର ଲୋକ ଯେତେ ବୁଝାଇଲେ ବି ସେ ଚୁପ୍ ରହିବା ବ୍ୟତୀତ ପଦେ କି ଦି' ପଦ କଥା ତାଙ୍କ ପାଟିରୁ ବାହାରେନି । ହଠାତ୍ ଚିନ୍ମୟୀଙ୍କ ପରିବାର ଉପରେ କଳା ବାଦଲ ଢାଙ୍କି ହୋଇଗଲା । ଚିନ୍ମୟୀ ଅସୁସ୍ଥ ହୋଇପଡ଼ିଲେ । ବସିଥିବା ସମୟରେ ଖଟରୁ ତଳକୁ ପଡ଼ି ଗଲେ । ଅଚେତ୍ ଅବସ୍ଥାରେ ଘର ଲୋକ ତାଙ୍କୁ ଡାକ୍ତରଖାନା ନେବା ରାସ୍ତାରେ ତାଙ୍କ ପ୍ରାଣବାୟୁ ଉଡ଼ିଗଲା ।

ଅଚାନକ ଏମିତି ଘଟଣା ଘଟିଗଲା ଯେ ସମସ୍ତେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଲେ । ଘର, ଗାଁ ସାହି ପଡ଼ିଶାରେ ସେ ସମସ୍ତଙ୍କର ଅତି ପ୍ରିୟ ମଣିଷ ଥିଲେ । ଜୀବନରେ ଅଛି କ'ଣ ? ଏଇନେ ଅଛି ତ ଏଇନେ ନାହିଁ ।'ଜୀବନ ଟା ପାଣି ଫୋଟକା' ।

ଯିଏ ଶୁଣିଲେ ଚିନ୍ମୟୀ ଆଉ ନାହାନ୍ତି ସମସ୍ତେ ଆସି ଘର ଆଗରେ ରୁଣ୍ଡ ହେଉଥିଲେ । ଶୋକାକୁଳ ପରିବେଶ ଭିତରେ ଅହିୟରାଣୀ ହୋଇ ଚିନ୍ମୟୀ ସବୁଦିନ ପାଇଁ ବିଦାୟ ନେଇ ଗଲେ । ଗୋଟିଏ ପୁଅ ଗୋଟିଏ ଝିଅ ସ୍ୱାମୀ ଙ୍କୁ ନେଇ ଛୋଟ ସଂସାର ଗଢ଼ିଥିଲେ ଚିନ୍ମୟୀ । ତାଙ୍କ ଆବର୍ତ୍ତମାନରେ ସମସ୍ତେ ନିଜକୁ ନିଃସ୍ୱ ଭାବୁଥିଲେ । ଚିନ୍ମୟୀଙ୍କର କ୍ରିୟା କର୍ମ ସବୁ ସରିଯିବା ପରେ ତାଙ୍କ ସ୍ୱାମୀ ଏବଂ ଦୁଇ ପିଲା ଘରର ଆସବାବପତ୍ର ସଜାଡ଼ି ରଖିବା ପାଇଁ ମନସ୍ଥ କଲେ । ଚିନ୍ମୟୀଙ୍କ ମୃତ୍ୟୁ ଯେ ଏତେ କଷ୍ଟ ଦେବ ତା'ର କଳ୍ପନା କିଏ ବା କରିପାରିବ । ସବୁ ଦାୟିତ୍ୱ ବହନ କରୁଥିବା ଲୋକଟି ସବୁ ଛାଡ଼ି ଛୁଡ଼ି ଦେଇ ଅଫେରା ରାଇଜକୁ ଚାଲିଯିବ କାହିଁକି ବା କିଏ ବିଶ୍ୱାସ କରିବ ।

ଜିନିଷପତ୍ର ସଜଡ଼ା ସଜଡ଼ି କରି ରଖିବା ସମୟରେ ସିନ୍ଦୁକକୁ ଝିଅ ଖୋଲି ପକେଇଲା । ସିନ୍ଦୁକ ଭିତରେ ଅନେକ ଜିନିଷ ଥିଲେ ବି ଏମିତି ସବୁ ଜିନିଷ ଦେଖି ବାପା, ପୁଅ, ଝିଅ ଅବାକ୍ ହୋଇଗଲେ । ଚିନ୍ମୟୀ ସମସ୍ତ ତୁଟୁକା ଜିନିଷକୁ ଲୁଚେଇ ରଖୁଥିଲେ ସେଇ ସିନ୍ଦୁକ ଭିତରେ । ଯେମିତି କାହାରି ନଜର ସେଥିରେ ପଡ଼ିବନି । କେହି ଜାଣିଲେ ତୁଟୁକା କାମ ଦେବନାହିଁ । ଗୋଟିଏ ପରେ ଗୋଟିଏ ସାମଗ୍ରୀ ବାହାର କରୁଥାନ୍ତି ସେତିକି ଆଶ୍ଚର୍ଯ୍ୟ ମଧ୍ୟ ହେଉଥାନ୍ତି । ତିନି ଜଣଙ୍କ ଆଖିରୁ ଲୁହ ନିଗିଡ଼ି ପଡୁଥାଏ । ସମସ୍ତଙ୍କ ସୁଖ ସାଉଁଟୁ ସାଉଁଟୁ ଚିନ୍ମୟୀ ପାଉଁଶରେ ପରିଣତ ହୋଇଗଲେ । ଅଭାବ ଓ ଅନ୍ଧବିଶ୍ୱାସ ସତରେ କ'ଣ ମଣିଷ କୁ ବିପଥଗାମୀ କରାଏ । କେବେ କେବେ ମଣିଷ ଜୀବନ ବି ତୁଟୁକା ଡୋରରେ ବାନ୍ଧି ହୋଇରହିଯାଏ । ଚିନ୍ମୟୀଙ୍କ ଆଶା ସବୁଦିନ ପାଇଁ ଆଶାରେ ହିଁ ରହିଗଲା କିନ୍ତୁ ତାଙ୍କ ସିନ୍ଦୁକ....। ସିନ୍ଦୁକ ତା ଗର୍ଭରେ ସାଇତି ରଖି ପାରେ ଅତି ଯତ୍ନରେ ବାସନ, ବସ୍ତ୍ର, ଅଳଙ୍କାର ପରି ନାରୀର ବିଶ୍ୱାସ ଏବଂ ଅନ୍ଧବିଶ୍ୱାସକୁ କାଳ କାଳ ଧରି ।

ମାହାଙ୍ଗା, କଟକ
୮୯୧୭୫୭୧୨୦୨

'ମା'

ବିଷ୍ଣୁପ୍ରିୟା ମହାପାତ୍ର

ମା ବୋଲି ଯେଉଁ, ପବିତ୍ର ଅକ୍ଷର
ସରଗଠୁ ସେତ ବଡ଼
ସବୁ ତୀର୍ଥ ଧାମ ତା ଚରଣ ତଳେ
ଫୁଟାଇ ସେ ଫୁଲ କଢ଼ ।

ଯେତେ କଷ୍ଟ ଥାଏ, ଏହି ଦୁନିଆ ରେ
ତା କଷ୍ଟ ସବୁଠୁ ବଳେ
ଆଖି ଲୁହ ତାର, ଚାପି ଓଠତଳେ
ଦୀପ ପରି ସେ ଜଳେ ।

ସବୁ କଷ୍ଟ ନିଜ, ବୁକେ ଚାପି ରଖି
ହସୁଥାଏ ନିରନ୍ତରେ
ଆମ ଓଠେ ଟିକେ ।ହସ ଦେଖିଦେଲେ
ଅନ୍ତର ତାହାର ପୁରେ ।

ନିଜେ ଉପବାସେ ରହି ଖୁଆଏ ସେ

ପଣତ ରେ ଦିଏ ଝାଡି
କେତେ ରାତି ସେ ଅନିଦ୍ରା ହୁଅଇ
ରୋଗେ ଥିଲେ ଆମେ ପଡ଼ି ।

ଚାହିଁ ଥାଏ ସିଏ, ଫେରିବା ବାଟକୁ
ଟିକେ ହୋଇଗଲେ ଡେରି
କେତେ ଯେ ଦେବତାପୂଜୁ ଥାଏ ନୀତି
ନିଜେ ଉପବାସେ ସଢ଼ି ।

କେତେ କଷ୍ଟ ସେ, ପାଉ ଥାଉ ପଛେ
ଶୁଭ ସେ ମନାଉ ଥାଏ
କୋଟି ପରମାୟୁ, ହଉ ଆମ ବୋଲି
ଦେବତାଙ୍କୁ ସେ ଜଣାଏ ।

ଅଳି ଆରଦଳି, ସହୁ ଥାଏ ଆମ
ନିଜେ ଅଭାବ ରେ ରହି
ଆମର ଅଭାବ ପୁରା କରୁଥାଏ
ଆମ ଓଠେ ହସ ଦେଇ
କୋଟି ତୀର୍ଥ ଧାମ ।
ତା ଚରଣ ତଳେ
ତା ପରି ଦେବତା କାହିଁ
ମା ସେବା ସଦା । କରୁଥାଏ ଯିଏ
ତାପରି ସୁଖୀ କେ ନାହିଁ
ପୂଜୁ ଥିବା ସଦା । ଚରଣ ତାହାର
ସେତ ଚିର ବନ୍ଦନୀୟା
ସବୁ ଦୁଃଖ ଆମ । ଦୂର ହେଇଯିବ
ଥିଲେ ତା ପଣତ ଛାୟା ।

କାକଟପୁର,ପୁରୀ

କବିତାଗୁଚ୍ଛ

ତୁମେ

ସୁଦର୍ଶନ ମହାପାତ୍ର

ତୁମେ ମୋ ଓଠର ହସ
ତୁମେ ମୋ ଆଖିର ଲୁହ
ତୁମେ ମୋ...ପାହାନ୍ତି ପହର ନିଦ,
ତୁମେ ମୋ ନିଃଶ୍ୱାସ
ତୁମେ ମୋ ବିଶ୍ୱାସ
ତୁମେ ମୋ...ଅନ୍ତରେ ଓଁକାର ଶବ୍ଦ...।

ତୁମ ଅବର୍ତ୍ତମାନରେ
ଜୀବନର ଏଇ ଲମ୍ବା ରାସ୍ତା ପରେ
ଧ୍ୱାନ୍ତ ଧୂମାଳ ଖେଳେ,
ତୁମେ ଅଦର୍ଶନରେ
ମୋ ହୃଦୟ ତନ୍ତ୍ରୀ ଆବେଗେ ବିରାଗେ
ବିର ? ?ହର ଧୂନ୍ ତୋଳେ....।

ତୁମେ ଲୁଚିଯାଅ ଯେବେ
ଧୂଳି ବେଶ ହୋଇ
ମୋ ଆଖିର ଆଡୁଆଳେ,
ମୋତେ ଲାଗେ ଆହା
ପିଣ୍ଡ ଛାଡି ଦେଇ ପ୍ରାଣ ପକ୍ଷୀ ମୋର
ଅଦୃଶ୍ୟ ଚକ୍ରବାଳେ...।

ତୁମ ନୀଳ ଅଭିସାର
ପ୍ରତୀକ୍ଷିତ ମୋର
ନୟନ ଯୁଗଳ
ସ୍ୱପ୍ନେ ହୁଏ ଉତ୍ତାଳିତ
ଲାଗେ ହୀନିମାନ
ଖୋଜିବସେ ତୁମ ଦିବ୍ୟ ସାନ୍ନିଧ
ଏହି ମୋ ଜୀବନ ସତ୍ୟ

କୁଞ୍ଜବିହାରୀ ଲେନ, କଟକ

ସ୍ମୃତିର ପାର୍ବଣ

କୃଷ୍ଣ ପ୍ରିୟା ପଟ୍ଟନାୟକ

ଏ ସହର ସରହଦ ଡେଇଁ
ମନ ଫେରେ ପଛକୁ ପଛକୁ,
ଲଟିଚରା ଇଚ୍ଛା ସବୁ
ମୋ ଭିତରେ ବେଗମତୀ
ଛୁଇଁବାକୁ ଫୁଲରୁ କଢିକୁ ।
ସେଇ ଯେ ସବୁଜ ବନ
ପ୍ରୀତି ଝରା ଶ୍ୟାମଳ ପ୍ରାନ୍ତର,
ଶ୍ରାବଣର ଭିଜା ମାଟି
କାଶତଣ୍ଡୀ, କଦମ୍ବ ଫୁଲର ।
ଫଗୁଣର ନରମ ଖରାରେ
ଚିକ ଚିକ ବିରୂପାର ବାଲି,
ବଉଳର ବାସ୍ନା ପିଇ,
ପ୍ରୀତିର ପିୟୁଷ ମାଖି,
ଗାଇ ଉଠେ ଫୁଲେଇ କୋଇଲି ।
ସେଠି ଖେଳେ ଲୁଚକାଳି
ବୟସର କୁନି ପ୍ରଜାପତି,
ଦିକ ଦିକ ଜଳୁଥାଏ
ଜଳି ପୁଣି ଲିଭି ଯାଏ
ଶୈଶବ ଓ କୈଶୋରର ସ୍ମୃତି ।
ଗଲା ଦିନ ଗଲା କଥା
ଫେରି ତ ଆସେନା ମିତ
ଜୀବନଟା ଭରିଯାଏ
ସ୍ମୃତିର ପାର୍ବଣେ,
ଉଜାଣି ବହେନି ନଈ
ବୟସର ଛନ୍ଦ ନେଇ
ମାଟିରୁ ଆକାଶ ଛୁଏଁ
ଆଶା ଅକାରଣେ ।
ଅଜାଣତେ ଝରିପଡ଼େ
ମନ ଶାମୁକାରେ ମୁଦା
ମମତାର ମୋତି,
ଜୀବନ ଟା ମିଛ ଲାଗେ
ମିଛ ଲାଗେ ସବୁ ପ୍ରତିଶ୍ରୁତି.....।

ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର
ମୋ- ୯୩୩୮୨୩୧୦୧୦

ପ୍ରତାରଣା

ନିରଞ୍ଜନ ସାହୁ

ଜୀବନରେ ଯଦି ପ୍ରତାରଣା ଭରେ
ଜୀବନଟା ଶୂନ୍ୟ ଲାଗେ
ସହି ହୁଏନାହିଁ କହି ହୁଏନାହିଁ
ମନ ଖୋଲି କାହା ଆଗେ ।

କାହିଁକି ଜୀବନେ ଆସେ ପ୍ରେମ ଋତୁ
ପ୍ରେମର ଦେବତା କିଏ
କିଏ ଲେଖିଥାଏ ଏମିତିଆ ଭାଗ୍ୟ
କେଉଁଠାରେ ରହେ ସିଏ
ପ୍ରତାରଣା ପୂର୍ଣ୍ଣ ଜୀବନ ଜୀଇଁବା
କଦାପି ହୁଏନି ବାଗେ ।

କାହିଁକି ପ୍ରେମରେ ଭଙ୍ଗା ପଡ଼ିଯାଏ
ପ୍ରତାରଣା ହୁଏ ସୃଷ୍ଟି
କାହିଁକି ପ୍ରେମିକ ପ୍ରେମିକା ଉଭୟେ
ବଦଳାନ୍ତି ଭିନ୍ନ ଦୃଷ୍ଟି
କାହିଁକି ମନରେ ଓଲଟା ବିଚାର
ପରସ୍ପର ପ୍ରତି ଜାଗେ ।

କେମିତି ନିଜକୁ ଆଉ କାହା ପାଖେ
ସମର୍ପିତ କରି ହୁଏ
କେମିତି ନିଜକୁ ସଚ୍ଚୋଟ ସଜାଇ
ଆଉ କାହା ପାଖେ ଥୁଏ
କେମିତି ନିଜକୁ ବଞ୍ଚାଇ ବି ହୁଏ
ଆଉ କାହା ଅନୁରାଗେ ।

ନିହଲ ପ୍ରସାଦ , ଗଁଦିଆ ପାଟଣା

ବୃକ୍ଷ

ଏଇ ସୁନ୍ଦର ପରିକଳ୍ପିତ ଧରିତ୍ରୀରେ,
ଅକଳ୍ପନୀୟ ନୀଳ ଆକାଶ ତଳେ
ବୀଜ ରୁ ଫୁଟି ଛାଇ ଭରୁ ଜନ୍ମ ଭୂମିରେ,
ଗ୍ରୀଷ୍ମ,ବର୍ଷା,ଶୀତ ବସନ୍ତେ
ବୃକ୍ଷଟେ ହୋଇ ପାଲୋଟି ଯାଉ
ପ୍ରତି ଜୀବର ସାଥୀରେ,
ସବୁଜ ସୁନ୍ଦର ଗଛଟେ ହୋଇ
ଯେବେ ଅଶାନ୍ତ ଆଉ କ୍ଷୀବ ହେଉ ହେଉ
ଗଢ଼ାଇ ଦେଉ କେତେ ଘର,
ପୁଣି ଚଳିପଡୁ କ୍ଷାନ୍ତାପରେ,
ତୁମେ ନ ଥିଲେ ଏଇ ସୁନ୍ଦର ଧରିତ୍ରୀ
କେବେ କଳ୍ପନା ହୋଇନଥାନ୍ତା ଆମ ନୟନରେ ।

ପ୍ରଶ୍ନ କୁମାର ଶତପଥୀ
ଦୁମାଢ଼ିହି,ଜାମଦା,ମୟୂରଭଞ୍ଜ

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଆସିକା ,(ଭାସ୍କର ନ୍ୟୁଜ୍): ଆଜି ଟାଟା ବେଞ୍ଚ ସ୍ଥିତ ଉର୍ଜା ଏକାଡେମୀ ପରିସରରେ ଷଷ୍ଠ ଠାରୁ ଦ୍ୱାଦଶ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କ ପାଇଁ ଭବିଷ୍ୟତ ଗଠନରେ ଶିକ୍ଷାର ଭୂମିକା ଶୀର୍ଷକରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ତଥା ନିର୍ଦ୍ଦେଶକ ସନ୍ତୋଷ କୁମାର ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଏକ ଦିବସୀୟ କର୍ମଶାଳାରେ ଚାଟଶାଳା ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ବିଶିଷ୍ଟ ଶିକ୍ଷାବିତ ଶାନ୍ତନୁ କୁମାର ପାତ୍ର ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ । ଶ୍ରୀଯୁକ୍ତ ପାତ୍ର ଶିକ୍ଷାର୍ଥୀମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ, ସନ୍ତୁଳିତ ଖାଦ୍ୟପେୟ, ଜିଜ୍ଞାସୁ ମନୋବୃତ୍ତି, ଅଦମ୍ୟ ସାହସ ଓ ଉତ୍ତମ ଚରିତ୍ର ଗଠନ ମାଧ୍ୟମରେ ଉଜ୍ଜଳ ଭବିଷ୍ୟତ ନିର୍ମାଣ ପାଇଁ ଶିକ୍ଷାର ମହତ୍ୱ ଅପରିହାର୍ଯ୍ୟ ବୋଲି ମତ ବ୍ୟକ୍ତ କରିଥିଲେ । ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ସୂର୍ଯ୍ୟ ନାରାୟଣ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କର୍ମଶାଳାକୁ ଉର୍ଜା ଏକାଡେମୀର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମକର୍ତ୍ତା ଶଙ୍କର୍ଷଣ ଗୌଡ଼, ଅନିଲ ପ୍ରଧାନ, ସୁଧାଂଶୁ ମିଶ୍ର, ନାରାୟଣ ରାଓ, ପ୍ରସାଦ ପ୍ରଧାନ, ଅନିତା ରାଉତ ଓ ବନୋଜା ଶତପଥୀ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ଅନୁଷ୍ଠାନର ସହ ନିର୍ଦ୍ଦେଶକା ଗଙ୍ଗା ରେଡ୍ଡୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।

ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଘରୁ ଚୋରି

ଭଞ୍ଜନଗର,(ଭାସ୍କର ନ୍ୟୁଜ୍): ଏହି ଥାନା ଅନ୍ତର୍ଗତ ମୁଦୁଲିପଲ୍ଲୀ ଗ୍ରାମର କରୁଣାକର ସ୍ୱାଇଁଙ୍କ ଘରେ ଶୁକ୍ରବାର ରାତିରେ କୌଣସି ଦୁର୍ବୃତ୍ତ ଘରର କବାଟ ଭାଙ୍ଗି ଘରୁ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଥିବା ଜଣାପଡିଛି । ଭଞ୍ଜନଗର ଠାରେ ଚାଲିଥିବା ଠାକୁରାଣୀ ଯାତ୍ରା ଦେଖିବାକୁ ସପରିବାର ଭଞ୍ଜନଗର ଆସି ଯାତ୍ରା ଦେଖିସାରି ଶଶୁର ଘର ଭେଜିପୁଟରେ ରାତ୍ରି ଯାପନ କରିଥିଲେ । ଆଉ ଶନିବାର ସକାଳୁ ଗାଁ କୁ ଗଲାବେଳେ ଘରର ମୁଖ୍ୟ ଦ୍ୱାରର କବାଟ ଭାଙ୍ଗି କେହି ଦୁର୍ବୃତ୍ତ ଘରେ ପଶି ଘର ମଧ୍ୟରେ ଥିବା ଦୁଇଟି ଆଲମାରୀ ସମେତ ଦୁଇଟି ଟିଣ ବାକ୍ସକୁ ଭାଙ୍ଗି ବହୁ ଆସବାବପତ୍ରକୁ ଏଣେତେଣେ ଫୋପାଡ଼ି ଦେବା ସହ ଏକ ଲାପଟପ୍ ଚୋରି କରି ନେଇଛନ୍ତି । ଏନେଇ ସେ ଅଭିଯୋଗ ଶନିବାର ଭଞ୍ଜନଗର ଥାନାରେ ଅଭିଯୋଗ କରିଛନ୍ତି କରୁଣାକର ସ୍ୱାଇଁ । ସୂଚନାନୁସାରେ ଶୁକ୍ରବାର ଦିନ କରୁଣାକରଙ୍କ ସପରିବାର ଠାକୁରାଣୀ ଯାତ୍ରା ଦେଖିବାକୁ ଭଞ୍ଜନଗର ଆସିଥିଲେ । ରାତି ହୋଇଯିବାରୁ ଶ୍ୱଶୁର ଘର ଭେଜିପୁଟରେ ସମସ୍ତେ ରହିଯାଇଥିଲେ । ସକାଳୁ ଗାଁକୁ ଆସି ଦେଖିଲା ବେଳକୁ ତାଙ୍କ ଘରର ମୁଖ୍ୟ ଦ୍ୱାରର କବାଟ ଭଙ୍ଗାହେବା ସହ ଘର ମଧ୍ୟରେ ଥିବା ଦୁଇଟି ଆଲମାରୀ ଓ ଦୁଇଟି ଟିଣ ବାକ୍ସକୁ ଭଙ୍ଗାଯାଇ ସେଥିରେ ଥିବା ଆସବାବପତ୍ର ସବୁକୁ ଏଣେତେଣେ ପଡିଥିବା ଦେଖିଥିଲେ । ତାଙ୍କର ଏକ ଲାପଟପ ସମେତ କିଛି ଟଙ୍କା ଓ ମୂଲ୍ୟବାନ ଦସ୍ତାବିଜ ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି । ଭଞ୍ଜନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ସାରଙ୍ଗଗଡ ପଞ୍ଚାୟତରେ ଆବାସ ଯୋଜନା ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ

କରଞ୍ଜିଆ (ଭାସ୍କର ନ୍ୟୁଜ୍): ଆବାସ ଯୋଜନା ରେ ଘର ଟିଏ ପାଇଁ ଭାଗ୍ୟକୁ ଆଦରି ବସିଛନ୍ତି ଗ୍ରାମବାସି କେନ୍ଦ୍ରସରକାରଙ୍କ ଆବାସ ଯୋଜନା ଏବେ ବାଟ ବଣା ହୋଇଯାଉଥିବା ଦେଖିବାକୁ ମିଳିଛି, ଥିଲା ବାଲାଙ୍କୁ ମିଳୁଛି ଘର ନଥିଲା ବାଲାଙ୍କୁ ପଚାରୁଛି କିଏ, ଟଙ୍କା ଗୁଞ୍ଜା ଦେଲେ ଘର ମିଳୁଥିବା ଅଭିଯୋଗ ହେଉଛି । ତେବେ ଏହିପରି ଏକ ଘଟଣା ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ସାରଙ୍ଗଗଡ଼ ପଞ୍ଚାୟତ, ଭୁଦୁବେଡା ଗ୍ରାମର ବିଭିନ୍ନ ସାହିରେ ବସବାସ କରୁଥିବା ଲୋକ ସରକାରଙ୍କ ଆବାସ ଯୋଜନାରେ ଘର ପାଇବା ଆଶା ଗ୍ରାମବାସୀଙ୍କ ପାଇଁ ପାଲଟିଛି ସାତସପନ । କରଞ୍ଜିଆ ବ୍ଲକ ସାରଙ୍ଗଗଡ଼ ପଞ୍ଚାୟତର ଭୁଦୁବେଡା ଗ୍ରାମର ଉପର ସାହିରେ ବସବାସ କରୁଥିବା ଧୂବୁଲି ଦାସ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ଥିବା ବେଳେ ସେହିପରି ବଗାଳ ସାହିର ଜୟକିଶୋର ମହାକୁଡ଼, କୁଳମଣି ମହାକୁଡ଼ ଆବାସ ଯୋଜନାରେ ତାଙ୍କୁ ମଧ୍ୟ ଘର ମିଳିନି ଭଙ୍ଗା କୁଡ଼ିଆରେ ଭାଗ୍ୟକୁ ଆଦରି ରହିଛନ୍ତି । ସେହିପରି ରାସନ କାର୍ଡ ମଧ୍ୟ ନାହିଁ,ସେହିପରି ଗୁଡା ସାହି ରେ ବସବାସ କରୁଥିବା ପୁର୍ନେଶ୍ୱର ନାୟକଙ୍କ ଚାଉଳ କାର୍ଡ ନାହିଁ କି ଆବାସ ଯୋଜନା ରେ ଘରଟିଏ ମିଳିନି, ସେ କହିବା କଥା ସରପଞ୍ଚ ବାରମ୍ବାର ଆସି ଘରର ଫୋଟୋ ଉଠାଇ ନେଉଛି ଅଥଚ ଘରଟିଏ ଆଜି ପର୍ଯ୍ୟନ୍ତ ମିଳିଲାନି ଏମିତି ସାରଙ୍ଗ ଗଡ଼ ପଞ୍ଚାୟତ ରେ ବସବାସ କରୁଥିବା ବିଭିନ୍ନ ଗ୍ରାମରେ ଆବାସଯୋଜନା ଅପହଞ୍ଚ । ମଝୀ ସାହି ରେ ବସ ବାସ କରୁଥିବା ଗ୍ରାମବାସୀ ଆବାସ ଯୋଜନାରେ ଘରଟିଏ ପାଇଁ ଦୌଡ଼ି ଦୌଡ଼ି ନିୟାନ୍ତ ହେଲେଣି, ଗ୍ରାମର ୱାର୍ଡ ମେମ୍ବର, ସରପଞ୍ଚଙ୍କୁ ବାରମ୍ବାର ଆବାସ ଯୋଜନାରେ ଘରଟିଏ ପାଇଁ ବାରମ୍ବର ଜଣାଇଲେ ବି ଫଳ ଶୂନ, ଚାଳ ଛପର ଘରେ ଦିନକାଟୁଛନ୍ତି ଛଟ ଛଟ ଛୁଆମାନଙ୍କୁ ନେଇ,ପଞ୍ଚାୟତରେ ବାରମ୍ବାର ଜଣାଇଲେ ମଧ୍ୟ ଘର ମିଳୁନି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଦେଖାଯାଉଛି। ପ୍ରଶାସନର ଦୋମୁହାଁ ନୀତି ଯୋଗୁଁ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଆବାସ ଯୋଜନାରେ ଘରଟିଏ । ଭୁଦବେଡା ଗ୍ରାମରେ ବସବାସ କରୁଥିବା ଲୋକଙ୍କୁ ପ୍ରଧାମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁନି, ରାସନକାର୍ଡ ମଧ୍ୟ ସେମାନଙ୍କର ନାହିଁ , ସେଥିରେ ବି ଅନିୟମିତତା, ପ୍ରକୃତ ହିତାଧିକାରୀ ଯୋଗ୍ୟ ବ୍ୟକ୍ତିଙ୍କୁ ମିଳୁନି ରାସନ, ଓଳିଏ ପେଟକୁ ଦାନା ମିଳିଲେ ଅଳିଏ ଭୋକ ଉପାସରେ ଦିନ କାଟୁଥିବା କହି କୋହଭରା ଆଖି ଛଳଛଳ କରି କହୁଛନ୍ତି । ଗ୍ରାମବାସୀ,ସେମାନଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ, ଗାଈ ଗୋରୁ ଚରାଇ ଯାହା ରୋଜଗାର ହୁଏ ତାକୁ ହିଁ ଭରସା କରି ଚଳୁଛନ୍ତି । ଏମାନଙ୍କ ପାଇଁ ନାଁ ଅଛି ଆବସ ଯୋଜନାରେ ଘର ନାଁ ରାସନ କାର୍ଡ ଏମିତି ବର୍ଷ ବର୍ଷ ଧରି ଝୁଡ଼ି ହେଉଛନ୍ତି ଗ୍ରାମବାସୀ, ଶୁଣିବାକୁ କେହି ନାହାନ୍ତି, ସରପଞ୍ଚ, ୱାର୍ଡ ମେମ୍ବର, ପଞ୍ଚାୟତ ସମିତି ମେମ୍ବରଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଫଳଶୂନ, ଦୀର୍ଘ ବର୍ଷଧରି ଏମିତି ଦିନ କାଟୁଛନ୍ତି। ବହୁ ନେହୁରା ହୋଇ ସରକାରଙ୍କୁ ଜଣାଉଛନ୍ତି ଘରଟିଏ କରିଦିଅନ୍ତୁ ଆମେ ଖୁସିରେ ଏବଂ ଶାନ୍ତିରେ ରହିବୁ । ତେବେ ଏଠାରେ ପ୍ରଶ୍ନ ଉଠେ କାହା ସ୍ୱାର୍ଥରେ ସରକାରଙ୍କ ଏହି ଆବାସ ଯୋଜନା ନା କେବଳ ଖାତା ଓ କଲମରେ ସୀମିତ, ଯଦି ପ୍ରକୃତ ହିତାଧିକାରୀଙ୍କ ପାଖରେ ସରକାରଙ୍କ ଆବାସ ଯୋଜନାରେ ଘର ଖଣ୍ଡିଏ ପହଞ୍ଚି ପାରୁନାହିଁ ଏହା ପାଇଁ ଉତ୍ତର ଦାୟୀ କିଏ।

ବିରଞ୍ଚି ନାରାୟଣ ମାଧବାର୍ଜୁନ କଲେଜର ବାର୍ଷିକ ଉତ୍ସବ

'ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ହେଲେ ଶିକ୍ଷାର ଯଥାର୍ଥତା ପ୍ରତିପାଦିତ ହୋଇପାରିବ'

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡି ବ୍ଲକ ଅଧିନ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବାର୍ଜୁନ କଲେଜର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କଲେଜର ଛାତ୍ର ସଂସଦ, ନାଟ୍ୟ ସଂସଦ ଓ ଯୁକ୍ତ ଦୁଇ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ । ଏହି ଉତ୍ସବରେ କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡା ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ସାଂସଦ ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଉତ୍ସବକୁ ଉଦଘାଟନ କରି କହିଥିଲେ ଯେ, ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ହେଲେ ଶିକ୍ଷାର ଯଥାର୍ଥତା ପ୍ରତିପାଦିତ ହୋପାରିବ। ମୁଖ୍ୟବକ୍ତା ରୂପେ ଆଚାର୍ଯ୍ୟ ହେମନ୍ତ କୁମାର ପଣ୍ଡା, ବରେଣ୍ୟ ଅତିଥି କଲେଜର ପ୍ରତିଷ୍ଠାତା ସଦସ୍ୟ ବସନ୍ତ କୁମାର ନାୟକ ଓ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଅନ୍ୟତମ ଅତିଥି ଜିଲା ପରିଷଦ ସଭ୍ୟା ରୁଜାତା ପଣ୍ଡା, ଆଧ୍ୟାତ୍ମିକ ପ୍ରବକ୍ତା ପଦ୍ମଲୋଚନ ସାମଲ, ସଙ୍ଗୀତଜ୍ଞ ଶାନ୍ତିଲତା ଦୀକ୍ଷିତ ଓ ସରପଞ୍ଚ ଯଶୋଦା ମଲ୍ଲିକ ଯୋଗ ଦେଇ ଶିକ୍ଷା ସହିତ ଛାତ୍ରଛାତ୍ରୀମାନଙ୍କୁ ଆଧ୍ୟାତ୍ମିକ ମନସ୍କ କରାଇ ପାରିଲେ ସମାଜ ଶୃଙ୍ଖଳିତ ହୋଇପାରିବ ବୋଲି କରିଥିଲେ । ପ୍ରାରମ୍ଭରେ ଅତିଥିମାନେ କଲେଜର ପ୍ରାଚୀରପତ୍ର 'ତାରୁଣ୍ୟ'କୁ ଉନ୍ମୋଚନ କରିବା ସହ ପ୍ରତିଷ୍ଠାତା ଅର୍ଜ୍ଜୁନ ଚରଣ ବଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଡେମୋନଷ୍ଟ୍ରେଟର ସ୍ୱପ୍ନା ରାୟଙ୍କ ସମେତ ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ । ଛାତ୍ର ସଂସଦର ଉପଦେଷ୍ଟା ଅଧ୍ୟାପକ ସରୋଜ କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ । ନାଟ୍ୟ ସଂସଦର ଉପସଭାପତି ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବାଗ ସ୍ୱାଗତ ଭାଷଣ ଓ ସାଂସ୍କୃତିକ ସଂସଦର ଉପସଭାପତି ଡ.ବିଶ୍ୱରଞ୍ଜନ ଦାସ ଅତିଥି ପରିଚୟ ଦେଇଥିଲେ । ଡ. ସୁଜାତା ଗିରି ବେଦପାଠ କରିଥିଲେ । ନାଟ୍ୟ ସଂସଦ ଉପସଭାପତି ଶେଷରେ ଡ. ସାଣ୍ଡ୍ରା ରୋଜାରିଓ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର, ଅଧ୍ୟାପକ ସୁଧାଂଶୁ ପଣ୍ଡା, ଅଧ୍ୟାପକ ତପନ ନାୟକ, ଅଧ୍ୟାପିକାର ଚିନ୍ମୟୀ ସେନାପତି, ଅଧ୍ୟାପିକା ଅନୀତା ତ୍ରିପାଠୀ, ଅଧ୍ୟାପକ ଭାଗିରଥି ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଇଡକଲ୍ ଅଡିଟୋରିୟମରେ ସଞ୍ଜୀବଙ୍କୁ ସମ୍ବର୍ଦ୍ଧିତ

ଏରସମା (ଭାସ୍କର ନ୍ୟୁଜ୍):ମହାନ୍ ସ୍ୱାଧୀନତାସଂଗ୍ରାମୀ, ଗଡ଼ଜାତ ଆନ୍ଦୋଳନର ଅଗ୍ରଣୀଯୋଦ୍ଧା, ବିପ୍ଳବୀ ମୂଷା ମଲ୍ଲିକଙ୍କ ୬୨ତମ ଶ୍ରାଦ୍ଧୋତ୍ସବ ଅବସରରେ ଇଡକଲ୍ ଅଡିଟୋରିୟମ (ଭୁବନେଶ୍ୱର)ଠାରେ ସମ୍ବର୍ଦ୍ଧିତ ହେଉଛନ୍ତି ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ଉଦୀୟମାନ ଯୁବସମାଜସ୍ୱୀ ସଞ୍ଜୀବ ବିଶ୍ୱାଳ। ମୂଷା ମଲ୍ଲିକ ଜାତୀୟ ସ୍ମାରକୀ ନ୍ୟାସର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସରକାରଙ୍କ ମାନ୍ୟବର ପଞ୍ଚାୟତିରାଜ ଓ ପାନୀୟଜଳ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଖଣି ଓ ଇସ୍ପାତ ଏବଂ ପୂର୍ତ୍ତ ମନ୍ତ୍ରୀ ତଥା ସଂଗ୍ରାମୀ ମୂଷା ମଲ୍ଲିକଙ୍କ ନାତି ପ୍ରଫୁଲ୍ଲ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସୁପୁତ୍ରୀ ତଥା ଉତ୍କଳ ଗାନ୍ଧୀ ସ୍ମାରକନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି, ବିଶିଷ୍ଟ ଅର୍ଥନୀତିଜ୍ଞ ସୁଶ୍ରୀ ପ୍ରେରଣା ଦେଶାଇ, ରାଜ୍ୟ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, ରାଜ୍ୟ ଗାନ୍ଧୀ ସ୍ମାରକନିଧିର ସମ୍ପାଦକ ଜୟନ୍ତ ଦାସ ପ୍ରମୁଖ ସଞ୍ଜୀବଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୭ଟି ରାଜ୍ୟର ମହିଳା ପ୍ରତିନିଧି ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଦୁଇଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ। ସମାଜସେବୀ ଭାବରେ ସଞ୍ଜୀବ ଜଗତସିଂହପୁର ଜିଲ୍ଲାରେ ବେଶ୍ ପରିଚିତ। ତ୍ୱେ ଏହି ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପାଇଁ ସଞ୍ଜୀବଙ୍କୁ ବିଭିନ୍ନମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନା ହେଉଛି ଏକ ଭାରତ-ଶ୍ରେଷ୍ଠ ଭାରତ'

ଭୁବନେଶ୍ୱରରେ ଯୁବା ସଙ୍ଗମ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ଏକ ଭାରତ ଶ୍ରେଷ୍ଠ ଭାରତ-ଯୁବା ସଂଗମ କାର୍ଯ୍ୟକ୍ରମ ଅଧୀନରେ ଯୋଡି ହୋଇଥିବା ଯୁବବର୍ଗଙ୍କ ଅନୁଭବରୁ ଯେଉଁ ଦୃଢ଼ ଇଚ୍ଛାଶକ୍ତି ଏବଂ ଆତ୍ମବିଶ୍ୱାସ ରହିଛି ତାହା ପ୍ରେରଣାଦାୟୀ ଓ ଉତ୍ସାହପୂର୍ଣ୍ଣ । ଯୁବା ସଂଗମ ସମାଜରେ ସ୍ନେହ ଓ ଶ୍ରଦ୍ଧା ସହ ଏକତାର ଭାବକୁ ଉଜାଗର କରୁଛି । ଏହା ଯୁବଶକ୍ତିଙ୍କୁ ଆମ ଐତିହ୍ୟର ଗଭୀରତା ସହ ଯୋଡିବା ସହ ବିଶ୍ୱ କଲ୍ୟାଣ ପାଇଁ ସେମାନଙ୍କର ଦାୟିତ୍ୱକୁ ଅନୁଭବ କରାଉଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭୁବନେଶ୍ୱର ସୋଆ ବିଶ୍ୱବିଦ୍ୟାଳୟରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଯୁବା ସଙ୍ଗମ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନା ହେଉଛି ଏକ ଭାରତ-ଶ୍ରେଷ୍ଠ ଭାରତ । ଶିକ୍ଷାନୁଷ୍ଠାନ ଗୁଡିକରେ ଏହାକୁ କ୍ରିୟାନ୍ୱୟନ କରି ଆଜିର ଯୁବପିଢିଙ୍କୁ ଭାରତର ବିଭିନ୍ନ ରାଜ୍ୟକୁ ପର୍ଯ୍ୟଟକ ଭାବରେ ନେଇ ବୁଲାଇବା ଓ ସେଠାକାର ସାମାଜିକ ସମ୍ପର୍କ ସହ ସଂସ୍କୃତି ଓ ପରମ୍ପରାକୁ ଅନୁଭବ କରାଇବା ପାଇଁ ନେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଯୁବା ସଂଗମ ୨.୦ରେ ରାଜସ୍ଥାନ ଏନଆଇଟି ନେତୃତ୍ୱରେ ରାଜସ୍ଥାନ ଛାତ୍ରଛାତ୍ରୀମାନେ ନେତୃତ୍ୱରେ ଓଡ଼ିଶାକୁ ଆସିଛନ୍ତି । ଆଇଆଇଟି ଭୁବନେଶ୍ୱର ନେତୃତ୍ୱରେ ଓଡ଼ିଆ ଛାତ୍ରଛାତ୍ରୀମାନେ ରାଜସ୍ଥାନ ଯାଇଥିଲେ । ଏହା ପୂର୍ବରୁ ଯୁବା ସଂଗମ ୧ରେ ସିକିମ ଛାତ୍ରୀଛାତ୍ରୀମାନେ ଏନଆଇଟି ରାଉରକେଲା ଆସିଥିଲେ ଏବଂ ଏନଆଇଟି ରାଉରକେଲା ନେତୃତ୍ୱରେ ଓଡ଼ିଆ ଛାତ୍ରଛାତ୍ରୀମାନେ ସିକିମ ଯାଇଥିଲେ । ଏବେ ଭାରତର ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳକୁ ଏହି କାର୍ଯ୍ୟକ୍ରମ ଅଧୀନରେ ୪ ମାସ ମଧ୍ୟରେ ଯୋଡାଯାଇ ସାରିଲାଣି । ପାଖାପାଖି ଅଢେଇ ହଜାର ଯୁବ ଛାତ୍ରଛାତ୍ରୀ ଭାରତବର୍ଷର ସବୁ ରାଜ୍ୟକୁ ବୁଲିବା ପାଇଁ ଯାଉଛନ୍ତି । ଏହା ଦ୍ୱାରା ସମାଜରେ ଏକତାର ଭାବ, ସ୍ନେହ ଓ ଶ୍ରଦ୍ଧା ବଢୁଛି । ଏହା ହିଁ ଏକ ଭାରତର ମୂଳ ମନ୍ତ୍ର । ଯୁବା ସଂଗମକୁ ଆଗକୁ ଜାରୀ ରଖିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ପ୍ରତିଶ୍ରୁତିବଦ୍ଧ । ପ୍ରତି ଦୁଇ ମାସକୁ ଥରେ ଶିକ୍ଷାନୁଷ୍ଠାନ ଗୁଡିକରେ ପ୍ରତିଯୋଗିତା ଆଧାରରେ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ବାହାରକୁ ନିଆଯିବ ଏବଂ ତାହାର ସବୁ ବ୍ୟବସ୍ଥା ଭାରତ ସରକାର ବହନ କରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏଥିରେ ଦୈନିକ ସମ୍ବାଦପତ୍ର ସମାଜର ସମ୍ପାଦକ ନିରଞ୍ଜନ ରଥ ଯୋଗଦେଇ ଯୁବା ସଂଗମକୁ ପ୍ରଶଂସା କରିବା ସହ ଯୁବପିଢିମାନେ ଲକ୍ଷ୍ୟ ପଥରେ ଯାଆନ୍ତୁ ଏବଂ ସଫଳ ହୁଅନ୍ତୁ ବୋଲି କହିଥିଲେ । ସେହିପରି ଲେଖକ ହରପ୍ରସାଦ ଦାସ ଯୋଗଦେଇ କହିଛନ୍ତି ଯେ ଏଭଳି କାର୍ଯ୍ୟକ୍ରମ ଆମ ସମୟରେ ନଥିଲା । ଏଭଳି କାର୍ଯ୍ୟକ୍ରମ ବର୍ତମାନ ସମୟରେ ଏକ ବଡ ଉପଲବ୍ଧି । ଯୁବା ସଂଗମ ନୂଆ ଭାରତର ପ୍ରତକ ବୋଲି କହିଥିଲେ ।

୩୪୨ କୋଟି ଟଙ୍କାର ଆଇଆର୍‌ଏଲ୍ ଠକେଇ ମାମଲା

ଅଭିଯୁକ୍ତ ଲକ୍ଷ୍ମଣ ଶ୍ରୀନିବାସନଙ୍କ ଜାମିନ ଖାରଜ

କଟକ(ଭାସ୍କର ନ୍ୟୁଜ୍): ୩୪୫୨ କୋଟି ଟଙ୍କାର ଆଇଆର୍‌ଏଲ୍ (ଇନଫିନିଟି ରିୟଲକନ୍ ଲିମିଟେଡ୍) ଠକେଇ ମାମଲାରେ ଅଭିଯୁକ୍ତ ଲକ୍ଷ୍ମଣ ଶ୍ରୀନିବାସନଙ୍କ ଜାମିନ ହାଇକୋର୍ଟରେ ଖାରଜ ହୋଇଯାଇଛି । ଶ୍ରୀନିବାସନଙ୍କ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ଗୌରୀ ଶଙ୍କର ଶତପଥୀଙ୍କ ଇଜିଲାସ ତାଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି । ଆଇଆର୍‌ଏଲ୍ ଠକେଇ ଘଟଣାରେ ପ୍ରଥମେ ଗତ ୨୦୧୩, ମସିହା ମଇ ୧୪ ତାରିଖରେ ବାଲିଆପାଳ ଥାନାରେ ତାଙ୍କ ବିରୋଧରେ ଏତ

ଡେଲାଙ୍ଗ,(ଭାସ୍କର ନ୍ୟୁଜ୍) : ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଚାଇଁପୁର ପଞ୍ଚାୟତ କର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଗ୍ରାମ ପଞ୍ଚାୟତସ୍ତରୀୟ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ଭାରତୀ ଚମ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ଚାଇଁପୁର ପଞ୍ଚାୟତର ଶତାଧିକ ଏସଏଚଜି ସଦସ୍ୟା ଯୋଗଦେଇ ଜନ ସୁରକ୍ଷା ଅଧୀନରେ ବିତ୍ତୀୟ ବ୍ୟବସ୍ଥାର ପରିଚାଳନା ଓ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ ହୋଇଥିଲେ।ଏହି ଶିବିରରେ ଭାରତୀପୁର ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ମନୋଜ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ମହିଳା ସଦସ୍ୟାମାନଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ନାମାଙ୍କନ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ।ସ୍ଥାନୀୟ ସରପଞ୍ଚ ଜୟନ୍ତୀ ବରାଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ସେନାପତି, ଜିଆରଏସ ଆରତୀ ହାତୀ, ବ୍ୟାଙ୍କ ମିତ୍ର ସୌଦାମିନୀ ପାତ୍ର, ସମାଜସେବୀ ରାଜୀବ ବାହିନୀପତି ପ୍ରମୁଖ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଏହି ଶିବିର ପରିଚାଳନା କାର୍ଯ୍ୟରେ ସହଯୋଗ ପାଇଁ ଏସଏଚଜି ସଭାନେତ୍ରୀ ଭାରତୀ ଚମ୍ପତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

ବସ୍ ମାଲିକ ସଂଘ ପକ୍ଷରୁ ବିରାଟ ପଟୁଆରରେ ମା'ଙ୍କ ନଗର ପରିକ୍ରମା : ସହର ପାଲଟିଲା ଜନ ସମୁଦ୍ର

ଭଞ୍ଜନଗର,(ଭାସ୍କର ନ୍ୟୁଜ୍) : ସ୍ଥାନୀୟ ବସ୍ ମାଲିକ ସଂଘ, ବସଷ୍ଟାଣ୍ଡ ବଣିକ ସଂଘ ଓ ଉପେନ୍ଦ୍ର ଭଞ୍ଜ ଅଟୋ ଆସୋସିଏସନ୍ ପକ୍ଷରୁ ଶନିବାର ମା'ବ୍ୟାଘ୍ରଦେବୀ ଓ ମା'ଠାକୁରାଣୀ ଙ୍କ ଯାତ୍ରା ନିଆ ଯାଇଥିବା ବେଳେ ବିରାଟ ପଟୁଆରରେ ମାଆ ସାଆନ୍ତାଣୀ ନଗର ପରିକ୍ରମା କରିଥିଲେ। ଶନିବାର ମାଆ ସାଆନ୍ତାଣୀ ଙ୍କ ନଗର ପରିକ୍ରମା ବେଳେ ସାରା ସହର ଜନ ସମୁଦ୍ର ରେ ପରିଣତ ହୋଇ ଯାଇଥିବା ଦେଖିବାକୁ ମିଳିଥିଲା। ପାଖାପାଖି ଏକ କିଲୋମିଟର ଧରି ବିଭିନ୍ନ ଧରଣର ବିରାଟ ପଟୁଆର ଦେଖି ଶ୍ରଦ୍ଧାଳୁ ଭକ୍ତଜନମାନେ ବେଶ ଆତ୍ମ ସନ୍ତୋଷ ଲାଭ କରିଥିଲେ। ମା'ବ୍ୟାଘ୍ରଦେବୀ ଓ ମା'ଠାକୁରାଣୀ ମାଆ କାଳୀଙ୍କ ସହ ଗମ୍ଭୀରାରୁ ନିର୍ଦ୍ଧାରିତ ସମୟରେ ବାହାରିଥିଲେ।ଘଣ୍ଟ ଘଣ୍ଟା କାହାଳୀ ସହ ଢୋଲ ମହୁରୀ ଶଙ୍ଖ ହୁଳହୁଳି ମଧ୍ୟରେ ମା'ମୁଖ୍ୟ ରାସ୍ତା ଅତିକ୍ରମ କରି ବସଷ୍ଟାଣ୍ଡ ପରିସରରେ ପହଞ୍ଚି ସେଠାରେ ବସ୍ ମାଲିକ ସଂଘ କାର୍ଯ୍ୟାଳୟ ଠାରେ ପୂଜା ଗ୍ରହଣ କରିଥିଲେ। ପରେ ମାଆ ପୁନଶ୍ଚ ମୁଖ୍ୟ ରାସ୍ତା ରେ ଆସି ରେଡକ୍ରସ ରୋଡ ଅତିକ୍ରମ କରି ଷ୍ଟେଟ ବ୍ୟାଙ୍କ ଛକ ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ଦେଇ ମହାବୀର ଛକ ଥାନା ଛକ ହୋଇ ବିଳମ୍ବିତ ରାତିରେ ମା'ମୁଖ୍ୟ ରାସ୍ତା ଅତିକ୍ରମ କରି ଶେଷରେ ଗମ୍ଭୀରାରେ ପ୍ରବେଶ କରିଥିଲେ। ଶେଷରେ ଭୋଗ ଲାଗି ହେବା ପରେ ମା'ଙ୍କ ପହଡ ନୀତି ସଂପନ୍ନ ହୋଇଥିଲା। ସନ୍ଧ୍ୟାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ କବି ସମ୍ରାଟ ରଙ୍ଗମଞ୍ଚ ରେ ଅସୀମା ପଣ୍ଡା ଓ ତାଙ୍କ ସାଥିମାନଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସାଂସ୍କୃତିକ ସଂଧ୍ୟା କୁ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଶାନ୍ତ କୁମାର ବିଶୋୟୀ ଯୋଗ ଦେଇଥିଲେ। ଯାତ୍ରା କମିଟି ସଭାପତି ରାଜେନ୍ଦ୍ର ବିଶୋୟୀ, ସଂପାଦକ ସୁଧୀର ରଞ୍ଜନ ବେହେରା, ମୁଖ୍ୟ ସଂଗଠନ ସଂପାଦକ ତଥା ନଗରପାଳ ଗୋପବନ୍ଧୁ ମହାପାତ୍ର ଓ ସଂଗଠନ ସଂପାଦକ ସୁଶାନ୍ତ ମହାପାତ୍ର, ସାଂସ୍କୃତିକ ସଂପାଦକ ଜଗଦ୍ଦୀଶ ପାଣିଗ୍ରାହୀ ଓ ଯୁଗ୍ମ ସଂପାଦକ ଲୋକନାଥ କର ପ୍ରମୁଖ ମଞ୍ଚରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଂପାଦକ ସୁଧୀର ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଯୁଗ୍ମ ସଂପାଦକ ଲୋକନାଥ କର।

ଅଳିଆକୁଣ୍ଡ ଡମ୍ପିଂୟାର୍ଡ ନିର୍ମାଣ ନାମରେ ମହାଦୁର୍ନୀତି

ନିମାପଡା (ଭାସ୍କର ନ୍ୟୁଜ୍) : ନିମାପଡା ବ୍ଲକ ଅରିଷଣ୍ଟ ପଞ୍ଚାୟତରେ ଅଳିଆ କୁଣ୍ଡ ନିର୍ମାଣ ନାମରେ ବ୍ୟାପକ ଅର୍ଥ ହରିଲୁଟ ହୋଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉନାହିଁ। କେତେକ ସ୍ଥାନରେ ଅଳିଆ କୁଣ୍ଡ ନିର୍ମାଣ ହୋଇଥିବା ବେଳେ ସେଥିରେ ଅଳିଆ ପକାନଯାଇ ଚୋରା ମଦ ବ୍ୟବସାୟୀ ଓ ଧଳା ଜହର ବ୍ୟବସାୟୀଙ୍କ କୁଡିଆ ଘର ପାଲଟିଛି। ଅଳିଆ କୁଣ୍ଡରେ ବସି ନିଦ୍ଦନ୍ଦ୍ରରେ ଚଳାଉଛନ୍ତି ନିଶା କାରବାର। ଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିରେ ଡମ୍ପିଂ ୟାର୍ଡ ଅଳିଆ କୁଣ୍ଡ କାହା ନିର୍ଦ୍ଦେଶରେ ନିର୍ମାଣ କରାଯାଇଛି ତାହା ଏବେ ବଡ ପ୍ରଶ୍ନ ଭାବେ ଠିଆ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଅରିଷଣ୍ଟ ପଞ୍ଚାୟତରେ ଅଳିଆ କୁଣ୍ଡ କାର୍ଯ୍ୟ ନିମ୍ନମାନର କରାଯାଇ ଅର୍ଥ ହରିଲୁଟ ହୋଇଛି। କୌଣସି ସ୍ଥାନରେ ଅଳିଆ କୁଣ୍ଡ କାର୍ଯ୍ୟରେ ଆସୁନଥିବା ଦେଖିବାକୁ ମିଳିଛି। ଅଳିଆ କୁଣ୍ଡ ଘରଠାରେ ଜମୁଛି ନିଶାଖୋରଙ୍କ ଆଡ୍ଡା। ଜଗନ୍ନାଥ ମହାପ୍ରଭୁଙ୍କୁ ଭୂସମ୍ପତ୍ତିରେ ଅଳିଆ କୁଣ୍ଡ ଓ ଡମ୍ପିଂ ୟାର୍ଡ ଓ ଗୃହ ନିର୍ମାଣ କରାଯାଇଥିବା ବେଳେ କାହା ଆଦେଶ ବଳରେ ଏଠାରେ ନିର୍ମାଣ କରାଯାଇଛି, କେଉଁ ବ୍ଲକ ଅଧିକାରୀ ଏଠାରେ ନିର୍ମାଣ କରାଯାଇଥିବା ଅଳିଆକୁଣ୍ଡକୁ ଲେ ଆଉଟ କରିଛନ୍ତି ସେହି ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇ ଏହି ପଞ୍ଚାୟତରେ ମହାଦୁର୍ନୀତି ଘଟିଥିବା ବେଳେ ବ୍ଲକ ପ୍ରଶାସନ ଏପରି କାର୍ଯ୍ୟକୁ କଣ ପାଇଁ ପ୍ରୋତ୍ସାହନ ଦେଉଛି ତାହା ଆଶ୍ଚର୍ଯ୍ୟ ପ୍ରକଟ କରିଛି। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହୋଇଛି।

ପୂର୍ବ ଆକ୍ରୋଶରୁ ୨ ପରିବାର ମଧ୍ୟରେ ଗଣ୍ଡଗୋଳ : ୨ ଅଟକ

ଗୋପ (ଭାସ୍କର ନ୍ୟୁଜ୍) : ପୂର୍ବ ଶତ୍ରୁତାକୁ ନେଇ ଦୁଇ ପରିବାର ମଧ୍ୟରେ ମାରପିଟ୍ ହଣାହଣି ହୋଇଥିବା ବେଳେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏତଲାକୁ ଭିତ୍ତିକରି ଥାନା ପକ୍ଷରୁ ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରାଯାଇ ଉଭୟ ପକ୍ଷରୁ ଦୁଇ ଜଣଙ୍କୁ ଅଟକ ରଖାଯାଇଛି। ଅଭିଯୋଗ ମୁତାବକ ଗୋପ ଥାନା ଅଧିନ ଦିହୁଡା ଗ୍ରାମର ବୀର କିଶୋର ସ୍ୱାଇଁ ଆଜି ସକାଳୁ ତାଙ୍କ ବାରିରେ ବାଡ ବୁଜୁଥିବା ସମୟରେ ତାଙ୍କ ପଡୋଶୀ ଚନ୍ଦ୍ର ଶେଖର ନାୟକ ଏବଂ ତାଙ୍କ ପରିବାର ପୂର୍ବ ଆକ୍ରୋଶ ମୂଳକ ମନୋଭାବ ରଖି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ କଟୁରୀ ଓ ବଡାରେ ତାଙ୍କୁ ଏବଂ ତାଙ୍କ ସ୍ତ୍ରୀଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଏଥିରେ ଗୁରୁତର ହୋଇ ବୀର କିଶୋର ଏବଂ ତାଙ୍କ ସ୍ତ୍ରୀ ରଂଜନା ଗୋପ ଡାକ୍ତରଖାନାରେ ଚିକିତ୍ସିତ ହେବା ସହ ଏନେଇ ଗୋପ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ବୀର କିଶୋର ଓ ରଂଜନା ତାଙ୍କୁ ଆକ୍ରମଣ କରିଥିବା ନେଇ ଚନ୍ଦ୍ର ଶେଖରଙ୍କ ପରିବାର ପକ୍ଷରୁ ଏକ ପାଲଟା ଅଭିଯୋଗ ଥାନାରେ କରିଛନ୍ତି। ଏନେଇ ଥାନା ପକ୍ଷରୁ ପୃଥକ ପୃଥକ ୨ ଟି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ବେଳେ ବିରକିଶୋର ଓ ଦିଲ୍ଲିପଙ୍କୁ ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି।

ଶିବ ବିବାହ ନିମନ୍ତେ ପ୍ରସ୍ତୁତି ବୈଠକ

ନିଷ୍କିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ନିଷ୍କିନ୍ତକୋଇଲି ବ୍ଲକ ବୁହାଳୋ ଗ୍ରାମପଂଚାୟତ ବରପଡାସ୍ଥିତ ପ୍ରସିଦ୍ଧ ସୋମନାଥ ମନ୍ଦିରରେ ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମହା ସମାରୋହରେ ଶିବ ବିବାହ ଉତ୍ସବ ଅନୁଷ୍ଠିତ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଛି। ଆସନ୍ତା ୨୪ ତାରିଖ ଦିନ ଏହି ପ୍ରସିଦ୍ଧ ମନ୍ଦିରରେ ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଶିବ ପାର୍ବତୀ ବିବାହ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ୨୪ ତାରିଖ ପ୍ରାତଃରେ ପୁଣ୍ୟତୋୟା ଚିତ୍ରୋତ୍ପଳା ହରିବୋଲିଆ କୁଦକୁ ସ୍ନାନ କରିବା ନିମନ୍ତେ ମହାପ୍ରଭୁ ସୋମନାଥ ଯିବା ସହ ବରବେଶରେ ଏକ ବିରାଟ ପଟୁଆରରେ ଗ୍ରାମ୍ୟ ପରିକ୍ରମା କରି ସୋମନାଥ ମନ୍ଦିରରେ ପହଂଚିବେ। ଏହି ଅବସରରେ ଅନୁଷ୍ଠିତ ବିବାହ ଉତ୍ସବରେ ସମାଜସେବୀ ଡ. ଦେବ୍ ମହାନ୍ତି ଓ ତାଙ୍କର ସହଧର୍ମିଣୀ ଶ୍ରୀମତୀ ହରପ୍ରିୟା ମହାନ୍ତି ବର ପିତା ମାତା ହେବାକୁ ଥିଲା ବେଳେ ବିପିନ ବିହାରୀ ଦଣ୍ଡପାଟ ଓ ତାଙ୍କର ଧର୍ମପତ୍ନୀ ପୁଷ୍ପଲତା ଦଣ୍ଡପାଟ କନ୍ୟାପିତା ମାତା ହୋଇ ଏହି ବିବାହ କାର୍ଯ୍ୟକୁ ସମ୍ପାଦନ କରିବେ ବୋଲି ଜଣାଯାଇଛି। ଏହି ଅବସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଚନ୍ଦ୍ର ଶେଖର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ସମସ୍ତ ସେବକ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ନୂତନ ରାଜସ୍ୱ ଗ୍ରାମସୀମା ନିର୍ଦ୍ଧାରଣ ବୈଠକ

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ତହସିଲ ଅଧିନ ଦେଓପଦା ରାଜସ୍ୱ ଗ୍ରାମ ଠାରୁ ପୃଥ୍ କ ହୋଇ ନୂତନ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ଲାଭ କରିଥିବା ମେଘା ଓ ସାତଶୋଳା ଗ୍ରାମ ଠାରୁ ବିଚ୍ଛିନ୍ନ ହୋଇ ନୂତନ ରାଜସ୍ୱ ଗ୍ରାମ ଗାନ୍ଧୀଗ୍ରାମ ବେଳମଳାର ସୀମା ନିର୍ଦ୍ଧାରଣ ପାଇଁ ଶନିବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଓପଦା ଅଙ୍ଗନୱାଡି କେନ୍ଦ୍ରରେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତହସିଲଦାର ସରୋଜକାନ୍ତ ନାୟକ, ସୁପରଭାଇଜର ମୃତ୍ୟୁଞ୍ଜୟ ନାୟକ, ରାଜସ୍ୱ ନିରୀକ୍ଷକ ଦେବୀପ୍ରସନ୍ନ ବାରିକ, ଏଆରଆଇ କମଳାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ନୂତନ ରାଜସ୍ୱ ଗ୍ରାମର ମେଘାର ସୀମା ଚିହ୍ନଟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୋଦ ବିହାରୀ ରାଉତ, ସଞ୍ଜିବ ରାଉତ, ପ୍ରଦୀପ ଖୁଣ୍ଟିଆ, ନୃସିଂହ ଖୁଣ୍ଟିଆ, ଫକିର ଜେନା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ସେହିପରି ନାଆମୀ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସଶ୍ମିତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅନୁରୂପ ବୈଠକରେ ନୂତନ ରାଜସ୍ୱ ଗ୍ରାମ ଗାନ୍ଧୀଗ୍ରାମ ବେଳମଳା ସୀମା ଚିହ୍ନଟ କରାଯାଇଥିଲା।

ମୋବାଇଲ ଚୋରକୁ କୋର୍ଟଚାଲାଣ

ନିଷ୍କିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ନିଷ୍କିନ୍ତକୋଇଲି ଥାନା ପୋଲିସ ଜଣେ ମୋବାଇଲ ଚୋରକୁ ଗିରଫକରି କୋର୍ଟ ଚାଲାଣ କରିଥିବାର ପୋଲିସ ସୂତ୍ରରୁ ପ୍ରକାଶ। ଜଗତସିଂହପୁର ଜିଲ୍ଲା ରମ୍ଭାଦେଇପୁର ଗ୍ରାମର ସୂର୍ଯ୍ୟ ନାରାୟଣ ପତି ସ୍ଥାନୀୟ ଅଂଚଳରେ କାମ କରୁଥିଲା ବେଳେ କେଂଟାଳୋ ଗ୍ରାମପଂଚାୟତ ମଲ୍ଲିପୁର ଗ୍ରାମର ସୂର୍ଯ୍ୟକାନ୍ତ ପାତ୍ର ଙ୍କର ମୋବାଇଲ ଓ ୫ଶହ ଟଙ୍କା ଚୋରି କରି ନେଇଥିଲେ। ଏସମ୍ପର୍କରେ ସୂର୍ଯ୍ୟନାରାୟଣ ପତି ନିଷ୍କିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ଥାନା ପୋଲିସ ଏହି ଘଟଣାର ତଦନ୍ତ କରିବା ସହ ସୂର୍ଯ୍ୟକାନ୍ତଙ୍କୁ ଗିରଫ କରିଥିଲେ। ପୋଲିସ ସୂର୍ଯ୍ୟକାନ୍ତଙ୍କ ଠାରୁ ଚୋରି ମୋବାଇଲଟିକୁ ଉଦ୍ଧାର କରିଥିଲା ବେଳେ ଥାନା କେଶ ନଂ୯୩/୨୦୨୩ରେ ଏକ ମାମଲା ରୁଜୁ କରି ସୂର୍ଯ୍ୟକାନ୍ତଙ୍କୁ କୋର୍ଟ ଚାଲାଣ କରିଥିବାର ଥାନା ଆଇଆଇସି ଚିନ୍ମୟୀ ସାହୁ ଓ ଏଏସଆଇ ଅନିଲ କୁମାର ନାୟକଙ୍କ ସୂତ୍ରରୁ ପ୍ରକାଶ।

ଆଠ ପଞ୍ଚାୟତରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ବଡଚଣା ବ୍ଲକର ଆଠଗୋଟି ପଞ୍ଚାୟତରେ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚମ ଅର୍ଥ ଆୟୋଗରୁ ଆସିଥିବା ଅର୍ଥ ଟଙ୍କାଟିଏ ଖର୍ଚ୍ଚ ହୋଇନାହିଁ। ଏନେଇ ବଡଚଣା ବିଡ଼ିଓଙ୍କ ପତ୍ର ସଂଖ୍ୟା ୨୪/୬୩ ୧୮-୦୫-୨୦୨୩ ମୁଖ୍ୟ ଉନ୍ନୟନ ଅଧିକାରି ଯାଜପୁର ପତ୍ର ସଂଖ୍ୟା ୩୮/୩୬ ୧୭-୦୫-୨୦୨୩ ରେ ନିର୍ଦ୍ଦେଶ ଦେଇଛନ୍ତି ତୁରନ୍ତ ଏହି ଅର୍ଥ ବିନିଯୋଗ କରିବା ପାଇଁ। ଆଠଟି ପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ଆଦେଶ ଦେଇଛନ୍ତି। ଏହି ପଞ୍ଚାୟତ ଗୁଡ଼ିକ ହେଉଛି ସୁଙ୍ଗୁଡା, କୁନ୍ଦଳ, ଗୋପାଳପୁର, କାଇମାଟିଆ, ମାଣ୍ଡୁକା, ନଳୀପୁର, ପତ୍ରାଜ ପୁର, ସମିଆ ଏହି ପଞ୍ଚାୟତ ଗୁଡ଼ିକ ପଞ୍ଚମ ଅର୍ଥ ଆୟୋଗରୁ ଅନୁଦାନ ଉଦ୍ଦେଶ୍ୟ ମୂଳକ ଭାବେ ଖର୍ଚ୍ଚ କରିନଥିବାରୁ ଏହାକୁ ପଞ୍ଚାୟତରାଜ ଓ ପାନୀୟ ବିଭାଗ ଗୁରୁତର ସହ ଗ୍ରହଣ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ନାମ ଦେଇଥିବା ବିଡ଼ିଓଙ୍କ ଚିଠି ଦର୍ଶାଇଛନ୍ତି।

ବିପୁଳ ପରିମାଣରେ ଗଞ୍ଜେଇ ଜବତ

କଣ୍ଟାମାଳ(ଭାସ୍କର ନ୍ୟୁଜ): ମନମୁଣ୍ଡା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୩୩କେଜି ଗଞ୍ଜେଇ ଜବତ କରାଯାଇଥିବା ଜଣା ପଡ଼ିଛି।ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମନମୁଣ୍ଡା ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆ ଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ ମନୋହର ପୁର ଗ୍ରାମ୍ୟ ଜଙ୍ଗଲରେ ଚଢ଼ାଉ କରିଥିଲେ। ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲୁଥିବା ବେଳେ ପୋଲିସକୁ ଦେଖି ମାଫିଆ ମାନେ ଘଟଣା ସ୍ଥଳରୁ ଫେରାର ହୋଇଥିଲେ। ପୋଲିସ ଘଟଣା ସ୍ଥଳରୁ ୩୩ କେଜି ଗଞ୍ଜେଇ ଜବତ କରିଛି। ଏ ସଂକ୍ରାନ୍ତରେ ମନ ମୁଣ୍ଡା ଥାନାରେ ୧୨୯/୨୩ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରିଥିବା ଥାନା ଅଧିକାରୀ ଶ୍ରୀ ଭିତିରିଆ ସୂଚନା ଦେଇଛନ୍ତି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ବିଧାୟକ

ଖଇରପୁଟ (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କାରି ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଲେ ପୂର୍ବତନ ବିଧାୟକ ମାନସ ମାଡକାମୀ। ଆଜି ଶ୍ରୀ ମାଡକାମୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗ୍ରସ୍ତ କରି ବିଭିନ୍ନ ବିଷୟରେ ସମୀକ୍ଷା କରିଛନ୍ତି। ଏହି ସମୟରେ ସେଠାରେ ଚିକିତ୍ସାଧିନ ଥିବା ତଣ୍ଡାପାଲି ଗ୍ରାମର ରଞ୍ଜନ ମଣ୍ଡଳଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ମଧ୍ୟ ସେ ପଚାରି ବୁଝିବା ସହ ଡାକ୍ତର ଙ୍କ ସହିତ ଆଲୋଚନା କରି କିପରି ତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ସେନେଇ ଆଲୋଚନା କରିଥିଲେ। ଏହାସହ ଅନ୍ୟ ରୋଗୀଙ୍କ ସହ ମଧ୍ୟ ଆଲୋଚନା କରି ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଶ୍ରୀ ମାଡକାମୀ ମେଡ଼ିକାଲ ଅଧିକାରୀ ଙ୍କ ସହ ଆଲୋଚନା କରିଥିଲେ। ଏହାସହ ମେଡ଼ିକାଲ ରେ ପ୍ରଦାନ କରାଯାଉଥିବା ଖାଦ୍ୟ,ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧାର ମଧ୍ୟ ସେ ସମୀକ୍ଷା କରିଥିଲେ। ଏହି ଅବସର ରେ ମାଲକାନଗିରି ଜିଲ୍ଲା ଟାଣୁଆ ନେତା ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ମାନସ ମାଡକାମିଙ୍କ ସହ କାଲିମେଳା ଜୋନ୍ ୩ ସଭାପତି ସୁବ୍ରତ ସିଲ,ଭେଙ୍କଟପାଲମ ନାୟକ ସରପଞ୍ଚ ଅସିତ ମଣ୍ଡଳ,ଦଳୀୟ କର୍ମୀ ରାମାୟଣ ମଣ୍ଡଳ,ପିଚୁ ମଣ୍ଡଳ,କେ.ରାହୁଲ,ବି.ବିଭୁତି ଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ।

୯୩ତମ ଲବଣ ସତ୍ୟାଗ୍ରହ ଚିନ୍ତନ ସ୍ମାରକୀ ସମାରୋହ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଖଣ୍ଡାସାହି ଓଲଙ୍ଗର ନିକଟରେ ୧୯୩୦ମସିହା ମେ ମାସ ୨୧ତାରିଖ ରେ ସଂଗଠିତ ହୋଇଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୁହୁଡି ଲବଣସତ୍ୟାଗ୍ରହ ପୂର୍ବ ଦିନ ଅର୍ଥାତ ମେ ୨୦ତାରିଖ ଖଣ୍ଡାସାହି, ଓଲଙ୍ଗର ଠାରେ ସତ୍ୟାଗ୍ରହୀ ମାନେ ଏକ ଗୁପ୍ତ ମନ୍ତ୍ରଣା ଶିବିର ଆୟୋଜନ କରି ଲୁଣମରା ପାଇଁ ଖସଡ଼ା ପ୍ରସ୍ତୁତ କରିଥିଲେ. ଜାତୀୟ ସଂହତି ର ଏହି ସ୍ମୃତି କୁ ଉଜାବିତ କରିବାକୁ ଓଲଙ୍ଗର ଖଣ୍ଡାସାହି ଛକ ଠାରେ ବିଶିଷ୍ଟ ଶିକ୍ଷାବିତି ସ୍ୱପ୍ନେଶ୍ୱର ସାହୁ